

## ଫୁଟବଲ କ୍ଲବ୍ କିଣିଲେ ରୋନାଲ୍ଡୋ

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
# THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-242 ◆FRIDAY ◆27 FEBRUARY 2026 ◆PAGE-12 ◆₹ 7.00

JEYPORE

◆ବର୍ଷ-୪୩ ◆ସଂଖ୍ୟା-୨୪୨ ◆ଶୁକ୍ରବାର ◆୨୭ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦






10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | SHRIRAM Finance | IDFC FIRST Bank ALWAYS YOU FIRST | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ସଞ୍ଚୟ 28 ଫେବୃୟାରୀ 2026 ପର୍ଯ୍ୟନ୍ତ ପ୍ରଯୁଜ୍ୟ । ଉଦ୍ଧୃତ ମୋଟ ସଞ୍ଚୟ ହେଉଛି କ୍ୟାଶ୍ ବ୍ୟାକ୍‌ଜନିତ ସଞ୍ଚୟ । ଶୂନ୍ୟ ପ୍ରୋସେସିଙ୍ଗ ଫୀ ଓ 5 ମାଗଣା ସର୍ଭିସ୍ (3 ଷ୍ଟାଣ୍ଡାର୍ଡ ମାଗଣା ସର୍ଭିସ୍ ଓ 2 ଅତିରିକ୍ତ ମାଗଣା ସର୍ଭିସ୍) । ମାଗଣା ସର୍ଭିସ୍ ଙ୍କ ସଞ୍ଚୟସବୁ ନିର୍ଦ୍ଧାରିତ ଲେବର୍ ଚାର୍ଜେସ୍ ଉଦିଷ୍ଟ । ପ୍ରଯୁଜ୍ୟ ଅଫର୍‌ସବୁ ମଡେଲ/ପ୍ରଦେଶ ଅନୁସାରେ ଭିନ୍ନ ହୋଇପାରେ । ଶୂନ୍ୟ ପିଏଫ୍ ରେ ସଞ୍ଚୟ, ଫାଇନାନ୍‌ସର୍ ଉପରେ ନିର୍ଭର କରି ବିଭିନ୍ନ ଅଞ୍ଚଳରେ ଭିନ୍ନ ହୋଇପାରେ । ଫାଇନାନ୍‌ସର୍ ଙ୍କ ନିଜସ୍ୱ ବିବେଚନା ଆଧାରରେ ଫାଇନାନ୍‌ସ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମଗୁଡ଼ିକ ପାଳନ କରନ୍ତୁ । ପଲ୍‌ସର 125 ଅଫର୍ ନିଅନ୍ ଓ କାର୍ବନ୍ ଫାଇବର୍ ମଡେଲ୍ ସକାଶେ ।

**Authorised Dealers for BAJAJ Auto Ltd.: Jeypore:** DURRANI TRADERS 9124212491 • **Nabarangapur** DURRANI TRADERS 9124212490 , • Raighar DURRANI TRADERS 8260225498• **Bhawanipatna** KALINGA AUTO SERVICE 8763863692 • **Bolangir** URBASI BAJAJ 7381052046. • **Rayagada** SITA RAMA BAJAJ 7205631185, • **Gunupur** SITA RAMA BAJAJ 9437771070.

# ମଣ୍ଡି ଓ ମିଲ୍ ଯନ୍ତ୍ରଣା; ଆଖି ବୁଜିଲେ ଚାଷୀ

## ୧୬ ଜାନୁଆରୀରେ ଆସିଥିଲା ଟୋକନ, ୨୫ ଫେବୃଆରୀରେ ଦେଲେ ଧାନ

ରାଜନଗର,୨୬।୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଜୁଣଗଡି ଗାଁରେ ମଣ୍ଡି ଓ ମିଲରଙ୍କ ନିର୍ଯାତନା ସହି ନ ପାରି ଚାଷୀ ଶେଷରେ ଆଖି ବୁଜିଛନ୍ତି। ଦୀର୍ଘ ୪୦ ଦିନ କାଳ ଦୌଡି ଦୌଡି ଅଣନିଶ୍ୱାସୀ ହୋଇପଡିଥିବା ଚାଷୀ ଶେଷରେ ଆଖି ବୁଜିଛନ୍ତି। ମୃତ ଚାଷୀ ତ୍ରିଲୋଚନ ନାୟକ (୫୩ ବର୍ଷ)। ୩ ଦିନ କାଳ ମିଲ ସାମ୍ନାରେ ଖୋଲା ଆକାଶ ତଳେ ଅଖିଆ ଅପିଆ ପଡି ରହି ଅସୁସ୍ଥ ହୋଇପଡିଥିଲେ। ମିଲରୁ ଫେରି ଘରେ ଗତକାଲି ରାତିରେ ପହଞ୍ଚିବା କ୍ଷଣି ତାଙ୍କର ମୃତ୍ୟୁ ଘଟିଛି।



ଜୁଣଗଡି ଗାଁର ତ୍ରିଲୋଚନ ନାୟକଙ୍କର ୧୬ ଜାନୁଆରୀରେ ଧାନ ଦେବାକୁ ମେସେଜ ଆସିଥିଲା। ୧୫ ଫେବୃଆରୀରେ ଧାନ ଦେବାର ଶେଷ ତାରିଖ ଥିଲା। ତ୍ରିଲୋଚନ ଜାନୁଆରୀ ୧୬ ତାରିଖଠାରୁ ଇଶ୍ୱରପୁରସ୍ଥ ଡାଙ୍ଗମାଳ ସେବା ସମବାୟ ସମିତି ମଣ୍ଡିକୁ ବାରମ୍ବାର ଦୌଡି ଥକି ପଡିଥିଲେ ବି ଧାନ ଦେଇପାରି ନ ଥିଲେ। ଟୋକାନ ଅବଧି ସରିବାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ ୧୪ ଫେବୃଆରୀରେ ତ୍ରିଲୋଚନ ଧାନ ଦେଇ ନ ଥିଲେ ମଧ୍ୟ ତାଙ୍କ ଆଖି ସ୍କାନ କରାଯାଇଥିଲା। ଫେବୃଆରୀ ୨୩ ତାରିଖ ଦିନ ତ୍ରିଲୋଚନ ଓ ତାଙ୍କ ଭାଇ ଦୁର୍ଯ୍ୟୋଧନ ଧାନ ନେଇ ନୁରୁଗାଁସ୍ଥ ରାମଚଣ୍ଡୀ ମିଲକୁ ଯାଇଥିଲେ। ରାମଚଣ୍ଡୀ ମିଲରେ ୨୩ରୁ ୨୫ ତାରିଖ ସନ୍ଧ୍ୟା ଯାଏଁ ତ୍ରିଲୋଚନ ଓ ଦୁର୍ଯ୍ୟୋଧନ ଅଖିଆ ଅପିଆ ପଡ଼ିରହିଥିଲେ। ଖୋଲା ଆକାଶ ତଳେ ତିନିଦିନ ଅଖିଆ ଅପିଆ ରହିବା ଯୋଗୁ ତ୍ରିଲୋଚନ ନିଜକୁ ଅସୁସ୍ଥ ଅନୁଭବ କରିଥିଲେ। ସନ୍ଧ୍ୟାରେ ତ୍ରିଲୋଚନଙ୍କୁ ଘରକୁ ବିଦା କରି ତାଙ୍କ ଭାଇ ଦୁର୍ଯ୍ୟୋଧନ ମିଲରେ ରହିଥିଲେ। ତ୍ରିଲୋଚନ ଘରେ ପହଞ୍ଚିବା କ୍ଷଣି ଅଧିକ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ପ୍ରଥମେ ଇଶ୍ୱରପୂର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାତରିତ କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତ୍ରିଲୋଚନ ଅସୁସ୍ଥ ହୋଇ ପଡିବା ପରେ ଦୁର୍ଯ୍ୟୋଧନ ମିଲରଙ୍କୁ ତାଙ୍କ ଧାନ ଖାଲି କରିଦିଅନ୍ତୁ। ଭାଇ ମେଡିକାଲରେ ପଡିଛି ବୋଲି ବାରମ୍ବାର ନେହୁରା ହେବା ପରେ ରାମଚଣ୍ଡୀ ମିଲର ଶୋଷଣ କରିଥିଲେ। ଧାନ ଅନଲୋଡ କରିବା ପାଇଁ ୩ ହଜାର ଟଙ୍କା ଓ ଧାନ କ୍ୱିଣ୍ଟାଲ ପିଛା ଆଉ ଅଧିକ ୩ କେଜି ଲେଖାଏଁ ଧାନ କାଟିବେ ବୋଲି ମୂଲଚାଲ କରିବା ପରେ ଧାନ ଅନଲୋଡ କରିଥିଲେ। ତ୍ରିଲୋଚନଙ୍କ ଭାଇ ଦୁର୍ଯ୍ୟୋଧନ ତାଙ୍କ ଭାଇଙ୍କ ମୃତ୍ୟୁ ପାଇଁ ସେବା ସମବାୟ ସମିତିର କର୍ମଚାରୀ ଓ ମିଲରଙ୍କୁ ଦାୟୀ କରିଛନ୍ତି। ୪୦ ଦିନ କାଳ ଦୌଡି ଦୌଡି ଶେଷରେ ସହସମ୍ପାଦକ ୧୦୦୦ ଟଙ୍କା ନେଇ ରାମଚଣ୍ଡୀ ମିଲରେ ଧାନ ଦେବାକୁ ଟୋକାନ ଦେଇଥିଲେ। ୨୩ରୁ ୨୫ ତାରିଖ ଯାଏଁ ଖରା ଓ କାକରରେ ଅଖିଆ ଅପିଆ ପଡି ରହିଥିଲୁ। କ୍ୱିଣ୍ଟାଲ ପିଛା ୯ କେଜି ଲେଖାଏଁ ମିଲରେ ଧାନ କାଟି ରଖିଥିଲେ। ମିଲରେ ଧାନ ଅନଲୋଡ ପାଇଁ ମିଲର ୩୦୦୦ ଟଙ୍କା ନେଇଛନ୍ତି ଓ ୨ ଟି ଟ୍ରାକ୍ଟର ଭଡା ବାବଦକୁ ୧୫ ହଜାର ଟଙ୍କା ଆମେ ଦେଇଛୁ। ମିଲରଙ୍କ ନିର୍ଯାତନା ସହି ନ ପାରି ଭାଇଙ୍କ ଜୀବନ ଚାଲିଗଲା ବୋଲି କହିବା ସହ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଖବର ପାଇ ରାଜନଗର ତହସିଲଦାର ଯୀଶୁକୃଷ୍ଣ ଦାସ ମଣ୍ଡି ଓ ରାମଚଣ୍ଡୀ ମିଲରେ ପହଞ୍ଚି ତଦନ୍ତ କରିଛନ୍ତି। କେନ୍ଦ୍ରାପଡା ଜିଲ୍ଲାପାଳ ଆର ରଘୁନାଥ ଆୟାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

---

### ନବୀନ ନିବାସରେ ବିଜେଡିର ରାଜନୈତିକ ବ୍ୟାପାର କମିଟି ବୈଠକ

# ନବୀନ ନେବେ ରାଜ୍ୟସଭା ପ୍ରାର୍ଥିତ୍ୱ ନିଷ୍ପତ୍ତି

ଭୁବନେଶ୍ୱର,୨୬।୨(ସମିସ): ରାଜ୍ୟସଭା ପ୍ରାର୍ଥିତ୍ୱ ସମ୍ପର୍କରେ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିଷ୍ପତ୍ତି ନେବେ। ନବୀନ ନିବାସରେ ଦଳର ରାଜନୈତିକ ବ୍ୟାପାର କମିଟି ବୈଠକରେ ଏପରି ନିଷ୍ପତ୍ତି ହୋଇଛି ଏବଂ ନବୀନ ଯାହା ନିଷ୍ପତ୍ତି ନେବେ, ସେହି ଅନୁଯାୟୀ ଆମର ବିଧାୟକମାନେ ଭୋଟଦାନ କରିବେ ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ବରିଷ୍ଠ ବିଧାୟିକା ପ୍ରମିଳା ମଲ୍ଲିକ କହିଛନ୍ତି। ପିଏସି ବୈଠକ ପରେ ଗଣମାଧ୍ୟମକୁ

### ପ୍ରତିମାସରେ ଗୋଟିଏ ଲେଖାଏଁ ସମସ୍ୟାକୁ ସ୍ୱର କରିବ ଦଳ

ସୂଚନା ଦେଇ ସେ କହିଛନ୍ତି ଯେ ଆମ ନେତାଙ୍କୁ ପ୍ରାର୍ଥୀ ଚୂଡ଼ାନ୍ତ କରିବା ପାଇଁ ଆମେ ଅନୁରୋଧ କରିଛୁ। ସେ ଯାହା ଚୂଡ଼ାନ୍ତ କରିବେ, ତାହା ଆମ ପାଇଁ ସର୍ବମାନ୍ୟ ବୋଲି ସେ କହିଛନ୍ତି।

ସେହିପରି ବୈଠକର ଅନ୍ୟ ଆଲୋଚନା ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି ଯେ କ୍ଷମତାକୁ ଆସିବା ପୂର୍ବରୁ ରାଜ୍ୟ ସରକାର ଅନେକ ନିର୍ବାଚନ ପ୍ରତିଶ୍ରୁତି ଦେଇଥିଲେ, ମାତ୍ର ଏବେ ତାହାକୁ ପାଳନ କରୁନାହାନ୍ତି। ବିଶେଷକରି ଚାଷୀମାନେ ରାଜ୍ୟବ୍ୟାପୀ ଯନ୍ତ୍ରଣାରେ ଜର୍ଜରିତ ହେଉଥିବା ବେଳେ ବିଜେଡି ଏନେଇ ରାଜ୍ୟବାପୀ ବିକ୍ଷୋଭ, ଆନ୍ଦୋଳନ କରିସାରିଛି। ଏବେ



ବିଜେଡି ହାତରେ ଆଇନ ଶୃଙ୍ଖଳା, ଭତ୍ତା, ମହିଳା ସୁରକ୍ଷା, ମହାନଦୀ ପରି ରାଜ୍ୟସ୍ୱାର୍ଥ ସମ୍ପର୍କିତ ପ୍ରସଙ୍ଗ ରହିଛି। ଆଗାମୀ ଦିନରେ ବିଜେଡି କେଉଁ ସମସ୍ୟାକୁ ନେଇ ନିଜର କାର୍ଯ୍ୟକ୍ରମ ଆରମ୍ଭ କରିବ, ସେନେଇ ବୈଠକରେ ବିଶଦ୍ ଭାବରେ ଆଲୋଚନା ହୋଇଛି। ପ୍ରତି ମାସରେ କିପରି ଗୋଟିଏ ଲେଖାଏଁ ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗକୁ ନେଇ ବିଜେଡି ଲୋକଙ୍କ ସ୍ୱର ପାଲଟିବ, ସେନେଇ ବୈଠକରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଛି। ସେହିପରି ସଂଗଠନକୁ ସୁଦୃଢ଼ ସହ ଯୁବ, ଛାତ୍ର ଓ ମହିଳା ସଂଗଠନକୁ କିପରି କ୍ରିୟାଶୀଳ ହେବ ସେନେଇ ଆଲୋଚନା ହୋଇଥିବା ଶ୍ରୀମତି ମଲ୍ଲିକ ସୂଚନା ଦେଇଛନ୍ତି। ବୈଠକରେ ନବୀନଙ୍କ ରାଜନୈତିକ ସଚିବ ଡ. ସଂନ୍ତୃପ୍ତ ମିଶ୍ର, ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର, ସଞ୍ଜୟ କୁମାର ଦାସବର୍ମା, ନିରଞ୍ଜନ ପୂଜାରୀ, ପ୍ରଣବ ପ୍ରକାଶ ଦାସ, ଡ. ସସ୍ମିତ ପାତ୍ର, ବିକ୍ରମ କେଶରୀ ଆରୁଖ ଓ ସୁଦାମ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

ଅପରପକ୍ଷେ ମହିଳା ବିଜେଡି ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ ବିଜେଡିର ସର୍ବୋଚ୍ଚ ନେତା ଯେତେବେଳେ ବି ରାଜ୍ୟସଭା କଥା ଚିନ୍ତା କରିଛନ୍ତି, ସେତେବେଳେ ସେ ପ୍ରଥମେ ଓଡ଼ିଶାର ହିତ କଥା ଚିନ୍ତା କରିଛନ୍ତି। ଓଡ଼ିଶାର ଲୋକଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ସେ ସବୁବେଳେ ଉଚିତ୍ ପଦକ୍ଷେପ ନେଇଛନ୍ତି। ଆଜି ମଧ୍ୟ ସେ ଯାହାକୁ ରାଜ୍ୟସଭା ପଠାଇବାକୁ ନିଷ୍ପତ୍ତି ନେବେ, ନିଶ୍ଚିତ ଭାବେ ସଠିକ୍ ନିଷ୍ପତ୍ତି ନେବେ। ଯିଏ ଓଡ଼ିଶାର ସ୍ୱାର୍ଥ ଏବଂ ହିତକୁ ଦୃଷ୍ଟିରେ ରଖି କାମ କରିପାରୁଥିବ, ସେହିପରି ବ୍ୟକ୍ତିବିଶେଷଙ୍କୁ ସେ ରାଜ୍ୟସଭା ପଠାଇବେ ବୋଲି ଶ୍ରୀମତୀ ଛୁରିଆ ସୂଚନା ଦେଇଛନ୍ତି।

---

# ବିଜେଡି ନେଲା ୬ ସେଟ୍ ନାମାଙ୍କନ ପତ୍ର ଫର୍ମ

## ହାଇଦରାବାଦର କାନ୍ତେ ସାୟାନ୍ନାଙ୍କ ନାମାଙ୍କନ

ଭୁବନେଶ୍ୱର,୨୬।୨(ସମିସ): ରାଜ୍ୟସଭା ନିର୍ବାଚନ ବିଜ୍ଞପ୍ତି ପ୍ରକାଶର ପ୍ରଥମ ଦିନରେ ବିଜେଡି ନେଇଛି ୬ ସେଟ୍ ନାମାଙ୍କନ ପତ୍ର। ରିଟର୍ଣ୍ଣିଂ ଅଫିସରଙ୍କ ଉପସ୍ଥିତିରେ ଦଳର ରାଜ୍ୟସଭା ସାଂସଦ ଡ. ସସ୍ମିତ ପାତ୍ର ନାମାଙ୍କନ ପତ୍ର ଆଣିଛନ୍ତି। ରାଜ୍ୟରେ ଖାଲି ହେବାକୁଥିବା ୪ ରାଜ୍ୟସଭା ଆସନ ମଧ୍ୟରୁ ବିଜେଡି ଗୋଟିଏ ଆସନରେ ବିଜୟୀ ହେବା ନିଶ୍ଚିତ ଓ ଏହା ପରେ ଦଳ ନିକଟରେ ୧୬ଟି ବଳକା ପ୍ରଥମ ପସନ୍ଦ ଭୋଟ ରହିବ। ଏହା ସତ୍ତ୍ୱେ ଦଳ ପକ୍ଷରୁ ୬ ସେଟ୍ ପ୍ରାର୍ଥୀପତ୍ର ନିଆଯିବାକୁ ନେଇ କଳ୍ପନାଜଳ୍ପନା ଜୋର ଧରିଛି। ବିଜେଡି ରାଜ୍ୟସଭା ନିର୍ବାଚନ ପାଇଁ ଦୁଇ ଜଣଙ୍କୁ ପ୍ରାର୍ଥୀ କରିପାରେ ବୋଲି ଅନେକ ରାଜନୈତିକ ସମୀକ୍ଷକ ମନେ କରୁଛନ୍ତି। ନବୀନ ସବୁବେଳେ ପ୍ରତିପକ୍ଷ ରାଜନୈତିକ ଦଳକୁ ଆଶ୍ଚର୍ଯ୍ୟ କରିବା ପରି ପଦକ୍ଷେପ ନେଇଥାଆନ୍ତି, ତେଣୁ ଆଗାମୀ ଦିନରେ ସେ କେଉଁ ପଦକ୍ଷେପ ନେବେ ତାହା ଉପରେ ସମସ୍ତଙ୍କର ନଜର ରହିଛି। ସେହିପରି ହାଇଦ୍ରାବାଦର କାନ୍ତେ ସାୟାନ୍ନା ନାମକ ନାମକ ଜଣେ ନିର୍ଦ୍ଦଳୀୟ ବ୍ୟକ୍ତି ଗୋଟିଏ ସେଟ୍ ଫର୍ମ ନେବା ସହ ଆଜି ନାମାଙ୍କନ କରିଛନ୍ତି। ବିନା କୌଣସି ପ୍ରସ୍ତାବକଙ୍କ ଦସ୍ତଖତରେ ସେ ନାମାଙ୍କନ ଭରିଥିବା ଜଣାପଡ଼ିଛି।

---

# ବିଜେପି ପ୍ରାର୍ଥୀ ନିଷ୍ପତ୍ତି ନେବ ସଂସଦୀୟ ବୋର୍ଡ: ପ୍ରଭାରୀ

ଭୁବନେଶ୍ୱର,୨୬।୨(ସମିସ): ଗୁରବାରଠାରୁ ରାଜ୍ୟସଭା ନିର୍ବାଚନ ପାଇଁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଦିନେ ଦୁଇଦିନ ମଧ୍ୟରେ ବିଜେପି ନିଜର ପ୍ରାର୍ଥୀଙ୍କ ନାମ ଘୋଷଣା କରିପାରେ। ଏନେଇ ସୂଚନା ଦେଇଛନ୍ତି ବିଜେପି ରାଜ୍ୟ ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର।

ଶ୍ରୀ ତୋମାର କହିଛନ୍ତି ଯେ ଆମର ଦଳରେ ପ୍ରାର୍ଥୀ ଚୟନ ପାଇଁ ଏକ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ରହିଛି। ନିକଟରେ ବସିଥିବା କୋର୍ କମିଟି ବୈଠକରେ ପ୍ରସ୍ତାବିତ ନାମକୁ ବିଜେପି ସଂସଦୀୟ ବୋର୍ଡ ନିକଟକୁ ପଠାଇ ଦିଆଯାଇଛି। ଆଜି କିମ୍ବା କାଲି ସଂସଦୀୟ ବୋର୍ଡର ବୈଠକ ବସିପାରେ। ବୈଠକରେ ହିଁ ପ୍ରାର୍ଥିତ୍ୱ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ଜଣାଇ ଦିଆଯିବ ବୋଲି ଶ୍ରୀ ତୋମାର କହିଛନ୍ତି। ଅପରପକ୍ଷେ ୪ ଆସନରୁ ବିଜେପିର ୨ଟି ଆସନରେ ବିଜୟ ସୁନିଶ୍ଚିତ ଥିବାବେଳେ ରେସରେ ରାଜ୍ୟସଭା ଦୌଡ଼ରେ ସୁଜିତ୍ କୁମାର ଏବଂ ପୂର୍ଣ୍ଣିମା କେର୍କେଟାଙ୍କ ନାମ ସର୍ବାଗ୍ରେ ରହିଥିବା ଜଣାପଡ଼ିଛି। ବିଶେଷକରି ଆଜି ରାଜ୍ୟ ବିଜେପି ନେତୃବୃନ୍ଦଙ୍କ ସୁଜିତ୍ କୁମାରଙ୍କ ଘଣ୍ଟାଧିକ କାଳ ଆଲୋଚନା ଏହି ଚର୍ଚ୍ଚାକୁ ବଳ ଦେଇଛି। ଗୁରବାର ସୁଜିତ କୁମାରଙ୍କୁ ରାଜ୍ୟ ବିଜେପି କାର୍ଯ୍ୟାଳୟରୁ ଡକରା ଆସିଥିବା ବେଳେ ବିଜେପି ସଭାପତି ମନମୋହନ ସାମଲ, ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାରଙ୍କ

### ■ ଚର୍ଚ୍ଚା ବଢ଼ାଇଲା ଆର୍‌ଆଇଟିଇଏସ୍‌ରୁ ପୂର୍ଣ୍ଣିମାଙ୍କ ଇସ୍ତଫା
### ■ ରାଜ୍ୟସଭା ଯିବାକୁ ଅରାଜି ହେଉଛନ୍ତି ମନମୋହନ

ସହ ସେ ଦୀର୍ଘ ସମୟ ଆଲୋଚନା କରିଛନ୍ତି। ଆଲୋଚନା ସମାପ୍ତ ପରେ ତାଙ୍କ ବାବଭାବରୁ ସେ ବେଶ୍ ଉତ୍ସାହିତ ଥିବା ଜଣାପଡୁଥିଲା।

ଅପରପକ୍ଷେ ସୁନ୍ଦରଗଡ଼ ଜିଲ୍ଲା ବିଜେପି ସଭାପତି ପୂର୍ଣ୍ଣିମା କେର୍କେଟା ଦିନକ ତଳେ ରେଳ ମନ୍ତ୍ରାଳୟ ଅନ୍ତର୍ଗତ ଆରଆଇଟିଇଏସର ସ୍ୱାଧୀନ ନିର୍ଦ୍ଦେଶକ ପଦରୁ ଇସ୍ତଫା ଦେଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ରାଜ୍ୟସଭା ସାଂସଦ ନିର୍ବାଚନ ଏବଂ ତାଙ୍କର ଇସ୍ତଫାକୁ ଏବେ ରାଜନୈତିକ ସମୀକ୍ଷକମାନେ ଯୋଡ଼ି ଦେଖୁଛନ୍ତି। ପୂର୍ଣ୍ଣିମା ବିଜେପିରେ ଦୀର୍ଘ ସମୟ ଧରି କାମ କରିଆସିଥିବା ବେଳେ ସେ କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମଙ୍କ ଘନିଷ୍ଠ ବୋଲି କୁହାଯାଉଛି। ବର୍ତ୍ତମାନ ସେ ସୁନ୍ଦରଗଡ଼ ଜିଲ୍ଲା ବିଜେପି ସଭାନେତ୍ରୀ ମଧ୍ୟ ଅଛନ୍ତି। ଏହି ଦୃଷ୍ଟିରୁ ରାଜ୍ୟସଭା ପାଇଁ ତାଙ୍କ ନାମକୁ ଦଳ ବିଚାର କରିପାରେ ବୋଲି ସୂଚନା ମିଳିଛି। ସେହିପରି କୋର କମିଟି ରାଜ୍ୟ ବିଜେପି ସଭାପତି ମନମୋହନଙ୍କ ନାମ ସୁପାରିସ କରିଥିଲେ ହେଁ ସେ ରାଜ୍ୟସଭାକୁ ଯିବାକୁ ଅନିଚ୍ଛା ପ୍ରକାଶ କରିଥିବା ତାଙ୍କ ନିକଟତମ ମହଲରେ ଚର୍ଚ୍ଚା ହେଉଛି। ତେଣୁ ଦଳ ଯଦି ତୃତୀୟ ପାର୍ଥୀ ଦେବାକୁ ବିଚାର କରେ, ତେବେ ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କୁ ପ୍ରାର୍ଥୀ କରାଯାଇପାରେ ବୋଲି ଏହି ସୂତ୍ରରୁ ସୂଚନା ମିଳିଛି।

---

# ରାଜ୍ୟସଭା ପ୍ରାର୍ଥୀ ଦେବା ପ୍ରସଙ୍ଗରେ ଦିଲ୍ଲୀ ଯିବେ ଭକ୍ତ

## କଂଗ୍ରେସ ଏହି ନିର୍ବାଚନରେ ସକ୍ରିୟ ଭୂମିକା ଗ୍ରହଣ କରିବ

ଭୁବନେଶ୍ୱର,୨୬।୨(ସମିସ): ରାଜ୍ୟର ଖାଲି ପଡୁଥିବା ୪ଟି ରାଜ୍ୟସଭା ଆସନରେ ନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ନିର୍ବାଚନ ପାଇଁ ପ୍ରମୁଖ ରାଜନୈତିକ ଦଳମାନେ ସଜବାଜ ଆରମ୍ଭ କରିଥିବା ବେଳେ ଚତୁର୍ଥ ଆସନକୁ ନେଇ ଏବେ ବି କଳ୍ପନାଜଳ୍ପନା ଲାଗି ରହିଛି। ତେବେ ଆବଶ୍ୟକ ସଂଖ୍ୟା ନ ଥାଇ ମଧ୍ୟ ନିର୍ବାଚନ ରେସ୍‌ରେ ନିଜର ଉପସ୍ଥିତି ଜାହିର କରିବାକୁ କଂଗ୍ରେସ ଜୋରଦାର ଉଦ୍ୟମ କରୁଛି। ତେଣୁ ବିଜେପିକୁ ଚତୁର୍ଥ ଆସନଠାରୁ ଦୂରେଇ ରଖିବାକୁ ଦଳ ସତ ଚେଷ୍ଟା କରୁଛି। ଏହି କ୍ରମରେ ରାଜ୍ୟସଭା ନିର୍ବଚନକୁ ନେଇ କଂଗ୍ରେସର ରଣନୀତି ସମ୍ପର୍କରେ ଦିଲ୍ଲୀରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ ବୋଲି ସ୍ଥିର ହୋଇଛି। ଅନେଇ ପିସିସି ସଭାପତି ଭକ୍ତ ଚରଣ ଦାସ ସୂଚନା ଦେବା ସହିତ ଦିଲ୍ଲୀରେ ଚୂଡାନ୍ତ ନିଷ୍କର୍ଷ ବାହାରିବ ବୋଲି କହିଛନ୍ତି।

ଭକ୍ତ କହିଛନ୍ତି, ୨୮ ତାରିଖ ସୁଦ୍ଧା ରାଜ୍ୟସଭା ନିର୍ବାଚନରେ ପାର୍ଥୀ ଦେବା ପ୍ରସଙ୍ଗରେ ନିଷ୍ପତ୍ତି ନିଆଯିବ। ଆମେ ଦିନେ କି ଦୁଇ ଦିନ ଭିତରେ ଦିଲ୍ଲୀ ଯିବୁ। ହାଇକମାଣ୍ଡଙ୍କ ସହ ଆଲୋଚନା ପରେ ଆମେ ନିଷ୍ପତ୍ତି ନେବୁ। କଂଗ୍ରେସ ଦଳ ରାଜ୍ୟସଭା ନିର୍ବାଚନରେ ସକ୍ରିୟ ଭୂମିକା ଗ୍ରହଣ କରିବ। ରାଜ୍ୟସଭା ପାର୍ଥୀ ଆମେ ଦଳରୁ ଦେବୁ କି ବାହାରୁ ଦେବୁ ତାହା ଦିଲ୍ଲୀରେ ହାଇକମାଣ୍ଡଙ୍କ ସହ ଆଲୋଚନା ପରେ ସ୍ପଷ୍ଟ ହେବ। ସେହିପରି ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସହ ସାକ୍ଷାକୁ ନେଇ ଏବେ ବି ଭକ୍ତ ଆଶାବାଦୀ ଥିବା ଜଣାପଡ଼ିଛି। ତେବେ କଂଗ୍ରେସ ଏ ନିର୍ବାଚନରେ ଶକ୍ରିୟ ଭୂମିକା ଗ୍ରହଣ କରିବ ବୋଲି ଭକ୍ତ ଦୃଢ଼ତାର ସହ କହିଛନ୍ତି।

---

### କୋରାପୁଟ ପୁଲିସକୁ ରେକର୍ଡ ସଫଳତା

# ୨୦୫ କୋଟି ଟଙ୍କାର ତରଳ ଗଞ୍ଜେଇ, ଗଞ୍ଜେଇ ଜବତ

କୋରାପୁଟ, ୨୬।୨(ସମିସ): ଗୁରୁବାର କୋରାପୁଟ ଜିଲ୍ଲା ପୁଲିସ ପାଇଁ ଏକ ଐତିହାସିକ ଦିନ। ଜିଲ୍ଲାରେ ବେଆଇନ ଗଞ୍ଜେଇ ଚାଲାଣ ରୋକିବା, ଗଞ୍ଜେଇ ଜବତ ଓ ଗଞ୍ଜେଇ ମାଫିଆ ମାନଙ୍କୁ ଗିରଫ କରି

### ଓଡ଼ିଶା-ଆନ୍ଧ୍ର ସୀମାରେ ଅସ୍ଥାୟୀ ପ୍ରସ୍ତୁତିକରଣ ୟୁନିଟ୍ ଠାବ



ପୁଲିସ ଅନେକ ସଫଳତା ପାଇଥିବା ବେଳେ ଆଜି ଗୋଟିଏ ସ୍ଥାନରୁ ଏକକାଳୀନ ୨୦୦ କୋଟି ଟଙ୍କାର ତରଳ ଗଞ୍ଜେଇ ସହ ୫କୋଟି ଟଙ୍କାର ଗଞ୍ଜେଇ ଜବତ କରି ରେକର୍ଡ ସୃଷ୍ଟି କରିଛି। ଏତେ ମୂଲ୍ୟର ବେଆଇନ ଗଞ୍ଜେଇ ଜବତ କରିବା ଏହା ରାଜ୍ୟରେ ପ୍ରଥମ ଘଟଣା ବୋଲି ଜଣାପଡ଼ିଛି। ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ ଡିଆଇଜି ଡ କନୱର ବିଶାଳ ସିଂ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଓଡିଶା ଆନ୍ଧ୍ର ସୀମା ପାଡୁଆ ଥାନା ଅଧୀନ ଜଲାପୁଟ ଜଳଭଣ୍ଡାର ଅଞ୍ଚଳର ଏକ ଜଙ୍ଗଲରେ ବେଆଇନ ଭାବେ ତରଳ ଗଞ୍ଜେଇ ପ୍ରସ୍ତୁତି କରାଯାଇ ବାହାର ରାଜ୍ୟକୁ ଚାଲାଣ କରାଯାଉଥିବା ସୂଚନା କୋରାପୁଟ ଏସ୍‌ପିଙ୍କୁ ଗୋଇନ୍ଦା ବିଭାଗ ପକ୍ଷରୁ ମିଳିଥିଲା। ସୂଚନା ଆଧାରରେ ଏସ୍‌ପି ରୋହିତ ବର୍ମାଙ୍କ ନେତୃତ୍ୱରେ ପୁଲିସ ଟିମ୍ ବୁଧବାର ବିଳମ୍ବିତ ରାତିରେ ବହୁ କଷ୍ଟରେ ନୌକାରେ ଜଳଭଣ୍ଡାର ପାରି ହେବା ସହ ଜଙ୍ଗଲର ପାଦ ଚଲା ରାସ୍ତାରେ ଚାଲି ଚାଲି ଅସ୍ଥାୟୀ ପ୍ରସ୍ତୁତି କରଣ ୟୁନିଟରେ ପହଞ୍ଚି ଥିଲେ। ଉକ୍ତ ଅସ୍ଥାୟୀ ୟୁନିଟରୁ ପୁଲିସ ୧୮୦୦ ଲିଟରରୁ ଅଧିକ ହାଶିଶ ତେଲ ବା ତରଳ ଗଞ୍ଜେଇ ଏବଂ ୧୦୦୦ କିଲୋରୁ ଅଧିକ ଗଞ୍ଜେଇ ଜବତ କରିଥିଲେ। ଜବତ ତରଳ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୨୦୦ କୋଟି ଟଙ୍କା ଓ ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୫ କୋଟି ଟଙ୍କା ହେବ ବୋଲି ଡିଆଇଜି ସୂଚନା ଦେଇଛନ୍ତି। ଅସ୍ଥାୟୀ ୟୁନିଟରୁ ବିଭିନ୍ନ ସାମଗ୍ରୀ ମଧ୍ୟ ପୁଲିସ ଜବତ କରିଥିବା ଦକ୍ଷିଣା ପଶ୍ଚିମାଞ୍ଚଳ ଡିଆଇଜି ଶ୍ରୀ ସିଂ ସୂଚନା ଦେଇଛନ୍ତି। ଏହାର ମୁଖ୍ୟ ସୂତ୍ରଧାରଙ୍କୁ ଚିହ୍ନଟ କରାଯାଇଛି ଏବଂ ସେମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ କହିଛି। ହାଶିଶ ତେଲ ତିଆରିରେ ଆନ୍ତଃରାଜ୍ୟ ଯୋଗସୂତ୍ର ଥିବାର ପ୍ରାରମ୍ଭିକ ପ୍ରମାଣ ମିଳିଛି। ଅଭିଯାନ ଚାଲୁଥିବାରୁ ଏହି ମହୂର୍ତ୍ତରେ ଅଧିକ ସୂଚନା ଖୋଲାସା କରାଯାଉନଥିବା ଡିଆଇଜି କନୱାର ବିଶାଳ ସିଂ ପ୍ରକାଶ କରିଛନ୍ତି।

---

# ୫ କୋଟିର ଗଞ୍ଜେଇ ଜବତ

## ୨ ମାକ୍ସ ପିକ୍‌ଅପ୍ ସହ ୪ ଗିରଫ

ନନ୍ଦପୁର,୨୬।୨(ସମିସ): ନନ୍ଦପୁର ଥାନା ପୁଲିସ ଗଞ୍ଜେଇ ଚାଲାଣ ରୋକିବାରେ ସଫଳ ହୋଇଛି। ଗତ ରାତିରେ ନନ୍ଦପୁର ପୁଲିସ ଦୁଇ ପିକ୍‌ଅପ୍ ଗାଡ଼ି ଉପରେ ଚଢ଼ଉ କରି ୫ କୋଟିରୁ



ଅଧିକ ମୂଲ୍ୟର ଗଞ୍ଜେଇ ଜବତ କରିଛି। ଚୋରା ଚାଲାଣରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

ସୂଚନା ଅନୁସାରେ. ଖେଜନା ବୋଝେଇ ଆଳରେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ଓଡି ୧୦ ଏକ୍ସ ୭୦୨୭ ଓ ଓଡି ୧୦ ଡି ୯୩୩୪ ନମ୍ବର୍ ଦୁଇଟି ମାକ୍ସ ପିକଅପ୍ ଗାଡ଼ିକୁ ଅଟକାଇ ତଲାସି କରିବା ସମୟରେ ପୁଲିସର ହୋସ୍ ଉଡି ଯାଇଥିଲା। ୪୬ଟି ଜରି ବସ୍ତାରେ ମୋଟ ୧୧୪୪ କେଜି ଗଞ୍ଜେଇ ଜବତ ହୋଇଥିଲା। ଏହାର ଆନୁମାନିକ ମୂଲ୍ୟ ୫ କୋଟି ଟଙ୍କାରୁ ଅଧିକ ହେବ ବୋଲି ପୁଲିସ ଅନୁମାନ କରୁଛି। ଗଞ୍ଜେଇ ବୋଝେଇ ଦୁଇ ଗାଡ଼ି ସହ ଦୁଇ ଡ୍ରାଇଭର ଯଥା ସେମିଳିଗୁଡା ତଳ ସାହିର ଲୋକନାଥ ବେହେରା ଓ କୁମାର ସ୍ୱାମୀ ବେହେରାଙ୍କ ସହ ଅନ୍ୟ ଦୁଇ ଚାଲାଣକାରୀ ହରିଆଣାର ତୁଙ୍ଗଲ ରାମ ବାବା ଓ ସୁଣ୍ଡରଙ୍କୁ ପୁଲିସ ଗିରଫ କରିଛି। ଗିରଫ ପରେ ସ୍ଥାନୀୟ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇର ଓଜନ କରାଯାଇଥିଲା। ଏ ସମ୍ପର୍କରେ ଗୁରୁବାର ନନ୍ଦପୁର ଉପଖଣ୍ଡ ଭାରପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ସୁମିତ୍ରା ଜେନା ପ୍ରେସମିଟ୍ ମାଧ୍ୟମରେ ସୂଚନା ଦେଇ କହିଛନ୍ତି ଯେ, ହରିୟାଣା ରାଜ୍ୟର ଦୁଇ ବ୍ୟବସାୟୀ ସହ ଦୁଇ ଗାଡ଼ି ମାଲିକଙ୍କୁ ଗିରଫ କରାଯାଇଛି। ଚାରି ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। କୋରାପୁଟ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ନନ୍ଦପୁର ଆଇଆଇସି ତ୍ରିନାଥ ତୋଟା ପାଡିଆଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଏସ୍‌ଆଇ ଜ୍ୟୋତିର୍ମୟୀ ଶବର, ଏଏସ୍‌ଆଇ ବଳରାମ ହିକକା, ଗୁପ୍ତେଶ୍ୱର ଗୌଡ଼ ଓ ଜୟ ପ୍ରଧାନଙ୍କ ପ୍ରମୁଖ ଏହି ଅଭିଯାନକୁ ସଫଳ କରିଥିଲେ।

---

### ଗ୍ରାମାଞ୍ଚଳରୁ ଦୂର ହେଉଛି ମାଓ ଭୟ

# ୨୦ ମାଓସ୍ତୂପକୁ ଧ୍ୱଂସ କଲେ ଗ୍ରାମବାସୀ

ମାଲକାନଗିରି, ୨୬।୨(ସମିସ): ମାଲକାନଗିରି ଜିଲ୍ଲାରେ ଆଉ ନାହିଁ ମାଓ ଭୟ। ବିଭିନ୍ନ ଦୁର୍ଗମ ଅଞ୍ଚଳର ଲୋକେ ମାଓ ଭୟରୁ ନିଜକୁ ବାହାର କରିବା ସହ ବିଭିନ୍ନ ମାଓ ସଂଗଠନ ନିର୍ମାଣ କରିଥିବା ୨୦ ସ୍ତୂପକୁ ଭାଙ୍ଗି ଦେଇଛନ୍ତି। ଏପରି ଚିତ୍ର ଆସିଛି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳ ସହ କାଲିମେଳା, ମାଥିଲି, ଖଇରପୁଟ ଆଦି ବିଭିନ୍ନ ସ୍ଥାନରୁ। ଯେଉଁଠାରେ ଗ୍ରାମବାସୀମାନେ ସ୍ୱେଚ୍ଛାକୃତ ଭାବରେ ମାଓ ସ୍ମାରକ ତଥା ସ୍ତୂପକୁ ଭାଙ୍ଗି ନଷ୍ଟ କରିଛନ୍ତି। ଗ୍ରାମବାସୀମାନେ ସାମୂହିକ ଆଲୋଚନା ମାଧ୍ୟମରେ ନିଷ୍ପତ୍ତି ନେଇ ମାଓବାଦକୁ ବିରୋଧ କରି ଏହି ନିଷ୍ପତ୍ତି ନେଇଛନ୍ତି। ଜିଲ୍ଲା ଏସପି ବିନୋଦ ପାଟିଲ ପ୍ରକାଶ କରିଛନ୍ତି ଯେ, ଲୋକମାନେ ସଂଘର୍ଷ ଏବଂ ବିଚ୍ଛିନ୍ନତା ଅପେକ୍ଷା ବିକାଶ, ଶାନ୍ତି ଏବଂ ସୁଯୋଗ ଚାହାଁନ୍ତି। ମାଲକାନଗିରି ପୁଲିସ ଶାନ୍ତି ବଜାୟ ରଖିବା, ସୁରକ୍ଷା




ସୁନିଶ୍ଚିତ କରିବା ଏବଂ ବିକାଶକୁ ପ୍ରୋତ୍ସାହିତ କରୁଥିବା ସମସ୍ତ ପଦକ୍ଷେପକୁ ସମର୍ଥନ କରିବା ପାଇଁ ପ୍ରତିବଦ୍ଧ ବୋଲି ସେ ପ୍ରକାଶ କରିଛନ୍ତି।

---


# ରାଜନଗରରେ ଚାଷୀ ମୃତ୍ୟୁ ପାଇଁ ସରକାର ଦାୟୀ: ବିଜେଡି

ଭୁବନେଶ୍ୱର,୨୬।୨(ସମିସ): ରାଜ୍ୟରେ ଧାନ ସଂଗ୍ରହ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିବା ବେଳେ ଚାଷୀ ହନ୍ତସନ୍ତ ହେଉଛନ୍ତି। ଏହି ସମୟରେ କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ଅଞ୍ଚଳରେ ଜଣେ ଚାଷୀଙ୍କ ମୃତ୍ୟୁକୁ ନେଇ ସରକାରଙ୍କୁ ସିଧାସଳଖ ଦାୟୀ କରିଛି ବିଜେଡି।

### ନୈତିକତା ଦୃଷ୍ଟିରୁ ଯୋଗାଣ ମନ୍ତ୍ରୀ ଇସ୍ତଫା ଦିଅନ୍ତୁ

ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଭିନ୍ନ ସମୟରେ ମିଥ୍ୟା ତଥ୍ୟ ଦେଉଥିବାରୁ ଆଜି ଚାଷୀଙ୍କ ମୃତ୍ୟୁ ପାଇଁ ତାଙ୍କର ଇସ୍ତଫା ଦାବି କରିଛି ବିଜେଡି।

ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଲେନିନ ମହାନ୍ତି ଧାନ ସଂଗ୍ରହ କ୍ଷେତ୍ରରେ ରାଜ୍ୟ ବିଜେପି ସରକାରଙ୍କ ବିଫଳତାକୁ ଗୋଟି ଗୋଟି କରି ବଖାଣିଛନ୍ତି। ଦେବୀ କହିଛନ୍ତି ଯେ ରାଜ୍ୟ ବିଜେପି ସରକାରଙ୍କର ବିଫଳତା ତାଲିକା ଦିନକୁ ଦିନ ଲମ୍ବା ହୋଇ ଚାଲିଥିବା ବେଳେ ରାଜ୍ୟ ବିଜେପି ସରକାର କେବଳ ନିଜ ପିଠି ନିଜେ ଥାପୁଡ଼େଇବାରେ ବ୍ୟସ୍ତ। ରାଜ୍ୟରେ



ଧାନ ସଂଗ୍ରହ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ଯାଇଛି। ଧାନ ସଂଗ୍ରହ ବ୍ୟବସ୍ଥା ବିଫଳତା କାରଣରୁ ଆଜି ରାଜ୍ୟର ଜଣେ ଚାଷୀ ତ୍ରିଲୋଚନ ନାୟକଙ୍କ ମୃତ୍ୟୁ ହୋଇଛି। ଜାନୁଆରି ୧୬ ତାରିଖରେ ସେ ଟୋକନ ପାଇଥିଲେ। କଟନୀ ଛଟନୀରେ ତାଙ୍କର ପ୍ରତି କୁଇଣ୍ଟାଲରେ ୬ କିଗ୍ରା କଟା ଯାଇଛି। ଧାନ ବିକ୍ରି କରିବା ପାଇଁ ମୃତ ତ୍ରିଲୋଚନ ନାୟକ ପ୍ରତ୍ୟେକ ସ୍ତରରେ ହତାଶ ହେବାକୁ ପଡିଥିଲା ବୋଲି ତାଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ତ୍ରିଲୋଚନ ନାୟକଙ୍କ ମୃତ୍ୟୁ ଯୋଗାଣମନ୍ତ୍ରୀଙ୍କ ମିଛ ଧରା ପକାଇ ଦେଇଛି। ମଙ୍ଗଳବାର ଶ୍ରୀ ପାତ୍ର ବିଧାନସଭାରେ ଏବେ ସୁଦ୍ଧା ୬୪. ୧୦ ଲକ୍ଷ ମେଟ୍ରିକ ଟନ ଧାନ କିଣା ଯାଇଛି ବୋଲି କହିଥିଲେ, ମାତ୍ର ଏକ ଭିଡିଓ ବାର୍ତ୍ତାରେ ୬୩. ୬୫ ଲକ୍ଷ ମେଟ୍ରିକ ଟନ ଧାନ କିଣା ଯାଇଛି ବୋଲି କହିଛନ୍ତି। ଦୁଇ ଦିନରେ ଦୁଇଟି ଅଲଗା ତଥ୍ୟ ଦେଇଥିବାରୁ ଶ୍ରୀ ପାତ୍ର କେବଳ ଡାହା ମିଛ କହୁଛନ୍ତି ବୋଲି ପ୍ରମାଣିତ ହେଉଛି। ଚଳିତ ବର୍ଷ ୧୯୩ ଲକ୍ଷ ମେଟ୍ରିକ ଟନ ଧାନ ଉତ୍ପାଦନ ହୋଇଛି। ରାଜ୍ୟ ବିଜେପି ସରକାର ସମସ୍ତ ଧାନ କିଣିବ ବୋଲି କହିଥିବା ବେଳେ ଏବେ ସୁଦ୍ଧା ମାତ୍ର ୬୩ ଲକ୍ଷ ମେଟ୍ରିକ ଟନ କିଣା ଯାଇଛି। ଯାହା ସମୁଦାୟ ଧାନ ଉତ୍ପାଦନର ମାତ୍ର ୩୩ ପ୍ରତିଶତ। ଆଉ ମାତ୍ର ଗୋଟିଏ ମାସରେ ସରକାର ବଳକା ଧାନ କିଣିବାରେ ସକ୍ଷମ ହେବେ ବୋଲି ବିଶ୍ୱାସଯୋଗ୍ୟ ନୁହେଁ ବୋଲି ଶ୍ରୀ ମିଶ୍ର କହିଛନ୍ତି।

ଲେନିନ ମହାନ୍ତି କହିଥିଲେ ଯେ ବିଜେପି ସରକାର ଯାହା କୁହନ୍ତି ତାହା କେବେ ହେଲେ କରନ୍ତି ନାହିଁ। କଟନୀ ଛଟନି ବିନା ଧାନ କିଣିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ, କିନ୍ତୁ ପ୍ରତି କୁଇଣ୍ଟାଲ ପିଛା ୭ କେଜିରୁ ୧୦ କେଜି କଟାଯାଉଛି। ୪୮ ଘଣ୍ଟା ଭିତରେ ଧାନର ମୂଲ୍ୟ ଡିବିଟି ମାଧ୍ୟମରେ କୃଷକମାନଙ୍କୁ ପ୍ରଦାନ କରାଯିବ ବୋଲି କୁହା ଯାଇଥିଲେ ମଧ୍ୟ ପ୍ରାୟ ତିନି ସପ୍ତାହ ପର୍ଯ୍ୟନ୍ତ ମୂଲ୍ୟ ମିଳିପାରୁନାହିଁ। ପଞ୍ଜିକରଣ, ଟୋକନ ବିତରଣ ଓ ମଣ୍ଡିରେ ଅବ୍ୟବସ୍ଥା ଇତ୍ୟାଦି କୃଷକ ମାନଙ୍କୁ ନାହିଁ ନଥିବା ସମସ୍ୟାରେ ପକାଇଛି। ଯୋଗାଣ ମନ୍ତ୍ରୀ ଡାହା ମିଛ କହୁଛନ୍ତି ବୋଲି ପ୍ରମାଣିତ ହୋଇ ସାରିଲାଣି ଓ ଏଥିପାଇଁ ସେ ଇସ୍ତଫା ଦେବା ଆବଶ୍ୟକ ବୋଲି ଶ୍ରୀ ମହାନ୍ତି କହିଛନ୍ତି।



ବଦଳିବ 'ଲାହୋର ୧୯୪୭'ର ଟାଇଟଲ୍

▶ଭିତର ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-242 ◆FRIDAY ◆27 FEBRUARY 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୨୪୨ ◆ଶୁକ୍ରବାର ◆୨୭ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


### ଏନ୍‌ସିଇଆର୍‌ଟିର 'ନ୍ୟାୟପାଳିକାରେ ଦୁର୍ନୀତି' ପୁସ୍ତକକୁ ନେଇ ସୁପ୍ରିମକୋର୍ଟ କଠୋର

# ହାର୍ଡ କପି ଫେରାଇବାକୁ, ଡିଜିଟାଲ କପି ହଟାଇବାକୁ ନିର୍ଦ୍ଦେଶ

■ ନୂଆଦିଲ୍ଲୀ, ୨୬।୨ (ଏଜେନ୍ସି): 'ନ୍ୟାୟପାଳିକାରେ ଦୁର୍ନୀତି' ଅଧ୍ୟାୟ ଥିବା ଏନ୍‌ସିଇଆରଟି ପୁସ୍ତକକୁ ନେଇ ବିବାଦ ଥମୁନାହିଁ। ଏହି ମାମଲାରେ ପ୍ରଧାନମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିବା ସହିତ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଦୁଃଖ ପ୍ରକାଶ କରିଛନ୍ତି । ତଥାପି ମାମଲା ବିସ୍ଫୋରକ ହେବାରେ ଲାଗିଛି । ଏହି ପୁସ୍ତକକୁ ନେଇ କ୍ଷୁବ୍ଧ ଥିବା ସୁପ୍ରିମ କୋର୍ଟ ଆଜି ପୁଣି ବିରକ୍ତି ପ୍ରକାଶ କରିବା ସହିତ ଏହି ପୁସ୍ତକ ଉପରେ ବ୍ୟାନ୍ ଲଗାଇଛନ୍ତି । ଅଷ୍ଟମ ଶ୍ରେଣୀର ସାମାଜିକ ବିଜ୍ଞାନ ବହିର ମୁଦ୍ରଣ ଓ ବିତରଣ ଉପରେ ମଧ୍ୟ ରୋକ ଲଗାଇଛନ୍ତି। ପୂର୍ବରୁ ପଠାଯାଇଥିବା ବହିଗୁଡ଼ିକୁ ଫେରସ୍ତ ଆଣିବା ଓ ଡିଜିଟାଲ କପିଗୁଡ଼ିକ ହଟାଇବା ପାଇଁ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଆଜି ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ ଏହି ମାମଲାରେ




ଏସ୍‌ସିଇଆରଟି ନିର୍ଦ୍ଦେଶକ ଏବଂ କେନ୍ଦ୍ରୀୟ ଶିକ୍ଷା ସଚିବଙ୍କୁ ନୋଟିସ ଜାରି କରି ଜବାବ ମାଗିଛନ୍ତି । ଏହି ବିବାଦୀୟ ଅଧ୍ୟାୟ ଲେଖିଥିବା ଲେଖକଙ୍କ ନାମ ଓ ସେମାନଙ୍କର ଯୋଗ୍ୟତା ବିଷୟରେ ଜାଣିବାକୁ କୁହାଯାଇଛି ।

ପ୍ରଧାନ ବିଚାରପତି କହିଛନ୍ତି 'ଏହା ନ୍ୟାୟପାଳିକାକୁ ବଦନାମ କରିବା ପାଇଁ

- ■ ପ୍ରକୃତ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜରୁରୀ
- ■ କ୍ଷମା ପ୍ରାର୍ଥନା କଲା ଏନ୍‌ସିଇଆର୍‌ଟି

ଏକ ଗଭୀର ସୁଚିନ୍ତିତ ଚକ୍ରାନ୍ତ ପରି ମନେ ହେଉଛି । ଏହାକୁ କୌଣସି ପରିସ୍ଥିତିରେ ଗ୍ରହଣ କରାଯାଇପାରିବ ନାହିଁ। ଦାୟୀ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ହେବ ଓ ଏହି ମାମଲା ବନ୍ଦ ହେବ ନାହିଁ'। ସୁପ୍ରିମକୋର୍ଟ ଏହି କ୍ରମରେ ୪ଟି ବଡ଼ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ଓ ରାଜ୍ୟ ଶିକ୍ଷା ବିଭାଗ ସୁନିଶ୍ଚିତ କରନ୍ତୁ ଯେ, ଏହି ବହି ସ୍କୁଲରେ ଥାଉ କି ଛପା ହୋଇଥାଉ ବା ଡିଜିଟାଲ ମାଧ୍ୟମରେ ଥାଉ, ତାହାକୁ ତୁରନ୍ତ ହଟାଯାଉ । ବହିର କୌଣସି ସଂସ୍କରଣ ବିତରଣ କରିବା କୋର୍ଟଙ୍କ ଆଦେଶର ଅବମାନନା ବୋଲି ଧରାଯିବ । ସମସ୍ତ ରାଜ୍ୟର ଶିକ୍ଷା ବିଭାଗର ମୁଖ୍ୟ ସଚିବମାନେ ଦୁଇ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେଇ ରିପୋର୍ଟ ଦାଖଲ କରିବେ। ତଦନ୍ତ ରିପୋର୍ଟ ▶ପୃଷ୍ଠା-୭

### ରାଜ୍ୟସଭା ନିର୍ବାଚନ ବିଜ୍ଞପ୍ତି ଜାରି

# ରାଜ୍ୟ ରାଜନୀତିରେ ହଲ୍‌ଚଲ୍

■ ଭୁବନେଶ୍ୱର,୨୬।୨(ସମିସ): ଓଡ଼ିଶାର ୪ ଆସନ ସମେତ ୧୦ ରାଜ୍ୟର ଖାଲି ହେଉଥିବା ୩୭ ରାଜ୍ୟସଭା ଆସନରେ ନିର୍ବାଚନ ପାଇଁ ଗୁରୁବାର ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟରେ ଏହି ନିର୍ବାଚନକୁ ପରିଚାଳନା କରିବା ପାଇଁ ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କୁ ରିଟର୍ଣ୍ଣିଂ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି । ମାର୍ଚ୍ଚ ୫ ତାରିଖ ଯାଏଁ ସରକାରୀ ଛୁଟିଦିନ ବ୍ୟତୀତ ଯେ କୌଣସି ଦିନ ପୂର୍ବାହ୍ନ ୧୧ଟା ଠାରୁ ଅପରାହ୍ନ ୩ଟା ମଧ୍ୟରେ ପ୍ରାର୍ଥୀ ନିଜେ କିମ୍ବା ତାଙ୍କ ପ୍ରସ୍ତାବକ ରିଟର୍ଣ୍ଣିଂ ଅଧିକାରୀଙ୍କ ନିକଟରେ ମନୋନୟନ ପତ୍ର ଦାଖଲ କରିପାରିବେ। ୬ ତାରିଖରେ ମନୋନୟନ ପତ୍ର ଯାଞ୍ଚ ହେବ ଓ ୯ ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ଶେଷ ଦିନ ରହିଛି । ୧୬ ତାରିଖ ପୂର୍ବାହ୍ନ ୯ ଟାରୁ ଅପରାହ୍ନ ୪ ଟା ମଧ୍ୟରେ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଭୋଟ ଗ୍ରହଣ କରାଯିବ ।

- ■ ନବୀନ ନିବାସରେ ବିଜେଡିର ରାଜନୈତିକ ବ୍ୟାପାର କମିଟି ବୈଠକ
- ■ ଦିଲ୍ଲୀରେ ଦଳର ସଂସଦୀୟ କମିଟି ନିଷ୍ପତ୍ତିକୁ ଅପେକ୍ଷା କରିଛି ବିଜେପି
- ■ ଦଳର ଆଭିମୁଖ୍ୟ ଆଲୋଚନା ପାଇଁ ଦିଲ୍ଲୀ ଯିବେ ପିସିସି ସଭାପତି

ରାଜ୍ୟସଭା ନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ରାଜ୍ୟରେ ଆରମ୍ଭ ହୋଇଛି ରାଜନୈତିକ ହଲଚଲ । ମାର୍ଚ୍ଚ ୧୬ ତାରିଖରେ ଅନୁଷ୍ଠିତ ହେବାକୁଥିବା ରାଜ୍ୟସଭା ନିର୍ବାଚନ ଅନେକ ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଛି ଓ ପୂରା ରାଜ୍ୟବାସୀଙ୍କ ନଜର ଏହା ଉପରେ ନିବଦ୍ଧ ରହିଛି । ଅତୀତରେ ରାଜ୍ୟସଭା ନିର୍ବାଚନଗୁଡ଼ିକ ପ୍ରାୟତଃ ବିଜେଡି ନିୟନ୍ତ୍ରଣରେ ରହୁଥିଲା ଓ ଦଳ ଯାହାକୁ ପ୍ରାର୍ଥୀ କରୁଥିଲା, ସେମାନଙ୍କର ବିଜୟ ଅବଧାରିତ ଥିଲା । ମାତ୍ର ଦୀର୍ଘବର୍ଷ ପରେ ରାଜ୍ୟର ରାଜନୈତିକ ଗଣିତ ରାଜ୍ୟସଭା ନିର୍ବାଚନକୁ ରୋଚକ କରିଛି । ବିଜେପି କ୍ଷମତାରେ ଥିବା ସତ୍ତ୍ୱେ ଏକାକୀ ୪ଟି ଆସନ ଦଖଲ କରିବାକୁ ସକ୍ଷମ ନୁହେଁ ଓ ସଦସ୍ୟ ସଂଖ୍ୟା ଦୃଷ୍ଟିରୁ ବିଜେପି ୨ଟି ଆସନରେ ବିଜୟୀ ହେବାକୁ ସାମର୍ଥ୍ୟ ରଖିଛି । ସେହିପରି ବିଜେଡି ଗୋଟିଏ ଆସନରେ ବିଜୟୀ ହେବା ନିଶ୍ଚିତ । କଂଗ୍ରେସ ନିକଟରେ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ସଂଖ୍ୟା ଅଭାବ ରହିଛି; ମାତ୍ର କଂଗ୍ରେସର ସମର୍ଥନ ୪ର୍ଥ ପ୍ରାର୍ଥୀଙ୍କ ବିଜୟ ପଥକୁ ସହଜ କରିପାରେ ବୋଲି କୁହାଯାଉଛି । ଏପରି ଏକ ଜଟିଳ ଗଣିତ ମଧ୍ୟରେ ଉଭୟ ବିଜେଡି ଓ ବିଜେପି ୪ର୍ଥ ରାଜ୍ୟସଭା ଆସନ ଦଖଲ ପାଇଁ ନଜର ରଖିଛନ୍ତି । ▶ପୃଷ୍ଠା-୭


ଭିତର ପୃଷ୍ଠାରେ
- ■ ତେଲଙ୍ଗାନାରେ ସଫେଇ କର୍ମଚାରୀଙ୍କ ଦରମା ୨ ଲକ୍ଷ
- ■ ମାଲିକଙ୍କ ଘରେ ନକଲି ଇଡି ରେଡ୍ କରାଇଲା ଚାକରାଣୀ
- ■ ଇନ୍‌ଷ୍ଟାଗ୍ରାମ୍‌ରେ ମୋଦୀଙ୍କ ଫଲୋଅର୍ସ ସଂଖ୍ୟା ୧୦ କୋଟି







## ନବରଙ୍ଗପୁରରେ ସୁଭଦ୍ରା ଶକ୍ତିମେଳା ଉଦ୍‌ଘାଟିତ

# ‘ପ୍ରତ୍ୟେକ ମା’ଙ୍କୁ ସ୍ୱାବଲମ୍ବୀ କରାଇବା ପ୍ରଥମ ଲକ୍ଷ୍ୟ’



ନବରଙ୍ଗପୁର,୨୬।୨(ସମିସ):

ନବରଙ୍ଗପୁରରେ ଆରମ୍ଭ ହେଲା ସୁଭଦ୍ରା ଶକ୍ତି ମେଳା। ସ୍ଥାନୀୟ ପୁଲିସ ପଡିଆରେ ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ଚାଲିବ ଏହି ମେଳା। ଏହି ଅବସରରେ ପ୍ରଥମେ ନବରଙ୍ଗପୁର ଅଧିଷ୍ଠାତ୍ରୀ ଦେବୀ ମାଁ ଭଣ୍ଡାରଘରିଣୀଙ୍କ ମନ୍ଦିରରେ ପୂଜା ଅର୍ଚ୍ଚନା ପରେ ପୁଲିସ ପଡିଆ ପର୍ଯ୍ୟନ୍ତ ସାଂସ୍କୃତିକ ଶୋଭାଯାତ୍ରା ସହିତ କଳସ ଯାତ୍ରା ଆରମ୍ଭ ହୋଇଥିଲା। ପୋଲିସ ପଡିଆରେ ଶୋଭାଯାତ୍ରା ପହଞ୍ଚିବା ପରେ ସୁଭଦ୍ରା ଶକ୍ତି ମେଳାର ଉଦ୍‌ଘାଟନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ଯୋଗ ହେଇ ମହିଳାଙ୍କର ବିକାଶ ପାଇଁ ପଦକ୍ଷେପ ନିଆଯାଉଛି। ସମାଜରେ ମାଆର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଲକ୍ଷ୍ମୀ ରୂପରେ ପାଳନ କର୍ତ୍ତା, ଶକ୍ତିସ୍ୱରୂପିଣୀ ହେଲେ ସଂହାର କର୍ତ୍ତା ବି ହୋଇପାରିବ। ମାଆ ମାନଙ୍କୁ ଆଗକୁ ନେବାର ପ୍ରତିଶୃତି ପାଳନ କରାଯାଉଛି। ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ନବରଙ୍ଗପୁରରେ ମେଡିକାଲ କଲେଜ ହେଉଛି। ମାଆ ମାନଙ୍କର ଅଧିକ ରୋଜଗାର ପାଇଁ ଗୁରୁତ୍ୱ ଦିଆଯାଉଛି। ବାର୍ଷିକ ଆୟ ବୃଦ୍ଧି ପାଇଁ ଯୋଜନା ପ୍ରସ୍ତୁତ କଲେ ଆର୍ଥିକ ବୃଦ୍ଧି ପାଇବ। ପ୍ରତ୍ୟେକ ୧୦୦ ଜନସଂଖ୍ୟା ଗାଁକୁ ପିଚୁ ରାସ୍ତା ହେବ। ଡିସେମ୍ବର ସୁଦ୍ଧା ନବରଙ୍ଗପୁର ଜିଲ୍ଲାରେ ପ୍ରତ୍ୟେକ ଗାଁକୁ ପାନୀୟ ଜଳ ଯୋଗାଇ ଦିଆଯିବ। ଅନ୍ତ୍ୟୋଦୟ ଯୋଜନାରେ ଘର ପ୍ରଦାନ କରାଯିବ ଓ ପ୍ରତ୍ୟେକ ଗାଁକୁ ଉନ୍ନତମାନର କରାଯିବ ବୋଲି କହିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ ସୁଭଦ୍ରା ଶକ୍ତି ମେଳାରେ ୧୨୦ଟି ଷ୍ଟଲ ହୋଇଛି। ଏହି ମେଳାରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ବିଭିନ୍ନ ହସ୍ତତନ୍ତ୍ର ଓ କୁଟୀର ଶିଳ୍ପ ସାମଗ୍ରୀ ବିକ୍ରୀ ହେଉଛି। ୧୬ଲକ୍ଷ ୪୧ହଜାର ଲକ୍ଷ ପତି ଦିଦି ରହିଛନ୍ତି। ୨୯ ସୁଦ୍ଧା ୨୫ ଲକ୍ଷ ଲକ୍ଷ ପତିଦିଦି କରାଯିବ। ମହିଳା ସଶକ୍ତ, ସ୍ୱାବଲମ୍ବନ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଗ୍ରାମୀଣ ମହିଳାଙ୍କର ଅର୍ଥନୈତିକ ବିକାଶ ହେବ। ଏହି ମେଳା ମହିଳାମାନଙ୍କୁ ଉତ୍ସାହିତ କରିବ। ନବରଙ୍ଗପୁରର ଲାଖକାର୍ଯ୍ୟର ଚାହିଦା ବଢିଛି। ବଜାର ସୃଷ୍ଟି କରାଯିବ। ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ଏହି କାର୍ଯ୍ୟକ୍ରମରେ ଲକ୍ଷ ରହିଛି। କଳା ଶିଳ୍ପକୁ ଜାତୀୟ ସ୍ତରରେ ପହଞ୍ଚାଇବା ପାଇଁ ଉଦ୍ୟମ ଜାରି ରହିଛି। ସ୍ଥାନୀୟ ଉତ୍ପାଦ, ବଜାର ବ୍ୟବସ୍ଥା ଓ ପ୍ରଚାର ପ୍ରସାର ଉପରେ ସହକାର ଗୁରୁତ୍ୱ ପ୍ରଦାନ କରିଛନ୍ତି ବୋଲି କହିଥିଲେ। ଏହି ଅବସରରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇ କହିଥିଲେ ଯେ ଓଡ଼ିଶାର ବଜେଟ ଏକ ସୁନ୍ଦର ବଜେଟ ହୋଇଛି। ସମସ୍ତ କ୍ଷେତ୍ରକୁ ଦୃଷ୍ଟିରେ ରଖି ବଜେଟ ଉପସ୍ଥାପନ ହୋଇଛି। ସୁଭଦ୍ରା ଶକ୍ତି ମାଆ ମାନେ ସ୍ୱାବଲମ୍ବୀ ହେବେ। ମାଆ ମାନେ ସ୍ୱାବଲମ୍ବୀ ହୋଇ କିଭଳି ଆର୍ଥି ଉନ୍ନତି କରିବେ ସେନେଇ ମୁଖ୍ୟମନ୍ତ୍ରୀ ଉଦ୍ୟମ କରୁଛନ୍ତି। ଶିଖିବା, ଜାଣିବା, ବାଣିଜ୍ୟ କରିବା ଓ ବ୍ୟବସାୟ କରି ଲକ୍ଷାପତି ଦିଦି ହେବା ବୋଲି କହିଥିଲେ। ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁ ସଭାପତିତ୍ୱ କରି ସ୍ୱାଗତ ଭାଷଣ ଦେବା ସହିତ ଲକ୍ଷପତି ଦିଦି ମାନେ ସେମାନଙ୍କ ଅଭିଜ୍ଞତା ଜଣାଇବେ। ଏହା ଏକ ବାଣିଜ୍ୟକର ମେଳା ସମେତ ଅନେକ ମହିଳାଙ୍କୁ ଉତ୍ସାହିତ କରିଥାଏ। ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ଉତ୍ପାଦିତ ଦ୍ରବ୍ୟର ବିକ୍ରି ବଟା କରିବାକୁ ସୁଯୋଗ ଓ ଦର ନିର୍ଦ୍ଧାରଣ କରିବାର ସୁଯୋଗ ପାଇଛନ୍ତି ବୋଲି କହିଥିଲେ । ପରେ ଅତିଥି ମାନଙ୍କୁ କାଠରେ ପ୍ରସ୍ତୁତ ମୂର୍ତ୍ତି ଶ୍ରଦ୍ଧାର ଭେଟି ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଥିଲା। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଚନ୍ଦନା ମଲ୍ଲିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସନ୍ଧ୍ୟାରେ ଜିଲ୍ଲା ଏବଂ ଜିଲ୍ଲା ବାହାର କଳାକାରଙ୍କୁ ନେଇ ଜଗନ୍ନାଥ କଳକେନ୍ଦ୍ରର ଓଡ଼ିଶୀ , ପୁରୁଷୋତ୍ତମ କଳକେନ୍ଦ୍ରର ମାଢିଆ ଢେମସା, ସାଇରାମ କଳା କେନ୍ଦ୍ରର ଢେମସା ଓ ରମାକାନ୍ତ ବାରିକ ଓ ସାଥିଙ୍କ ପକ୍ଷରୁ ସଙ୍ଗୀତ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ମେଳାରେ ୧୨୦ଟି ଷ୍ଟଲ ରହିଛି। ଯେଉଁଥିରେ ଜିଲ୍ଲା ଓ ଜିଲ୍ଲା ବାହାରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିଜର ଉତ୍ପାଦିତ ଦ୍ରବ୍ୟର ପ୍ରଦର୍ଶନୀ କରିବା ସହ ବିକ୍ରି କରିଥିଲେ। କୃଷି, ଉଦ୍ୟାନ କୃଷି, ସ୍ୱାସ୍ଥ୍ୟ, ଆଇଟିଡିଏ, ସମାଜ କଲ୍ୟାଣ, ଜଙ୍ଗଲ ବିଭାଗ, ପଶୁ ସମ୍ପଦ ଭଳି ବିଭିନ୍ନ ବିଭାଗର ପ୍ରଦର୍ଶନୀ ଷ୍ଟଲ ମଧ୍ୟ ସ୍ଥାନିତ ହୋଇଥିଲା। ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀର ସ୍ୱତନ୍ତ୍ର ଖାଦ୍ୟ ଷ୍ଟଲ ମଧ୍ୟ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ ଓ ବିଡିଓ ମାନେ ଉପସ୍ଥିତ ଥିଲେ।

# ସୁରେନ୍ଦ୍ର ସାଇ ଦିବ୍ୟଦୃଷ୍ଟି ଯୋଜନାରେ ପିଲାଙ୍କ ଚକ୍ଷୁ ପରୀକ୍ଷା



ଲକ୍ଷ୍ମୀପୁର,୨୬।୨(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଏକ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। ଏହା ସୁରେନ୍ଦ୍ର ସାଇ ଦିବ୍ୟାଦୃଷ୍ଟି ଯୋଜନା ପକ୍ଷରୁ କରାଯାଇଥିଲା। ଏହା କେବଳ ସ୍କୁଲ୍ ଛାତ୍ର ଛାତ୍ରୀ ମାନଙ୍କ ନିମନ୍ତେ କରାଯାଇଥିଲା। ଲକ୍ଷ୍ମୀପୁର ବ୍ଲକର ୩୨ ଟି ବିଦ୍ୟାଳୟରୁ ୧୯୮ ଜଣ ଛାତ୍ର ଛାତ୍ରୀ ଚକ୍ଷୁ ପରୀକ୍ଷା କରାଇ ଥିଲେ। ୨୦୩ ଜଣ ଛାତ୍ର ଛାତ୍ରୀ ମାନଙ୍କ ଚକ୍ଷୁ ଜନିତ ସମସ୍ୟା ନେଇ ଚିହ୍ନଟ କରାଯାଇ ଥିଲା କୌଣସି କାରଣ ରୁ ୫ ଜଣ ଛାତ୍ର ଛାତ୍ରୀ ଅନୁପସ୍ଥିତ ରହି ଥିଲେ। ଆଗାମୀ ଦିନରେ ଏହି ଛାତ୍ର ଛାତ୍ରୀ ମାନଙ୍କ ଚଷମା ଦିଆଯିବ ବୋଲି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୁତି ଭୁଷଣ ଟାକ୍ରି କହିଛନ୍ତି। ଏହି ଯୋଜନା କେନ୍ଦ୍ର ସରକାରଙ୍କ ଯେଉଁ ଛାତ୍ର ଛାତ୍ରୀ ମାନେ ଆଖି ସମସ୍ୟାରେ ପୀଡ଼ିତ ସବୁ ବର୍ଗର ପିଲାଙ୍କ ପାଇଁ ଏହା ଉଦ୍ଦିଷ୍ଟ ଅଟେ। ଲକ୍ଷ୍ମୀପୁରର ଚକ୍ଷୁ ଡାକ୍ତର ନାରାୟଣ ମାଝୀ ସବୁ ଛାତ୍ରଛାତ୍ରୀ ମାନଙ୍କୁ ଚକ୍ଷୁ ପରୀକ୍ଷା କରି କାହାକୁ କେତେ ପାୱାରର ଚଷମା ବ୍ୟବହାର କରିବା ଆବଶ୍ୟକ ସେ ନେଇ ରିପୋର୍ଟ ପ୍ରସ୍ତୁତ କରିଥିଲେ। ୧୯୮ ଜଣଙ୍କ ମଧ୍ୟରୁ ୫୧ ଜଣଙ୍କ ଠାରେ ଚକ୍ଷୁ ସମସ୍ୟା ରହି ଥିବା ବେଳେ ୫ ଜଣଙ୍କର ଅଧିକ ସମସ୍ୟା ରହିଥିବା ଡାକ୍ତର କହିଥିଲେ। ଏହା ସରକାରଙ୍କୁ ଅବଗତ କଲା ପରେ ସେହି ଅନୁସାରେ ୫୧ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଚଷମା ବ୍ୟବହାର କରିବା ଆବଶ୍ୟକତା ରହିଥିବା ବେଳେ ୫ ଜଣ ପିଲାଙ୍କ ଚକ୍ଷୁ ସମସ୍ୟା ଅଧିକା ଥିବାରୁ ସେମାନଙ୍କୁ କୋରାପୁଟର ଜୟପୁର ଠାରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଧିକା ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିବା କହିଛନ୍ତି। ଏହି ଶିବିରରେ ଦାୟିତ୍ୱରେ ଥିବା ଲକ୍ଷ୍ମୀପୁର ମେଡିକାଲ ଅଧିକାରୀ ଦୀନବନ୍ଧୁ ଚୌଧୁରୀଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା। ଏଥିରେ ଲକ୍ଷ୍ମୀପୁର ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସମେତ ବିଜୟ କୁମାର ଆଚାର୍ଯ୍ୟ, ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଯୋଗ ଦେଇଥିଲେ। ସ୍ଥାନୀୟ ବ୍ଲକର ବିଆରପି କୃଷ୍ଣ କୁଲଦୀପ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଜନଗଣନା ପାଇଁ ତାଲିମ ଶିବିର ଉଦ୍‌ଘାଟିତ



କୋରାପୁଟ,୨୬ ।୨(ସମିସ):

ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ ଠାରେ ଜନଗଣନା-୨୦୨୭ ପାଇଁ ଦୁଇ ଦିନିଆ ତାଲିମ ଶିବିର ଉଦଘାଟିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଦୁଇ ଦିନିଆ ତାଲିମ ଶିବିରରେ ଜିଲ୍ଲାର ଜନଗଣନା ଚାର୍ଜ ଅଫିସର ମାନେ ତାଲିମ ନେଉଛନ୍ତି। ଜନଗଣନାର ପ୍ରକ୍ରିୟା, ଡିଜିଟାଲ ଉପକରଣ, ଗୃହ ତାଲିକା ଏବଂ ଦାୟିତ୍ୱ ସଂପର୍କରେ ତାଲିମ ପ୍ରଦାନ କରାଯାଉଛି। ପରବର୍ତ୍ତୀ ସମୟରେ ଚାର୍ଜ ଅଫିସର ମାନେ ଗଣନାକାରୀ ଏବଂ ସୁପରଭାଇଜର ମାନଙ୍କୁ ତାଲିମ ପ୍ରଦାନ କରିବେ। କେ ଗୁଣବର୍ଦ୍ଧନ ଏବଂ ପି କେ ସିଂଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯାଉଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜନଗଣନା ଅଧିକାରୀ ତଥା ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, ମାଷ୍ଟର ଟ୍ରେନର ସଚ୍ଚିଦାନନ୍ଦ ସାମନ୍ତରାୟ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚାମେଲି ମଜୁମଦାରଙ୍କ ସହ ଚାର୍ଜ ଅଫିସର ଏବଂ ସହାୟକ ମାନେ ଉପସ୍ଥିତ ରହିଥିଲେ। ଏପ୍ରିଲ ମାସ ୧ ତାରିଖରୁ ୧୫ ତାରିଖ ମଧ୍ୟରେ ସ୍ୱଗଣନା ସୁବିଧା ଉପଲବ୍ଧ ରହିଛି। ସେନ୍ସସ ୱେବସାଇଟ ଜରିଆରେ ଲୋକମାନେ ନିଜ ତଥ୍ୟ ଇଂରାଜୀ କିମ୍ବା ଓଡିଆ ଭାଷାରେ ପ୍ରଦାନ କରିପାରିବେ। ଦୁଇଟି ପର୍ଯ୍ୟାୟରେ ଜନଗଣନା କରାଯିବ। ଚଳିତ ବର୍ଷ ଏପ୍ରିଲ ମାସ ୧୬ ତାରିଖରୁ ମେ ମାସ ୧୫ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକା ଏବଂ ଗୃହ ଗଣନା କରାଯିବ। ୨୦୨୭ ମସିହା ଫେବୃଆରୀ ମାସରେ ଜନସଂଖ୍ୟା ଗଣନା କରାଯିବ। ମୋବାଇଲ ଆପ ମାଧ୍ୟମରେ ଗଣନାକାରୀ ମାନେ ଘରକୁ ଘର ଯାଇ ଲୋକଙ୍କ ଠାରୁ ତଥ୍ୟ ସଂଗ୍ରହ କରିବେ।

# ବାଲ୍ୟବିବାହ ରୋକିଲା ପ୍ରଶାସନ



ନନ୍ଦାହାଣ୍ଡି,୨୬।୨(ସମିସ):

ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ନିଶିନାହାଣ୍ଡି ଗ୍ରାମପଞ୍ଚାୟତର ବାଣିଆ ଗ୍ରାମରେ ବାଲ୍ୟ ବିବାହ ରୋକିଛି ପ୍ରଶାସନ। ବୟସ ହେବା ପର୍ଯ୍ୟନ୍ତ ଝିଅ ପୁଅକୁ ଅଲଗା ରହିବାକୁ ଗ୍ରାମବାସୀ ଓ ଅଭିଭାବକଙ୍କ ସମ୍ମୁଖରେ ପରାମର୍ଶ ଦିଆଯାଇଛି। ସୂଚନା ପ୍ରକାରେ ବାଣିଆ ଗ୍ରାମର ଲକ୍ଷ୍ମୀ ଭତରା (୨୦) ବରିଗୁମ୍ମା ବ୍ଲକ ପଲକା ଆମଗୁଡା ଅଞ୍ଚଳର ଜଣେ ନାବାଳିକା (୧୭ ବର୍ଷ) ପରସ୍ପର ପ୍ରେମ ସମ୍ପର୍କରେ ରହି କାହାକୁ ନ ଜଣାଇ ପ୍ରେମ ବିବାହ କରିଥିଲେ। ବିଶେଷ ସୂତ୍ରରୁ ଖବର ପାଇ ନନ୍ଦାହାଣ୍ଡି ସିଡିପିଓ ରଶ୍ମିତା ବାଲା ମହାନ୍ତି ଓ ସୁପଭାଇଜର ମନିକା ସରକାର ଓ ଶିଶୁ ହେଲ୍ପ ଲାଇନ ଜିଲ୍ଲା ସଂଯୋଜକ ଚିନ୍ମୟୀ ନାୟକ, ପିଇଓ ଦୀପ୍ତି ଗୌଡ଼ ପ୍ରମୁଖ ପୁଅ ଘରେ ଯାଇ ଏହି ବିବାହକୁ ରୋକି ପାରିଥିଲେ। ବୟସ ହେବା ପୂର୍ବରୁ କୌଣସି ପ୍ରକାର ବାଲ୍ୟ ବିବାହ ନିୟମକୁ ଉଲ୍ଲଂଘନ ନ କରିବାକୁ ପୁଅ ଓ ଝିଅର ବାପାମା ଲିଖିତ ଭାବେ ପ୍ରଶାସନ ନିକଟରେ ଦେଇଛନ୍ତି।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



ବୈପାରୀଗୁଡ଼ା,୨୬।୨(ସମିସ): ଅବସରପ୍ରାପ୍ତ ଶିକ୍ଷକ ବାଳକୃଷ୍ଣ ମହାନ୍ତିଙ୍କ ପରଲୋକ ଘଟିଛି। ଗତ କିଛି ଦିନ ଧରି ସେ ଅସୁସ୍ଥ ଥିଲେ। ଘରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ସେ ଏକାଧାରରେ ଜଣେ ଆଦର୍ଶ ଶିକ୍ଷକ, ସମାଜସେବୀ ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଶିକ୍ଷକତାକୁ ପେସା କରିଥିଲେ ମଧ୍ୟ ବୈପାରୀଗୁଡା ଅଞ୍ଚଳର ଉନ୍ନତି ଦିଗରେ ତାଙ୍କ ମନରେ ଥିଲା ଅହେତୁକ ଦୁର୍ବଳତା। ସେ ବିଭିନ୍ନ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କର ଜ୍ୟେଷ୍ଠପୁତ୍ର ତଥା ସାମ୍ବାଦିକ ମାନସ ମହାନ୍ତି ମୁଖାଗ୍ନି ଦେଇଥିଲେ।

## ଅଧିକାଂଶ ଏଲ୍‌ଆଇ ପଏଣ୍ଟ ଅଚଳ

# କଲ୍ୟାଣସିଂହପୁର ବ୍ଲକ୍‌ରେ ଉଠାଜଳସେଚନ ବ୍ୟବସ୍ଥା ବିପର୍ଯ୍ୟସ୍ତ





କଲ୍ୟାଣସିଂହପୁର,୨୬।୨(ସମିସ):

କ୍ଷେତକୁ ପାଣି, ଚାଷୀଙ୍କ ବିଭିନ୍ନ ସୁବିଧା ଯୋଗାଇବା ପାଇଁ ସରକାର ଯୋଜନା ଉପରେ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ବାସ୍ତବରେ ସମ୍ପୂର୍ଣ୍ଣ ଭିନ୍ନ । ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ହଜାର ହଜାର ଲୋକ ଚାଷ ଉପରେ ନିର୍ଭର କରନ୍ତି। ଧାନ ଠାରୁ ଆରମ୍ଭ କରି ତୈଳ, ଡାଲିଜାତୀୟ ଶସ୍ୟ ସୁବକିଛି ଏହି ବ୍ଲକ୍‌ରେ ଚାଷ ହେଉଛି। ହେଲେ ଚାଷୀଙ୍କ ସୁବିଧା ପାଇଁ ବିଶେଷ କିଛି ନାହିଁ । ଖାସ କରି ବ୍ଲକରେ ବିଭିନ୍ନ ସ୍ଥାନରେ ଉଠା ଜଳସେଚନ ବ୍ୟବସ୍ଥା କରିଥିଲେ ସେହି ଉଠା ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ଭୁଶୁଡ଼ି ଗଲାଣି। ଏହି ବ୍ଲକ୍‌ରେ ମାଳମାଳ ଉଠା ଜଳସେଚନ ପ୍ରକଳ୍ପ ଥିବାବେଳେ ସେଥିରୁ ହାତଗଣତି ଗୋଟିଏ କି ଦୁଇଟି ପଏଣ୍ଟ ଚାଲୁଥିବା ବେଳେ ବାକି ସବୁ ଅଚଳ ହୋଇ ହୋଇପଡ଼ିଛି। ବ୍ଲକର ୧୪ଗୋଟି ପଞ୍ଚାୟତ ମଧ୍ୟରୁ ପାର୍ଶାଲିକୁ ଛାଡିଦେଲେ ପ୍ରାୟ ୧୩ ଗୋଟି ପଞ୍ଚାୟତରେ ଏଲ୍‌ଆଇ ପଏଣ୍ଟ ଥିବାବେଳେ ଅଧିକାଂଶ ଅଚଳ ଅବସ୍ଥାରେ ରହିଛି। ବ୍ଲକ୍‌ର ସମସ୍ତ ୧୪ ଗୋଟି ପଞ୍ଚାୟତରେ ଏଭଳି ସ୍ଥିତି ରହିଥିବାରୁ ଚାଷୀମାନେ ଆବଶ୍ୟକ ବେଳେ ପାଣି ପାଉନାହାନ୍ତି। ଏନେଇ କାହାକୁ ଅଭିଯୋଗ କଲେ କେହି କିଛି କରୁ ନାହାନ୍ତି ଓ ଚାଷୀଙ୍କ ଦୁଃଖ ଜାଣି ପାରୁନାହାନ୍ତି ବୋଲି ଅଭିଯୋଗ ହୋଇଛି। କାଣର ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଦିନେ ହେଲେ ବି କେହି ଅଧିକାରୀ କ୍ଷେତ୍ର ପରିଦର୍ଶନରେ ଆସିନାହାନ୍ତି। ଏପରିକି ଉଠା ଜଳସେଚନ ବିଭାଗ କାର୍ଯ୍ୟାଳୟ କେଉଁଠି ଅଛି ସେ କଥା ବି ଅନେକ ଚାଷୀ ଜାଣି ନାହାନ୍ତି। ୫ ବର୍ଷ ପୂର୍ବେ ନାରାୟଣପୁର ପଞ୍ଚାୟତ, ସୁନାଖଣ୍ଡି, ପୂଜାରୀଗୁଡା, ପଲମା, ମାଝୀଗୁଡା, ବୁଢ଼ାଗୁଡା ଶିକର ପାଇ, କଲ୍ୟାଣସିଂହପୁର ସିଙ୍ଗାରି ରେ ପାଞ୍ଚ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚକରୀ ଉଠା ଜଳ ସେଚନ ପ୍ରକଳ୍ପ ନିର୍ମାଣ କରିଥିଲେ ସରକାର। କିନ୍ତୁ ବିଭଗୀୟ ଅଧିକାରୀଙ୍କ ଇଛା ଶକ୍ତି ନଥିବାରୁ ଜମିକୁ ପାଣି ମାଡୁନୀ ଓ ମଟରକୁ ବିଜୁଳି ଲାଗିନି ବୋଲି ଚାଷୀ ମାନେ କହିଛନ୍ତି। ବ୍ଲକରେ କାର୍ଯ୍ୟାଳୟ ନଥିବା ବେଳେ ଜିଲ୍ଲାର କେଉଁ ଗଳିକନ୍ଦିରେ କାର୍ଯ୍ୟଳୟ ଅଛି ଖୋଜି ପାଉନାହାନ୍ତି ବୋଲି ଚାଷୀ ସିଧାସଳଖ ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ମତାମତ ପାଇଁ ଉଠା ଜଳସେଚନ ବିଭାଗର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନଥିଲେ। ଅଧିକାଂଶ ଏଲ୍‌ଆଇ ପଏଣ୍ଟ ଅଚଳ ଅଭିଯୋଗ, ଶୁଣିବାକୁ କେହି ନାହାନ୍ତି। ବିଭିନ୍ନ ନାଳ, ନାଗାବିଳି ଓ କଲ୍ୟାଣୀ ନଦୀରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚେକଡ୍ୟାମ୍ କରୁଛନ୍ତି। ପରବର୍ତ୍ତୀ ସମୟରେ ଉଠା ଜଳସେଚନ ମାଧ୍ୟମରେ ପାଣି ଉଠେଇ ଜମିରେ ଚାଷ ହେବ ବୋଲି ଆଶା ରଖିଛନ୍ତି ଚାଷୀ। କିନ୍ତୁ ବାସ୍ତବରେ ସମ୍ପୂର୍ଣ୍ଣ ଭିନ୍ନ। ଟେଣ୍ଡର ମାଧ୍ୟମରେ ଜାଲିଆତି କରି ଠିକାଦାର ଓ ଅଧିକାରୀଙ୍କ ମଧ୍ୟରେ ସାଣ୍ଡ ଗାଣ୍ଡ ହୋଇ ଚେକ୍‌ଡ୍ୟାମର ଟଙ୍କା ଓ ମଟରର ବିଜୁଳି ଓ ଅନ୍ୟାୟ ମାମଗ୍ରୀ କିଣି ଟଙ୍କା ଲୁଟିବା ଭଳିଆ ପରିସ୍ଥିତି ସୃଷ୍ଟି କରି ସମସ୍ତ ପ୍ରକଳ୍ପକୁ ଅଚଳ କରିଦେଇ ଥିବାରୁ ଜମିକୁ ପାଣି ମାଡୁନି କି ଉଭୟ ଚେକ ଡ୍ୟାମ୍ ଓ ଉଠା ଜଳସେଚନ ପ୍ରକଳ୍ପ କାମରେ ଆସୁନି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

# ‘ଭିବି ଜି ରାମ ଜି’ଯୋଜନା ନେଇ ସଚେତନତା ସଭା



କୋରାପୁଟ,୨୬।୨(ସମିସ): କୋଟପାଡ ଦଶହରା ପଡ଼ିଆଠାରେ ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଏବଂ ଜୀବିକା ମିଶନ ଗ୍ରାମୀଣ ନୂତନ ଯୋଜନାକୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ କୋଟପାଡ ବିଧାୟକ ରୂପୁ ଭତ୍ରା ଯୋଗଦେଇ ନୂତନ ଯୋଜନାରେ ଗ୍ରାମାଞ୍ଚଳର ଲୋକ ମାନଙ୍କ ନିମନ୍ତେ ନିଶ୍ଚିତ ଭାବେ ରୋଜଗାର ଯୋଗାଇ ଦେବାକୁ ଆଇନ ପ୍ରଣୟନ କରାଯାଇଥିବା ଉଲ୍ଲେଖ ରହିଛି ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କୋଟପାଡ ବ୍ଲକ ଅଧ୍ୟକ୍ଷା କମଳା ଭତ୍ରା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ପାନୀୟ ଜଳ ଯୋଗାଣ ଅଧିକ୍ଷଣ ଯନ୍ତ୍ରୀ ଜଗନ୍ନାଥ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗିରଲା ଠାରେ ୬୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା କଲ୍ୟାଣ ମଣ୍ଡପ ର ମନ୍ତ୍ରୀ ଶ୍ରୀ ନାୟକଙ୍କ ଦ୍ୱାରା ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ଏଥି ସହ ୮୩ ଗୋଟି ସ୍ୱୟଂ ସହାୟକ ମହିଳା ଗୋଷ୍ଠୀଙ୍କୁ ୪ କୋଟି ୪୩ ଲକ୍ଷ ୫୮ ହଜାର ଟଙ୍କାର ଋଣ ପ୍ରଦାନ ନିମନ୍ତେ ଚେକ୍ ବଣ୍ଟନ କରାଯାଇଥିଲା। କୋଟପାଡ ବିଡିଓ ସନ୍ଧ୍ୟା ସାମର୍ଥ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏକେ ୪୭ ବନ୍ଧୁକ ସହ ଆତ୍ମସମର୍ପଣ କଲେ ମହିଳା ମାଓବାଦୀ



ମାଲକାନଗିରି, ୨୬।୨(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର କାଙ୍କେରରେ ଏକେ ୪୭ ବନ୍ଧୁକ ସହ ମହିଳା ମାଓନେତ୍ରୀ ଆତ୍ମସମର୍ପଣ କରିଛି। ସୂଚନା ଅନୁଯାୟୀ ମାସେ ବର୍ସା ମାଓ ସଙ୍ଗଠନରେ ଡିଭିଜନାଲ କମିଟି ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ୨୦୦୩ ମସିହାରୁ ସେ ଦଣ୍ଡକାରଣ୍ୟ, ଆବୁଝମାଡ ଏବଂ ଉତ୍ତର ବସ୍ତର ଅଞ୍ଚଳରେ ସକ୍ରିୟ ଥିଲେ। ସଙ୍ଗଠନ ସହିତ ଦୀର୍ଘ ସମୟ ଧରି ଜଡିତ ରହିବା ପରେ ସଙ୍ଗଠନ ନିଜର ସ୍ଥିତି ହରାଇବା ସହ ପଥଭ୍ରଷ୍ଟ ହେଉଥିବା ଅନୁମାନ କରି ସେ ମୁଖ୍ୟଧାରାକୁ ଫେରିବାକୁ ନିଷ୍ପତ୍ତି ନେଇଥିଲେ। ମାସେ ବର୍ସା ଜଙ୍ଗଲ ଅଞ୍ଚଳରୁ ବାହାରି ସିଧାସଳଖ କାଙ୍କେର ପୁଲିସ ଅଧିକ୍ଷକ ନିଖିଳ ରାଖେଚାଙ୍କ ପାଖକୁ ଯାଇ ଆତ୍ମସମର୍ପଣ କରିଥିଲେ। ଆତ୍ମସମର୍ପଣ ସମୟରେ ସେ ତାଙ୍କ ସହିତ ଥିବା ଏକ ଏକେ ୪୭ ରାଇଫଲକୁ ମଧ୍ୟ ପୁଲିସକୁ ହସ୍ତାନ୍ତର କରିଥିଲେ। ନାରାୟଣପୁର ସାମ୍ବାଦିକ ରୋଶନ ଠାକୁର ଏହି ପ୍ରକ୍ରିୟାରେ ମଧ୍ୟସ୍ଥିର ଭୂମିକା ଗ୍ରହଣ କରି ମାସେ ବର୍ସାଙ୍କୁ ସୁରକ୍ଷିତ ଭାବରେ ଜଙ୍ଗଲରୁ ବାହାର କରି ପୁଲିସ କାର୍ଯ୍ୟାଳୟରେ ପହଞ୍ଚିବାରେ ସାହାଯ୍ୟ କରିଥିଲେ। ଆତ୍ମ ସମର୍ପଣ ନୀତି ଅନୁଯାୟୀ ମାସେଙ୍କୁ ଥଇଥାନ କରାଯିବା ସହ ତୁରନ୍ତ ୫୦ ହଜାରର ସହାୟତା ରାଶି ପ୍ରଦାନ କରଯାଇଥିଲା।

## ଧାନ ବିକ୍ରି ପରେ ସରୁନି ମଣ୍ଡି ସମସ୍ୟା

# ଧାନ ଦେଇ ମାସେ ପୂରିଲା, ମିଳୁନି ପ୍ରାପ୍ୟ

କାଲିମେଲା,୨୬।୨(ସମିସ):

ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକରେ ମଣ୍ଡି ଅବ୍ୟବସ୍ଥା ଚାଷୀଙ୍କ ପାଇଁ ବଡ଼ ସମସ୍ୟା ପାଲଟିଛି। ମଣ୍ଡିରେ ଧାନ ଉଠାଣରେ ବିଳମ୍ବ, ଟୋକନ୍ ସମସ୍ୟା ଏବଂ ଖୋଲା ଆକାଶ ତଳେ ହଜାର ହଜାର କ୍ୱିଣ୍ଟାଲ୍ ଧାନ ପଡ଼ିରହିବା ଯୋଗୁଁ ଚାଷୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ସହ ଚଳିତ ବର୍ଷ ମଣ୍ଡିରେ ଧାନ ବିକ୍ରି ପରେ ମଧ୍ୟ ଚାଷୀମାନେ ପଇସା ପାଇବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଷ୍ଟ କରି ଫସଲ ଅମଳ କରିବା ପରେ ମଧ୍ୟ ମଣ୍ଡିର ଅବ୍ୟବସ୍ଥା ଯୋଗୁଁ ଚାଷୀ କେବେ ନିଜ ଧାନ ବିକ୍ରି କରିପାରୁନାହାନ୍ତି ତ କେବେ ବିକ୍ରି ପରେ ମଧ୍ୟ ପଇସା ପାଇବାରୁ ବଞ୍ଚିତ ହେଉଛନ୍ତି। ଧାନ ବିକ୍ରି କରିବାର ୨୪ ରୁ ୪୮ ଘଣ୍ଟା ମଧ୍ୟରେ ପଇସା ମିଳିବାର ନିୟମ ଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଉନାହିଁ। ସୂଚନା ମୁତାବକ କାଲିମେଲା ବ୍ଲକ ଭୁବନପଲ୍ଲି ପଞ୍ଚାୟତର ଚାଷୀ ପ୍ରତାପ ବରାଲ ସମେତ ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳର ଚାଷୀ ମାନଙ୍କ ଧାନ ବିକ୍ରି କରି ମାସେ ପୁରିଗଲା ପରେ ମଧ୍ୟ ପଇସା ପାଇବାରୁ ବଞ୍ଚିତ ହେଉଛନ୍ତି। ମଣ୍ଡିରେ ଧାନ ବିକ୍ରି କରିବାର ଅନେକ ଦିନ ପରେ ମଧ୍ୟ ଚାଷୀମାନେ ତାଙ୍କ ପ୍ରାପ୍ୟ ଟଙ୍କା ପାଇବାରେ ବିଳମ୍ବର ସମ୍ମୁଖୀନ ହେଉଛନ୍ତି। ଯାହା ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ସେପଟେ ବହୁ ଚାଷୀଙ୍କ ଧାନ ଉଠାଣ ନହେବାରୁ ଶତାଧିକ କୁଇଣ୍ଟାଲ ଧାନ ମଣ୍ଡିରେ ଖୋଲା ଆକାଶ ତଳେ ପଡ଼ିରହିଛି। ଯାହା ବର୍ଷା ଆଶଙ୍କାରେ ନଷ୍ଟ ହେବାର ଭୟ ରହିଛି। ମଣ୍ଡିରେ ଧାନ ବିକି ଦୁଇ ପଇସା ରୋଜଗାର ଅପେକ୍ଷାରେ ଥିବା ଚାଷୀର ନିଦ ହଜାଇଛି ଟୋକନ ଅବ୍ୟବସ୍ଥା।ଚାଷୀଙ୍କ ଜମିର ପରିମାଣ ଓ ମୌଜା ସଠିକ ରହିଥିଲେ ସୁଦ୍ଧା ଅନେକ ଚାଷୀଙ୍କୁ ଟୋକନ୍ ମିଳିନଥିବା ମଧ୍ୟ ଅଭିଯୋଗ ଆସିଛି। ସରକାର ଉତ୍ପାଦିତ ଧାନ ନ କିଣିଲେ ଆମେ କାହାକୁ ଧାନ ବିକ୍ରି କରିବୁ ବୋଲି ଚାଷୀ ପ୍ରଶ୍ନ କରିଛନ୍ତି। ପ୍ରଶାସନ ତୁରନ୍ତ ଚାଷୀଙ୍କ ସମସ୍ୟା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଇଛି।




# ପୁଲିସ ଗୁଳିରେ ୨ ମାଓବାଦୀ ନିହତ

ମାଲକାନଗିରି, ୨୬।୨(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ଇନ୍ଦ୍ରାବତୀ ନଦୀ ଅଞ୍ଚଳରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ, କରଯାଇଥିଲା। ଅପରେସନ ସମୟରେ, ଇନ୍ଦ୍ରାବତୀ ନଦୀ ଅଞ୍ଚଳରେ ସୁରକ୍ଷା ବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ଏକ ଗୁଳି ବିନିମୟ ହୋଇଥିଲା। ଏଥିରେ ପୁଲିସକୁ

## ବନ୍ଧୁକ ଓ ବହୁ ମାଓ ସମଗ୍ରୀ ଜବତ

୨ ମାଓବାଦୀ ନିହତ ସହ ବନ୍ଧୁକ ଓ ମାଓ ସାମଗ୍ରୀ ଜବତ ହୋଇଛି। ସୂଚନା ଅନୁଯାୟୀ ଛତିଶଗଡର ବୀଜାପୁର ଜିଲ୍ଲା ଗଙ୍ଗଲା ଥାନା ଅନ୍ତର୍ଗତ ଇନ୍ଦ୍ରାବତୀ ନଦୀ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ବିଷୟରେ ଖବର ପାଇ ପୁଲିସ ପକ୍ଷରୁ ମାଓ ବିରୋଧୀ ଅଭିଯାନ ଆରମ୍ଭ ଏକ ବଡ ସଫଳତା ମିଳିଛି। ଏନେଇ ବିଜାପୁରର ଏସପି ଡକ୍ଟର ଜିତେନ୍ଦ୍ର ଯାଦବ ସୂଚନା ଦେଇ ପ୍ରକାଶ କରିଛନ୍ତି ଯେ, ଅଞ୍ଚଳରେ ତଲାସି ଅଭିଯାନ ବେଳେ ଲୁଚି ରହିଥିବା ମାଓବାଦୀ ଗୁଳି ଚାଳନା କରିଥିଲେ। ଏହାର ପାଲଟା ଜବାବ ଦେଇ ପୋଲିସ ମଧ୍ୟ ଗୁଳି ଚଳାଇଥିବା ବେଳେ ମାଓବାଦୀ ମାନେ ପୋଲିସର ସାମ୍ନା କରିନପାରି ଛତ୍ରଭଙ୍ଗ ଦେଇଥିଲେ। ପରେ ଅଞ୍ଚଳରେ ପୁନଃ ତଲାସୀ ସମୟରେ ଦୁଇ ୟୁନିଫର୍ମ ପିନ୍ଧା ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏଥିସହ ଗୋଟିଏ ଏସଏଲଆର ରାଇଫଲ୍, ଏକ ଇନ୍ସାସ ରାଇଫଲ୍ ଏବଂ ଏକ ୧୨ ବୋର ରାଇଫଲ୍, ବିସ୍ଫୋରକ ଓ ଅନ୍ୟାନ୍ୟ ମାଓ ସାମଗ୍ରୀ ଜବତ କରାଯାଇଛି। ପୋଲିସ ପକ୍ଷରୁ ବର୍ତ୍ତମାନ ମଧ୍ୟ ଅଞ୍ଚଳରେ ତଲାସୀ ଅଭିଯାନ ଜାରି ରହିଛି। ମୃତ ମାଓବାଦୀଙ୍କ ପରିଚୟ ମିଳି ନଥିବା ବେଳେ ପୁଲିସ ଟିମ ଫେରିବା ପରେ ବିସ୍ତୃତ ତଥ୍ୟ ପ୍ରଦାନ କରାଯିବ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି।

# ଦୁର୍ଗା ମନ୍ଦିରରୁ ସୁନା ଅଳଙ୍କାର ଚୋରି ଅଭିଯୋଗ

ମାଲକାନଗିରି, ୨୬।୨(ସମିସ): ମାଲକାନଗିରି ଜିଲ୍ଲା ସଦର ମହକୁମାର ଦୁର୍ଗାଗୁଡି ସାହି ସ୍ଥିତ ଦୁର୍ଗା ମନ୍ଦିରରୁ ସୁନା ଗହଣା ଚୋରି ହୋଇଥିବା ଅଭିଯୋଗ ହୋଇଛି । ମନ୍ଦିର ମୁଖ୍ୟ ଫାଟକ ଓ ଗର୍ଭ ଗୃହ ଫାଟକ ତାଲା ଭାଙ୍ଗି ମନ୍ଦିରରେ ଥିବା ଅଳଙ୍କାର ସାମଗ୍ରୀ ଚୋରି



ହୋଇଥିବା ବେଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ ଆଜି ଦୁର୍ଗା ମନ୍ଦିରର ନୀତିକାନ୍ତି ପାଇଁ ସକାଳୁ ପୂଜକ ମନ୍ଦିରର ମୁଖ୍ୟ ଫାଟକ ଖୋଲିବା ବେଳେ ପୂର୍ବରୁ ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ସେହିପରି ମନ୍ଦିର ଗର୍ଭ ଗୃହର ଫାଟକ ତାଲା ମଧ୍ୟ ଭଙ୍ଗା ଯାଇଥିବା ଦେଖି ତୁରନ୍ତ ଏନେଇ ମନ୍ଦିର ପରିଚାଳନା କମିଟିର ସଦସ୍ୟଙ୍କୁ ଅବଗତ କରାଇଥିଲେ। ତେବେ କମିଟିର ସଦସ୍ୟ ମାନେ ମନ୍ଦିରରେ ପହଞ୍ଚି ଯାଞ୍ଚ କରିବା ବେଳେ ଦୁର୍ଗାଙ୍କ ପ୍ରତିମୂର୍ତ୍ତିରେ ପିନ୍ଧା ଯାଇଥିବା ସମସ୍ତ ଆଭୂଷଣ ଓ ଗହଣା ଠିକ୍ ଠାକ୍ ଥିବା ଦେଖିବାକୁ ପାଇଥିଲେ। କିନ୍ତୁ ମୂର୍ତ୍ତି ପାଶ୍ୱର୍ରେ ଥିବା ବାକ୍ସ ମଧ୍ୟରେ ରହିଥିବା ଅନ୍ୟ ଲକ୍ଷାଧିକ ଟଙ୍କାର ଅଳଙ୍କାର, ମଙ୍ଗଳ ସୂତ୍ର ଆଦିକୁ ଚୋର ଚୋରି କରିନେଇଥିବା ଜାଣିବାକୁ ପାଇ ତୁରନ୍ତ ଏନେଇ ମାଲକାନଗିରି ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ଏହି ମନ୍ଦିର ଅଞ୍ଚଳର ଏକ ପ୍ରସିଦ୍ଧ ଓ ପୁରାତନ । ଆଜି ଯାଏଁ ଏଠାରେ ସେପରି କୌଣସି ଚୋରି ଘଟଣା ଘଟି ନଥିଲା। ଏହି ଚୋରି ହେବା ପରେ ଲୋକଙ୍କ ମନକୁ ଆଘାତ ହେବା ସହ ଖୁବ ଶୀଘ୍ର ଦୋଷୀକୁ ଗିରଫ କରିବା ପାଇଁ ଦାବି ହୋଇଛି।

# ଦୁଇ ଆଇଇଡି ବୋମାକୁ ନିଷ୍କ୍ରିୟ କଲେ ଯବାନ



ମାଲକାନଗିରି,୨୬।୨(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଦକ୍ଷିଣ ବସ୍ତର ଦାନ୍ତେୱାଡା ଜିଲ୍ଲାରେ ସୁରକ୍ଷା ବାହିନୀ ଏକ ବଡ଼ ଷଡ଼ଯନ୍ତ୍ରକୁ ପଣ୍ଡ କରି ବିପୁଳ ପରିମାଣର ବିସ୍ଫୋରକ ଜବତ କରିଛି। ସୂଚନା ଅନୁଯାୟୀ ଦାନ୍ତେୱାଡା ଜିଲ୍ଲାର ବାରସୁର ପୋଲିସ ଷ୍ଟେସନ ଅଞ୍ଚଳ ଅନ୍ତର୍ଗତ ତୋଡମା ଗ୍ରାମ ଏବଂ ତୁଲାର ଗୁଫା ନିକଟସ୍ଥ ଘନ ଜଙ୍ଗଲ ପାହାଡ଼ରେ ମାଓବାଦୀମାନେ ଲୁଚାଇ ରଖିଥିବା ଦୁଇଟି ପ୍ରେସର କୁକର ଆଇଇଡି ବୋମାକୁ ତଲାସି ଅଭିଯାନ ସମୟରେ ଠାବ କରିଥିଲେ। ପ୍ରତ୍ୟେକ ଆଇଇଡି ବୋମାର ଓଜନ ପ୍ରାୟ ପାଞ୍ଚ କିଲୋଗ୍ରାମ ଲେଖାଏଁ ଥିବା ବେଳେ ସୁରକ୍ଷା କର୍ମୀଙ୍କୁ ଟାର୍ଗେଟ୍ କରି ମାଓବାଦୀ ମାନେ ଏହି ବୋମା ଖଞ୍ଜିଥିଲେ। ଡିଆରଜି ଯବାନ ଏବଂ ବାରସୁର ପୋଲିସର ଏକ ମିଳିତ ଦଳ ଓ ବୋମା ନିଷ୍କ୍ରିୟକାରୀ ଦଳ ଦ୍ୱାରା ଏହି ବୋମା ଗୁଡିକୁ ଜବତ କରି ସୁରକ୍ଷିତ ଭାବରେ ନିଷ୍କ୍ରିୟ କରିଥିଲେ। ଫଳରେ ମାଓବାଦୀଙ୍କ ଦ୍ୱାରା ରଚା ଯାଇଥିବା ଯୋଜନା ପଣ୍ଡ ହୋଇଛି। ଅଧିକାରୀଙ୍କ କହିବା ଅନୁଯାୟୀ ସମୟୋଚିତ କାର୍ଯ୍ୟାନୁଷ୍ଠାନ ସୁରକ୍ଷା ବାହିନୀ ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ପାଇଁ ସମ୍ଭାବ୍ୟ ବଡ଼ କ୍ଷତିକୁ ଏଡାଇ ଦେଇଛି। ଏହାପରେ ଅଞ୍ଚଳରେ ସର୍ଚ୍ଚ ଅପରେସନକୁ ଆହୁରି ବଢ଼ାଇ ଦିଆଯାଇଛି।

# ବିଜ୍ଞାନ ଓ ଗଣିତ ପ୍ରଦର୍ଶନୀ ମେଳା ଉଦ୍‌ଘାଟିତ



ବିଷମକଟକ,୨୬।୨(ସମିସ):

ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ଓ ଗଣିତ ପଦର୍ଶନି ମେଳା ଉଦ୍‌ଘାଟିତ ହୋଇଯାଇଛି। ବିଷମ କଟକ ସାରାକର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦିପ୍ ଙ୍କ ଅଧ୍ୟକ୍ଷତାରେ ପଦର୍ଶନି ମେଳାଟି ଅନୁଷ୍ଠିତ ହୋଇଛି। ସାରାକରୀ ଉଚ୍ଚବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ୫୫ଟି ପ୍ରକଳ୍ପ ପଦର୍ଶିତ କରିଥିଲେ। ଏହି ପ୍ରତିଯୋଗିତାରେ ମୋଟ ୧୬ଟି ସର୍କଲ ତିଆରି କରାଯାଇଥିଲା। ଗୋଟିଏ ସର୍କଲରେ ମୋଟ ୩୦ ଜଣ ଛାତ୍ର ଛାତ୍ରୀ ରହିଥିଲେ।ପଦର୍ଶନି ଉତ୍ସବରେ ମୋଟ ୫୦୦ ଜଣ ଛାତ୍ରୀ ଛାତ୍ରୀ ଏଥିରେ ଭାଗ ନେଇଥିଲେ। ବିଷମ କଟକ ସିଆରସିସି ପ୍ରଶାନ୍ତ କୁମାର ପତି,କେଦାର ରହ୍ଲାଲୁ, ବିଜ୍ଞାନ ଶିକ୍ଷକ ସୁନ୍ଦର ସିଂ ମାଝି, ଶିକ୍ଷକ ଗଦାଧର ଶବର,ନରେଶ ଚନ୍ଦ୍ର ଶବର, ସସ୍ମିତା ସାନ୍ତା, କୈଳାସ ଚନ୍ଦ୍ର ପ୍ରଧାନ, ଭୁଜରାଜ ରଣା, ଈଶ୍ୱରୀ କୁମାର ପ୍ରଧାନ,ଅଳକା କୁମାରୀ ଦାଶ ଓ ଝୁନି ଗୌଡ଼ ପ୍ରମୁଖ ପ୍ରକଳ୍ପ ଗୁଡିକ ବୁଲି ଦେଖିଥିଲେ। ୫୫ଟି ପ୍ରକଳ୍ପ ମଧ୍ୟରୁ ୫ଟି ଶ୍ରେଷ୍ଠ ପ୍ରକଳ୍ପ ଜିଲ୍ଲା ସ୍ତରୀୟ ବିଜ୍ଞାନ ଓ ଗଣିତ ପଦର୍ଶନି ମେଳା ନିମନ୍ତେ ମନୋନୀତ ହୋଇଛନ୍ତି।

# ଗଞ୍ଜେଇ ଜବତ, ଜଣେ ଗିରଫ



ରାୟଗଡ଼ା,୨୬।୨(ସମିସ): ବେଆଇନ ଭାବେ ଟ୍ରେନ୍ ଯୋଗେ ଗଞ୍ଜେଇ ଚୋରା ଚାଲାଣ କରିବାକୁ ଉଦ୍ୟମ କରୁଥିବା ଜଣେ ଯୁବକଙ୍କୁ ରାୟଗଡ଼ା ରେଳ ଷ୍ଟେସନରୁ ଗିରଫ କରି କୋର୍ଟଚାଲାଣ କରିଛି ରାୟଗଡ଼ା ସରକାରୀ ରେଳବାଇ ପୋଲିସ (ଜିଆରପିଏସ)। ଗିରଫ ଅଭିଯୁକ୍ତ ହେଲେ ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ଗ୍ରାମର କାହ୍ନୁଚରଣ ବାଗଙ୍କ ୩୫ ବର୍ଷିୟ ପୁଅ ଲୁନା ବାଗ। ସେ ରାୟଗଡ଼ାରୁ ଆନ୍ଧ୍ର ପ୍ରଦେଶର ବିଜୟନଗରମକୁ ଟ୍ରେନ୍ ଯୋଗେ ଉକ୍ତ ୭କେଜି ୭୬୦ଗ୍ରାମ ଓଜନର ଗଞ୍ଜେଇ ଚୋରା ଚାଲାଣ ପାଇଁ ଟ୍ରେନ୍‌କୁ ଅପେକ୍ଷା କରୁଥିବା ବେଳେ ନିୟମିତ ଯାଞ୍ଚ ବେଳେ ଜିଆରପି ପୁଲିସ ହାତରେ ଧରାପଡିଥିଲେ। ଯାଞ୍ଚ ବେଳେ ପୁଲିସ ଅଭିଯୁକ୍ତ ଲୁନାର ବ୍ୟାଗକୁ ତନଖି ଥିବା ବେଳେ ସେଥିରେ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲେ। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୭୭୬୦୦ ଟଙ୍କା ହେବ ବୋଲି ପୁଲିସ ଆକଳନ କରିଥିବା ବେଳେ ଜିଆରପି ଡିଏସପି ପ୍ରଭାତ କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଏହି ଯାଞ୍ଚ ବେଳେ ଜିଆରପି ଥାନା ଅଧିକାରୀ ବିଜୟ ପ୍ରକାଶ ମିଞ୍ଜ ଏସଆଇ ସନ୍ତୋଷ କୁମାର ପରିଡା, ଏଏସଆଇ ମଳୟ ମାଝି, ମାଣିକ ଚନ୍ଦ୍ର ଗୌଡ, କନଷ୍ଟେବଳ ଧନୁଜ ବୈଦଭୂଷଣ ପ୍ରମୁଖ ସାମିଲ ଥିଲେ।

# ପିଏମ୍‌ଶ୍ରୀ ବିଦ୍ୟାଳୟରେ ଗଣିତ ବିଜ୍ଞାନ ସର୍କଲ

ଚନ୍ଦ୍ରପୁର,୨୬।୨(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ୍‌ର ପିଏମ୍‌ଶ୍ରୀ ସରକାରୀ (ଏସ୍‌ଏସ୍‌ଡି) ଉଚ୍ଚ ବିଦ୍ୟାଳୟ ଠାରେ ଗଣିତ ଓ ବିଜ୍ଞାନ ସର୍କଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଷଷ୍ଠରୁ ନବମ ଶ୍ରେଣୀର ୩୦୦ ଛାତ୍ର ମୋଟ ୨୦ଟି ଗ୍ରୁପ୍ ରେ ଅଂଶ ଗ୍ରହଣ କରିଥିଲେ। ଏଥରେ ଗଣିତ, ବିଜ୍ଞାନ ଶିକ୍ଷକ ଏବଂ ଅନ୍ୟ ଶିକ୍ଷକ ସହୋଯୋଗ କରି ଗଣିତ ଓ ବିଜ୍ଞାନ ସମ୍ବନ୍ଧୀୟ ପ୍ରକଳ୍ପ ଏବଂ ପ୍ରଶିକ୍ଷଣ ଚାର୍ଟ ପିଲା ମାନଙ୍କ ଦ୍ୱରା ପ୍ରସ୍ତୁତ କରାଯାଇଥିଲା। ଛାତ୍ର ମନଙ୍କୁ ବିଭିନ୍ନ ଗ୍ରୁପ୍‌ରେ କରାଯାଇ ଗୋଟେ ଶ୍ରେଣୀ ଗୃହରେ ଶିକ୍ଷକ ମାନଙ୍କ ତତ୍ତ୍ୱାବଧାନରେ ଛାତ୍ର ମାନେ ତିଆରି କରିଥିବା ପ୍ରକଳ୍ପକୁ ଅନ୍ୟ ଶିକ୍ଷକ ମାନେ ପ୍ରଶ୍ନ ଉତ୍ତର କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାସ୍କର ଗୋମାଙ୍ଗ, କୃଷି ଶିକ୍ଷକ ପ୍ରଦୀପ କୁମାର ଚୌଧୁରୀ, ବିଜ୍ଞାନ ଶିକ୍ଷକ ମକର ତୁଇକା, ସାରଙ୍ଗ ଧର ବାଗ, କୁନା ମାଝୀ, ବଳଭଦ୍ର କୁଟ୍ରୁକା, ସୁନିଲ ମହାନ୍ତି, ଆନନ୍ଦ ତୁବୁକା, ଶ୍ରୀକାନ୍ତ ହୋତାଙ୍କ କରକମଳରେ ସୁରୁଖୁରୁରେ ସମ୍ପାଦନ ହୋଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ର ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ।



## ରାୟଗଡ଼ା ଜିଲ୍ଲା

# ଦୁଇ ବର୍ଷରେ ୭୮୧ ମହିଳା ବିରୋଧୀ ଅପରାଧ ମାମଲା

ରାୟଗଡ଼ା,୨୬।୨(ସମିସ):

ରାୟଗଡ଼ା ଜିଲ୍ଲାର ୧୭ ଥାନାରେ ଗତ ଦୁଇ ବର୍ଷ ମଧ୍ୟରେ ମହିଳା ବିରୋଧୀ ହିଂସା ବଢିଛି। ୨୦୨୪ ମସିହାରେ ୩୩୬ଟି ଏବଂ ୨୦୨୫ ବର୍ଷରେ ୪୪୫ଟି ମୋଟ ୭୮୧ ମହିଳା ବିରୋଧୀ ଅପରାଧ ମାମଲା ରୁଜୁ ହୋଇଥିବା ବେଳେ ୨୦୨୪ ମସିହାରେ ୧୯ ଏବଂ ୨୦୨୫ ମସିହାରେ ୨୧ଗୋଟି ମୋଟ ୪୦ ସାଇବର ଅପରାଧ ମାମଲା ରୁଜୁ ହୋଇଥିବା ନେଇ ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀଙ୍କ ଚଳିତ ମାସ ଗତ ୨୩ ତାରିଖର ଅଣତାରକା ପ୍ରଶ୍ନ ସଂଖ୍ୟା ୧୪୫୫ର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ତଥ୍ୟ ଉପସ୍ଥାପନା କରିଛନ୍ତି। ବିଧାୟକ ଶ୍ରୀ କାଡ୍ରକା ରାୟଗଡ଼ା ଜିଲ୍ଲାର ପ୍ରତ୍ୟେକ ଥାନାରେ ମହିଳା ଓ ଶିଶୁ ସହାୟତା କେନ୍ଦ୍ର ସଠିକ୍ ଭାବେ କାର୍ଯ୍ୟ କରୁଛି କି ଓ ସେଠାରେ ସ୍ୱତନ୍ତ୍ର ମହିଳା ପୁଲିସ ଅଧିକାରୀ ନିୟୋଜିତ ହୋଇଛନ୍ତି କି ଏବଂ ଗତ ଦୁଇ ବର୍ଷ ମଧ୍ୟରେ ଜିଲ୍ଲାରେ ମହିଳା ବିରୋଧୀ ଅପରାଧ ମାମଲା କେତୋଟି ରୁଜୁ ହୋଇଛି ଏବଂ ସେଥିରୁ କେତେ ପ୍ରତିଶତ ମାମଲାର ଚାର୍ଜସିଟ୍ ଦାଖଲ ହୋଇଛି ବୋଲି ପ୍ରଶ୍ନ କରିଥିବା ବେଳେ ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ ରାୟଗଡା ଜିଲ୍ଲାର ୧୭ ଥାନାରେ

## ୪୦ ସାଇବର ଅପରାଧ ମାମଲା

ମହିଳା ଓ ଶିଶୁ ସହାୟତା କେନ୍ଦ୍ର ସଠିକ୍ ଭାବେ କାର୍ଯ୍ୟ କରୁଛି। ଏହା ମହିଳା ପୁଲିସ ଅଧିକାରୀ/କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେଉଥିବା ବେଳେ ଗତ ୨୦୨୪ ମସିହାରେ ୩୩୬ଟି ମହିଳା ବିରୋଧୀ ଅପରାଧ ମାମଲା ମଧ୍ୟରୁ ୨୭୧ଟି ଗୋଟି ମାମଲାରେ ୮୦ପ୍ରତିଶତ ଏବଂ ୨୦୨୫ ମସିହାର ୪୪୫ଟି ମାମଲା ମଧ୍ୟରୁ ୨୮୨ଗୋଟି ମାମଲାରେ ୬୩ପ୍ରତିଶତ ଚାର୍ଜ ସିଟ୍ ଦାଖଲ ହୋଇଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ତଥ୍ୟ ପ୍ରକାଶ କରିଛନ୍ତି। ସେହିପରି ବିଧାୟକ ଶ୍ରୀ କାଡ୍ରକା ଜିଲ୍ଲାରେ ବର୍ତ୍ତମାନ କେତୋଟି ସାଇବର ଥାନା କାର୍ଯ୍ୟ କରୁଛି, ଏହି ଥାନା ଗୁଡିକରେ ସାଇବର ଅପରାଧ ଯାଞ୍ଚ ପାଇଁ ଆବଶ୍ୟକୀୟ ଆଧୁନିକ ବୈଷୟିକ ଯନ୍ତ୍ରପାତୀ ଏବଂ ଦକ୍ଷ ଆଇଟି ବିଶେଷଜ୍ଞ ରହିଛନ୍ତି କି ବୋଲି ପ୍ରଶ୍ନ କରିଥିବା ବେଳେ ଗତ ୨ବର୍ଷ ମଧ୍ୟରେ ଜିଲ୍ଲାର କେଉଁ ଥାନାରେ କେତୋଟି ସାଇବର ଅପରାଧ ମାମଲା ରୁଜୁ ହୋଇଛି। ରୁଜୁ ହୋଇଥିବା ମୋଟ ମାମଲା ମଧ୍ୟରୁ କେତୋଟି ମାମଲାର ଚୁଡାନ୍ତ ତଦନ୍ତ ସରିଛି ଏବଂ କେତେଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ଓ ସାଇବର ଠକେଇର ଶୀକାର ହୋଇଥିବା ଲୋକଙ୍କର କେତେ ପରିମାଣର ଅର୍ଥ ପୋଲିସ ପକ୍ଷରୁ ଫେରସ୍ତ କରାଯାଇଛି ବୋଲି ପ୍ରଶ୍ନ କରିଥିଲେ। ଯାହାର ଉତରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ରାୟଗଡ଼ା ଜିଲ୍ଲାରେ ୨୦୨୫ ମସିହାରେ ନୂତନ ଭାବେ ସୃଷ୍ଟି ହୋଇଥିବା ସାଇବର ଅପରାଧ ଓ ଅର୍ଥନୈତିକ ଅପରାଧ ଥାନାର ସ୍ଥାପନା ପାଇଁ ରାୟଗଡ଼ା ଜିଲ୍ଲା ଇଂଟିଲିଜେନ୍ସି ବ୍ୟୁରୋର ପୁରୁଣା ଭବନକୁ ପୁନଃନିର୍ମାଣ କରାଯାଇ ଉକ୍ତ ଥାନାର କାର୍ଯ୍ୟକ୍ଷମ କରିବା ପାଇଁ ଆବଶ୍ୟକ ଭିତିଭୂମି ଯଥା କମ୍ପ୍ୟୁଟର ଓ ଅନ୍ୟାନ୍ୟ ଉପକରଣଗୁଡିକ ପୂର୍ବରୁ ପ୍ରସ୍ତୁତ କରାଯାଇଛି। ଏହାକୁ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଥିବା ବେଳେ ଜିଲ୍ଲାର ୧୭ଗୋଟି ଥାନାରେ ଗତ ଦୁଇ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୪ ମସିହାରେ ୧୯ଟି ଏବଂ ୨୦୨୫ମସିହାରେ ୨୧ଗୋଟି ମୋଟ ୪୦ଗୋଟି ସାଇବର ଅପରାଧ ମାମଲା ରୁଜୁ ହୋଇଥିବା ବେଳେ ଏହି ମାମଲା ମଧ୍ୟରୁ ୧୪ଗୋଟି ମାମଲାରେ ଚୁଡାନ୍ତ ଚାର୍ଜସିଟ୍ ଦାଖଲ ହୋଇଥିବା ମୁଖ୍ୟମନ୍ତ୍ରୀ ତଥ୍ୟ ଉପସ୍ଥାପନା କରିଛନ୍ତି। ସେହିପରି ସର୍ବମୋଟ ୬ଗୋଟି ମାମଲାରେ ୧୦ଜଣ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ସାଇବର ଠକେଇର ଶୀକାର ହୋଇଥିବା ଲୋକଙ୍କର ୧ଲକ୍ଷ ୮୦ହଜାର ଟଙ୍କା ପୋଲିସ ଦ୍ୱାରା ଫ୍ରୀଜ କରାଯାଇଛି ଏବଂ ଫେରସ୍ତ ଅର୍ଥରାଶି ସଂପର୍କରେ ତଥ୍ୟ ସଂଗ୍ରହ କରାଯାଉଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଉତ୍ତର ରଖିଛନ୍ତି।

# ଉତ୍କଳ ସମ୍ମିଳନୀ ରାଜ୍ୟ ସଭାପତିଙ୍କ ମାଲକାନଗିରି ଗସ୍ତ

ମାଲକାନଗିରି,୨୬।୨(ସମିସ): ଉତ୍କଳ ସମ୍ମିଳନୀ ରାଜ୍ୟ ସଭାପତି ଅଦ୍ୱୈତ କୁମାର ପାତ୍ର ଏବଂ ଉପ ସଭାପତି ଡ. ସୁବ୍ରତ କୁମାର ସାହୁଙ୍କ ସମେତ ଅନ୍ୟ ରାଜ୍ୟ ସ୍ତରୀୟ କର୍ମକର୍ତ୍ତା ଆଜି ଦିନିକିଆ ମାଲକାନଗିରି ଜିଲ୍ଲା ଗସ୍ତରେ ଆସିଥିଲେ। ଜିଲ୍ଲା ଗସ୍ତରେ ଆସି ପ୍ରଥମେ ମାଲକାନଗିରି ସଦର ସ୍ଥିତ ସର୍କିଟ ହାଉସରେ ପହଞ୍ଚି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହି ସମୟରେ ଉତ୍କଳ ସମ୍ମିଳନୀ ରାଜ୍ୟ ଶାଖାର ସମସ୍ତ ନେତୃବୃନ୍ଦଙ୍କ ସମେତ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ଯୋଗ ଦେଇଥିଲେ। ପରେ ସମସ୍ତ ଅତିଥି ମାନଙ୍କୁ ଜିଲ୍ଲା ଶାଖା ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରଯାଇଥିଲା। ଏହାପରେ ଉତ୍କଳ ସମ୍ମିଳନୀ ଜିଲ୍ଲା ଶାଖା ପକ୍ଷରୁ ମାଲକାନଗିରି ସଦର ସ୍ଥିତ ଉତ୍କଳ ସାମ୍ବାଦିକ ସଙ୍ଘ କାର୍ଯ୍ୟାଳୟରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ରାଜ୍ୟ ସଭାପତି ଶ୍ରୀ ପାତ୍ରଙ୍କ ସଭାପତିତ୍ୱରେ ଏହି ସଭାଟି ଅନୁଷ୍ଠିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାର ପୋଲାଭରମ ପ୍ରକଳ୍ପ ଜନିତ ସମସ୍ୟାର ସମାଧାନ, ଜିଲ୍ଲା କୁ ରେଳ ସଂଯୋଗୀକରଣ, ଆଦିବାସୀ ଭାଷାର ସଂରକ୍ଷଣ ଏବଂ ବହୁଳ ପ୍ରଚାର, ସ୍ୱାଭିମାନ ଅଞ୍ଚଳର ବିକାଶ, କୃଷିଜାତ ଦ୍ରବ୍ୟର ସଠିକ କ୍ରିୟାନ୍ୱୟନ ଭଳି ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉପ ସଭାପତି ପଦ୍ମନାଭ ସାମଲ, ଉପ ସଭାପତି କମଳ ଚକ୍ରବର୍ତ୍ତୀ, ସମ୍ପାଦକ ଅକ୍ଷୟ କୁମାର ଦାସ, କେନ୍ଦ୍ରୀୟ ସଦସ୍ୟ ରବୀନ୍ଦ୍ର ବେଉରିଆ, ଜିଲ୍ଲା ଶାଖା ସଭାପତି ଦୁଷ୍ମନ୍ତ କୁମାର ଜେନା, ଉପ ସଭାପତି ଲମ୍ବୋଦର ତୁରୁକ, ସମ୍ପାଦକ ଅଶୋକ ମିଶ୍ର, ଜିଲ୍ଲା ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଡଃ. ସରୋଜ କୁମାର ଦାଶ, ରବୀନ୍ଦ୍ର କୁମାର ମହାରଣା, ସୁରେନ୍ଦ୍ର ମଲ୍ଲିକ, ନିରଞ୍ଜନ ପଣ୍ଡା, କାଳୁ ମହାରଣା, ବିଚିତ୍ରନନ୍ଦ ରାଉତ, ନୃସିଂହ ଚରଣ ମହାନ୍ତି, ଗୋପୀକୃଷ୍ଣ ପଟ୍ଟନାୟକ, ଜୟଦେବ ରାଉଳ, ଅଲେଖ ପ୍ରସାଦ ପାତ୍ର ଙ୍କ ସମେତ ରାଜ୍ୟ ଏବଂ ଜିଲ୍ଲା ଶାଖାର ଅନ୍ୟ କର୍ମକର୍ତ୍ତା ଓ ସଦସ୍ୟ ମାନେ ଉପସ୍ଥିତ ରହି ମତ ପ୍ରକାଶ କରିଥିଲେ। ଉତ୍କଳ ସମ୍ମିଳନୀକୁ ଆଗାମୀ ଦିନରେ ଆହୁରି ସୁଦୃଢ଼ କରିବାକୁ ସମସ୍ତେ ଏକ ସ୍ୱରରେ ମତ ପ୍ରକାଶ କରିଥିଲେ।



ସକାଳ
THE SAKALA

# ସମ୍ପାଦକୀୟ



ସଫଳତା ଆକସ୍ମିକ ନୁହେଁ, କଠିନ ପରିଶ୍ରମ ଓ କର୍ମ ପ୍ରତି ନିଷ୍ଠାର ଫଳ।

-ପେଲେ

## ଅକ୍ଷମଣୀୟ ତ୍ରୁଟି

ମାଧ୍ୟମିକ ଶିକ୍ଷାରେ ପ୍ରଚଳିତ ପାଠ୍ୟକ୍ରମରୁ ବହୁବର୍ଷ ଧରି ପ୍ରଚଳିତ କିଛି ଗୁରୁତ୍ୱପୂର୍ଣ୍ଣ ବିଷୟ ବାଦ ଦେବା ଏବଂ ଗୈରିକ ମତାଦର୍ଶୀ ବିଷୟବସ୍ତୁକୁ ସାମିଲ୍ କରିବା ଆଦି ପ୍ରସଙ୍ଗକୁ ନେଇ ବିବାଦୀୟ ହୋଇପଡ଼ିଥିବା ଜାତୀୟ ଶିକ୍ଷା, ତାଲିମ୍ ଓ ଗବେଷଣା ପରିଷଦ(ଏନ୍‌ସିଇଆରଟି) ଏବେ ସାମ୍ବିଧାନିକ ଲକ୍ଷ୍ମଣରେଖାକୁ ଅତିକ୍ରମ କରି ଜାତୀୟସ୍ତରରେ ଚର୍ଚ୍ଚାକୁ ଆସିଛି। ଏନ୍‌ସିଇଆରଟି ଦ୍ୱାରା ଅଷ୍ଟମଶ୍ରେଣୀ ପାଇଁ ପ୍ରକାଶିତ ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକର 'ଆମ ସମାଜରେ ନ୍ୟାୟପାଳିକାର ଭୂମିକା' ଶୀର୍ଷକ ବିଷୟରେ ନ୍ୟାୟପାଳିକାରେ ଦୁର୍ନୀତି ଏବଂ ବିଶାଳ ମାମଲାବୋଝ ସମ୍ପର୍କରେ ଉଲ୍ଲେଖ ରହିଛି। ଏଥିସହିତ ବିଚାରପତିମାନଙ୍କର କାର୍ଯ୍ୟଧାରା ଓ ଉତ୍ତରଦାୟିତ୍ୱ ବିଷୟରେ ମଧ୍ୟ କେତେକ ପରାମର୍ଶ ଓ ମାର୍ଗଦର୍ଶନ ଦିଆଯାଇଛି। ତେଣୁ ସ୍ୱାଭାବିକ ଭାବେ ଏହା ଯେକୌଣସି ବର୍ଗ, ସ୍ତର ଓ ମତବାଦୀଙ୍କ ପାଇଁ ଭ୍ରୂକୁଞ୍ଚନ ସୃଷ୍ଟି କରିଛି ଏବଂ ଏନ୍‌ସିଇଆରଟି ସମାଲୋଚିତ ହୋଇଛି। ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ଅସନ୍ତୋଷ ପ୍ରକାଶ କରିବା ସହିତ ଏହାପଛରେ ଉଦ୍ଦେଶ୍ୟମୂଳକ ଷଡ଼ଯନ୍ତ୍ର ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରିବା ପରେ କର୍ତ୍ତୃପକ୍ଷ ଉକ୍ତ ପୁସ୍ତକଟିକୁ ବଜାରରୁ ପ୍ରତ୍ୟାହାର କରିନେଇଛନ୍ତି। ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ମଧ୍ୟ ଘୋଷଣା କରିଛନ୍ତି।

ଉପରୋକ୍ତ ସାମଗ୍ରିକ କ୍ରିୟା-ପ୍ରତିକ୍ରିୟା ପରେ ଗତାନୁଗତିକ ରୀତିରେ ତଦନ୍ତ ଚାଲିବ। ତଦନ୍ତ ରିପୋର୍ଟ କେବେ ଆସିବ ଏବଂ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯିବ ତାହା ଭିନ୍ନ କଥା। କିନ୍ତୁ ଯେଉଁ ସମ୍ବେଦନଶୀଳ ପ୍ରଶ୍ନଟି ଏବେ ଜନମାନସରେ ଉଠିଛି ତାହା ହେଉଛି ଉପରସ୍ତରର ବିନା ନିର୍ଦ୍ଦେଶ ଓ ବିନା ଇଙ୍ଗିତରେ ହଠାତ୍ ଏଭଳି ଆସ୍ପର୍ଦ୍ଧା କରିବାକୁ ବେତନଭୋଗୀ ଅଧିକାରୀ ଜଣେ ସାହସ କରିପାରିବ କି? ଏହାକୁ ନେଇ ଯେଉଁ ତର୍କବିତର୍କ, ଆଲୋଚନା-ସମାଲୋଚନାର ସୁଅ ଛୁଟିଛି ସେହି ପରିପ୍ରେକ୍ଷୀରେ କେତେକ ପ୍ରସଙ୍ଗ ସ୍ୱତନ୍ତ୍ର ତର୍ଜମାର ଅପେକ୍ଷା ରଖେ।

ବିଦ୍ୟାଳୟ ବା ମାଧ୍ୟମିକ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଦେଶର ଶାସନ ବ୍ୟବସ୍ଥା, ଗଣତାନ୍ତ୍ରିକ ବିଧାନ ଓ ସମ୍ବିଧାନ ବିଷୟରେ ଶିକ୍ଷା ଦିଆଯାଏ। କାରଣ ସେମାନେ ଦେଶର ନାଗରିକ ଭାବେ ନିର୍ଣ୍ଣାୟକ ବୟସରେ ଉପନୀତ ହେବା ବେଳକୁ ନାଗରିକ ବିଜ୍ଞାନ ବିଷୟରେ ସମ୍ୟକ୍ ଜ୍ଞାନ ହାସଲ କରିପାରିଥିବେ। ବ୍ୟବସ୍ଥା ଭିତରେ କ'ଣ ତ୍ରୁଟିବିଚ୍ୟୁତି ରହିଛି ଏବଂ କ'ଣ ସଂସ୍କାରର ଆବଶ୍ୟକ ତାହା ସେମାନେ ଉଚ୍ଚତର ଶ୍ରେଣୀ କିମ୍ବା ଗବେଷଣା ସ୍ତରରେ ଜାଣିପାରିବେ ଏବଂ ମତାମତ ଦେଇପାରିବେ। କିନ୍ତୁ କୋମଳମତି ଛାତ୍ରଛାତ୍ରୀଙ୍କ ମସ୍ତିଷ୍କରେ ଯଦି ବ୍ୟବସ୍ଥାର ସୁଦୂରପ୍ରସାରୀ ଦିଗ ଓ ଲକ୍ଷ୍ୟ ବଦଳରେ ସେଥିରେ ଥିବା ତ୍ରୁଟି ବିଷୟ ଭର୍ତ୍ତି କରିଦିଆଯାଏ ତେବେ ବ୍ୟବସ୍ଥା ପ୍ରତି ସେମାନଙ୍କର ଆସ୍ଥା ଓ ବିଶ୍ୱାସ ତୁଟିଯିବ। ଏକ ଭ୍ରମ ଧାରଣାର ମୂଳଦୁଆ ଉପରେ ଠିଆ ହୋଇ ସେମାନେ ଯେ ନାଗରିକ ଭାବରେ ଦେଶହିତରେ କିଛି କରିପାରିବେ ସେ ଆଶା ହିଁ ମଉଳି ଯିବ।

ନୀତି ନିର୍ଦ୍ଧାରକମାନେ ଏ ବିଷୟରେ ବୋଧହୁଏ ଅଜ୍ଞାତ ନଥିବେ ଯେ ବିବିଧତା ପୂର୍ଣ୍ଣ ଭାରତବର୍ଷର ଏକତା ତିଷ୍ଠି ରହିଛି ଭାରତୀୟଙ୍କ ଆସ୍ଥା ଓ ବିଶ୍ୱାସର ମୂଳଦୁଆ ଉପରେ। ଯଦି ମୂଳଦୁଆକୁ ହିଁ ଦୁର୍ବଳ କରିଦିଆଯିବ ତେବେ ଭାରତର ସାର୍ବଭୌମତ୍ୱ ଓ ଅଖଣ୍ଡତା ଦୋହଲିଯିବା ସ୍ୱାଭାବିକ। ଅନେକ ଜଟିଳ ମାମଲାରେ ଆମ ନ୍ୟାୟପାଳିକା ଯେଭଳି ରାୟ ଦେଇଛନ୍ତି ତାହାକୁ ଭାରତବାସୀ ସାଦରେ ଓ ସସମ୍ମାନେ ଗ୍ରହଣ କରିନେଇଛନ୍ତି। ଏଥିରେ ଆଇନର ଶାସନ ବ୍ୟବସ୍ଥା ପ୍ରତି ଥିବା ଆସ୍ଥା ଓ ବିଶ୍ୱାସ ଆହୁରି ଦୃଢ଼ ହୋଇଛି। କିନ୍ତୁ କତିପୟ ଦୁର୍ନୀତିଗ୍ରସ୍ତ ବିଚାରପତିଙ୍କ ପାଇଁ ସମ୍ପୂର୍ଣ୍ଣ ରୂପେ ନ୍ୟାୟିକ ବ୍ୟବସ୍ଥାକୁ କାଠଗଡ଼ା ଭିତରେ ଆବିଷ୍କାର କରିବା କେତେଦୂର ଗ୍ରହଣୀୟ ତାହା ସମ୍ପୃକ୍ତ ପାଠ୍ୟପୁସ୍ତକ ପ୍ରଣୟନ ଦାୟିତ୍ୱରେ ଥିବା ଶିକ୍ଷାବିତ୍‌ମାନେ ଚିନ୍ତା କରିବାର ଥିଲା। ଏ କଥା ମଧ୍ୟ ସେମାନେ ଭୁଲିଯିବା ଅନୁଚିତ ଥିଲା ଯେ ନ୍ୟାୟପାଳିକା ହେଉଛି ସମ୍ବିଧାନର ଜାଗ୍ରତ ପ୍ରହରୀ। ଏଭଳି ଅନେକ ମାମଲାରେ ନ୍ୟାୟପାଳିକା ସମ୍ବିଧାନର ଆତ୍ମାକୁ ସୁରକ୍ଷିତ କରିଛି ଏବଂ ଜନତା ଓ କ୍ଷମତା ଭିତରେ ସୁସମ୍ପର୍କର ସେତୁକୁ ମଜଭୂତ କରିଛି।

ଏବେ ନାଗରିକ ମହଲରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠିଛି। ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ରାଜନୀତିର ଭୂମିକା ବହୁଗୁରୁତ୍ୱପୂର୍ଣ୍ଣ। ଅପରପକ୍ଷରେ ଏହା ଯେ ଦେଶର ସର୍ବାଧିକ ଦୁର୍ନୀତିଗ୍ରସ୍ତ କ୍ଷେତ୍ର ମଧ୍ୟରୁ ଗୋଟିଏ ଏହା ଅନସ୍ୱୀକାର୍ଯ୍ୟ। ସେହିପରି ପ୍ରଶାସନ ବା ଅମଲାତନ୍ତ୍ର ମଧ୍ୟ ଏହି ଦୁର୍ନୀତି କଳଙ୍କରୁ ମୁକ୍ତ ନୁହେଁ। ତେଣୁ ଗଣତନ୍ତ୍ରର ଏହି ଦୁଇ ଦୁର୍ନୀତିଯୁକ୍ତ ସ୍ତମ୍ଭକୁ ବାଦ୍ ଦେଇ ବ୍ୟବସ୍ଥାକୁ ଦୁର୍ନୀତିମୁକ୍ତ କରିବାକୁ ଅହରହ ପ୍ରଚେଷ୍ଟା କରୁଥିବା ସ୍ତମ୍ଭ - ନ୍ୟାୟପାଳିକା କିଭଳି ପାଠ୍ୟପୁସ୍ତକ ପ୍ରଣେତାଙ୍କ ଦୃଷ୍ଟିକୁ ଆସିଲା? ପୁଣି ଯେଉଁ ମାମଲାବୋଝ ଓ ଦୁର୍ବଳ ଭିତ୍ତିଭୂମି ବିଷୟରେ ଉକ୍ତ ପୁସ୍ତକରେ ଉଲ୍ଲେଖ ରହିଛି ସେଥିପାଇଁ ବିଧାନପାଳିକା ହିଁ ଦାୟୀ। ମାମଲାବୋଝ ବଢ଼ିଚାଲିଥିବା ବେଳେ ଖାଲିଥିବା ବିଚାରପତି ପଦବୀ ସଂଖ୍ୟା ପୂରଣ ହୋଇପାରୁନାହିଁ। ଏହି ସ୍ପର୍ଶକାତର ଓ ସମସ୍ୟାବହୁଳ ପ୍ରସଙ୍ଗ ବର୍ଣ୍ଣନା କଲା ବେଳେ ୨୦୧୬, ଏପ୍ରିଲ୍ ୨୪ ତାରିଖରେ ତତ୍କାଳୀନ ପ୍ରଧାନ ବିଚାରପତି ତିରଥ୍ ସିଂହ ଠାକୁର ସାଧାରଣ ସଭାରେ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ଅଶ୍ରୁ ସମ୍ବରଣ କରିପାରି ନଥିଲେ। ପୁଣି ଯଦି କେହି ବିଚାରପତି ଦୁର୍ନୀତିଗ୍ରସ୍ତ ବୋଲି ପ୍ରମାଣିତ ହୁଅନ୍ତି ତାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣି ବହିଷ୍କାର କରିବାର ଅଧିକାର ମଧ୍ୟ ବିଧାନପାଳିକାର ରହିଛି। ତେଣୁ ବିଧାନପାଳିକାକୁ ବାଦ୍ ଦେଇ ନ୍ୟାୟପାଳିକାର ଉଭୟ ଦୁର୍ନୀତି ଓ ମାମଲା ବୋଝ ବିଷୟ ଉଲ୍ଲେଖ କରାଯାଇପାରେନା।

ପାଠ୍ୟପୁସ୍ତକରେ ଏତାଦୃଶ ତ୍ରୁଟି ଆଦୌ ସାଧାରଣ ନୁହେଁ, ବରଂ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ କହିବା ଭଳି ଏକ ଗଣତାନ୍ତ୍ରିକ ସଂସ୍ଥାକୁ ବଦ୍‌ନାମ କରିବା ପାଇଁ ଉଦ୍ଦେଶ୍ୟମୂଳକ ଷଡ଼ଯନ୍ତ୍ର। ନ୍ୟାୟିକ ବ୍ୟବସ୍ଥା ପ୍ରତି ଏଭଳି ନକାରାତ୍ମକ ଧାରଣା ଥିବା ପାଠ୍ୟପୁସ୍ତକ ପ୍ରଣେତାମାନେ ଭାରତର ଶିକ୍ଷା ବ୍ୟବସ୍ଥାକୁ କି ଦିଗ୍‌ଦର୍ଶନ ଦେବେ ଏବଂ କିଭଳି ସ୍କୁଲ୍‌ସ୍ତରରୁ ଦେଶର ସୁନାଗରିକ ଗଢ଼ିବାରେ ସହାୟତା କରିବେ ତାହା ବିଚାରସାପେକ୍ଷ। ଏଭଳି ଅସାଧାରଣ ତ୍ରୁଟି ଅକ୍ଷମଣୀୟ। ତଦନ୍ତ ବେଳେ ଏହି ଅକ୍ଷମଣୀୟ ଓ ଉଦ୍ଦେଶ୍ୟମୂଳକ ତ୍ରୁଟି ପଛରେ ଥିବା ପ୍ରଚ୍ଛନ୍ନ ଓ ଅଦୃଶ୍ୟ ହାତର ପରିଚୟ ସାର୍ବଜନୀନ ହେବ ତ? ଏହି ପ୍ରଶ୍ନ ଏବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

## ଉପକୂଳ ରାଜପଥ: ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି

ଓଡ଼ିଶାର ବହୁପ୍ରତୀକ୍ଷିତ ଜାତୀୟ ଜଳପଥ - ୫ ପ୍ରକଳ୍ପ ପାଇଁ ବିଳମ୍ବରେ ହେଲେ ମଧ୍ୟ ୨୦୨୬-୨୭ ଆର୍ଥିକ ବଜେଟ୍‌ରେ ସ୍ଥାନ ପାଇବା ପରେ କିଛିଟା ଆଶା ସଞ୍ଚାର ହୋଇଛି। କିନ୍ତୁ ଓଡ଼ିଶା ଉପକୂଳ ରାଜପଥ ପ୍ରକଳ୍ପ ବିଷୟରେ ବଜେଟ୍‌ରେ ସ୍ପଷ୍ଟ ହୋଇନାହିଁ। ଫଳରେ ଏହି ପ୍ରକଳ୍ପଟିର ଭାଗ୍ୟ ଓ ଭବିଷ୍ୟତକୁ ନେଇ ଓଡ଼ିଶାବାସୀ ସନ୍ଦିହାନ ଅଛନ୍ତି। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ସଡ଼କ ପଥ ଯୋଗାଯୋଗରୁ ବିଚ୍ଛିନ୍ନ ହୋଇ ରହିଥିବା ଉପକୂଳ ଓଡ଼ିଶାର କେତେକ ଅଞ୍ଚଳବାସୀଙ୍କ ଜୀବନଯାତ୍ରା ଓ ସାମାଜିକ- ଅର୍ଥନୀତିରେ ଉନ୍ନତି ଘଟିବ ଏବଂ ରାଜ୍ୟ ସରକାର ମଧ୍ୟ ଉପକୃତ ହେବେ। କିନ୍ତୁ କେବେ ନକ୍ସା ବଦଳ ତ କେବେ ଟେଣ୍ଡର ବାତିଲ୍ ଆଦି କାରଣରୁ ଏହି ପ୍ରକଳ୍ପ ବିଳମ୍ବିତ ହୋଇଚାଲିଛି।

ଉପକୂଳ ରାଜପଥ ଭାରତ ସରକାରଙ୍କର ଏକ ଅତି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ଏଥିରେ ଦେଶର ନଅଟି ଯାକ ସମୁଦ୍ର ତଟବର୍ତ୍ତୀ ରାଜ୍ୟଙ୍କୁ ସାମିଲ କରାଯାଇଛି। ତଦନୁସାରେ ଓଡ଼ିଶା ମଧ୍ୟ ଏଥିରେ ସ୍ୱାଭାବିକ ଭାବେ ସ୍ଥାନ ପାଇଛି। ଏହି ପ୍ରକଳ୍ପ ଉପକୂଳ ଅଞ୍ଚଳର ଜୀବନ ଜୀବିକା ଏବଂ ବିକାଶରେ ଜୀବନରେଖା ହେବା ସହ ବନ୍ଦରସବୁକୁ ଯୋଡ଼ି 'ସାଗରମାଳା' ପ୍ରକଳ୍ପର ଏକ ପରିପୂରକ ହେବାକୁ ଉଦ୍ଦିଷ୍ଟ। ତେବେ ସାମୁଦ୍ରିକ ତଟରେଖାଗୁଡ଼ିକ ଭୌଗୋଳିକ ଓ ପରିବେଶ ଦୃଷ୍ଟିରୁ ଉଭୟଆହ୍ୱାନମୂଳକ ଓ ଅତି ସଂବେଦନଶୀଳ। ଏହାର ସୁଯୋଗ ନେଇ ସମୁଦ୍ରବାଟେ ଦେଶକୁ ଅନୁପ୍ରବେଶ ଅଧିକ ହୋଇଥାଏ। ତେଣୁ ଜାତୀୟ ସୁରକ୍ଷା ପାଇଁ ଉପକୂଳ ରାଜପଥର ଭୂମିକା ମଧ୍ୟ ଅତି ଅଧିକ।

ଓଡ଼ିଶାର ୪୮୦ କିମି ଲମ୍ବ ସମୁଦ୍ରକୂଳର ଦୁଇଟି ବଡ଼ ଅଂଶ ପରିବେଶ ଦୃଷ୍ଟିରୁ ଅତ୍ୟନ୍ତ ସ୍ପର୍ଶକାତର। ସେଥିରୁ ଗୋଟିଏ ହେଲା କେନ୍ଦ୍ରପଡ଼ା ଜିଲ୍ଲାର ଭିତରକନିକା, ଗହିରମଥା ଓ ବରୁଣେଇ ଅଞ୍ଚଳ ଏବଂ ଅନ୍ୟଟି ଚିଲିକା ହ୍ରଦ ସଂପୃକ୍ତ ଇଲାକା, ଯାହା ପୁରୀ, ଖୋର୍ଦ୍ଧା ଓ ଗଂଜାମ ଜିଲ୍ଲାକୁ ବ୍ୟାପିଛି। ଏହି ଅଞ୍ଚଳ ସବୁ ଗମନାଗମନ ଦୃଷ୍ଟିରୁ ଅତ୍ୟନ୍ତ ଅନଗ୍ରସର ତଥା ସମସ୍ୟାବହୁଳ। ରାଜଧାନୀ ଭୁବନେଶ୍ୱରରେ ପହଞ୍ଚିବା ପାଇଁ ସେମାନଙ୍କୁ କଲକତା-ଚେନ୍ନଇ ରାଜ୍ୟପଥ ନଂ - ୧୬ ଧରିବାକୁ ୫୦ ରୁ ୧୦୦ କିମି ରାସ୍ତା ବୁଲିବାକୁ ପଡ଼ିଥାଏ। ତେଣୁ ରାଜ୍ୟ ସରକାରଙ୍କର ମୂଳ ଯୋଜନା ଥିଲା ଏହି ପ୍ରସ୍ତାବିତ ରାଜପଥକୁ ଉଦୟପୁର, ଚନ୍ଦନେଶ୍ୱର, ଚାନ୍ଦିପୁର, ବାସୁଦେବପୁର, ତାଳପଦା, ଧାମରା, ଭିତରକନିକା, ସାତଭାୟା, ରତନପୁର, ପାରାଦୀପ, କାକଟପୁର, ଅସ୍ତରଙ୍ଗ, କୋଣାର୍କ, ପୁରୀ, ବାଲୁଖଣ୍ଡ, ବ୍ରହ୍ମଗିରି, ପାରିକୁଦ, ସାତପଡ଼ା, ମାଲୁଦ, କୃଷ୍ଣପ୍ରସାଦ ଆଦି ଦେଇ ଗୋପାଳପୁର ସହ ସଂଯୁକ୍ତ କରିବା। ତାହା କିନ୍ତୁ ଦେଶର କଠୋର ପରିବେଶ ଆଇନ କଟକଣା ଯୋଗୁଁ ସମ୍ଭବ ହେଲା ନାହିଁ। କାରଣ ଏହି ପ୍ରସ୍ତାବିତ ପଥରେ ଭିତରକନିକା ଅଭୟାରଣ୍ୟ, ଗହିରମଥା, ବାଲୁଖଣ୍ଡ ଓ ଚିଲିକାର ପରିବେଶ ଓ ଉପକୂଳ ବନ୍ୟପ୍ରାଣୀ ସୁରକ୍ଷା ଅଞ୍ଚଳ ରହୁଥିଲା। ତେଣୁ ରାଜ୍ୟ ସରକାର ତଟୀୟ ରାଜମାର୍ଗର ମୂଳ ନକ୍ସାକୁ ସଂଶୋଧନ କରିଥିଲେ।

ଓଡ଼ିଶାର ସମସ୍ୟା ହେଲା ଏହାର ଉପକୂଳରେ ରହିଛି ପରିବେଶ ଦୃଷ୍ଟିରୁ ଅତି ସଂବେଦନଶୀଳ ଚିଲିକା, ବାଲୁଖଣ୍ଡ, ଭିତରକନିକା, ମହାନଦୀ ମୁହାଁଣ ଭଳି ଅଭୟାରଣ୍ୟ ଓ ସୁରକ୍ଷିତ ଅଞ୍ଚଳ। ସେ ଦୃଷ୍ଟିରୁ ସେ ସବୁ ଅଞ୍ଚଳଠାରୁ ପ୍ରସ୍ତାବିତ ଉପକୂଳ ରାଜପଥକୁ ଘୁଞ୍ଚାଇ ଅଥବା ନିରାପଦ ଦୂରତ୍ୱରେ ନିର୍ମାଣ କରିବାକୁ ପୁଣି ଥରେ ଯୋଜନା ହୋଇଥିଲା। ଏହା ଫଳରେ ଓଡ଼ିଶାରେ ୩୪୬ କିମି ଦୈର୍ଘ୍ୟ ଏହି ତଟୀୟ ରାଜପଥ ନିର୍ମାଣ ହେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। କେନ୍ଦ୍ର ସରକାରଙ୍କ ପ୍ରକଳ୍ପ ରିପୋର୍ଟ ଅନୁସାରେ ଏହି ସଡ଼କ ଦୁଇ ଭାଗରେ ବିଭକ୍ତ ହୋଇ କାର୍ଯ୍ୟକାରୀ ହେବାର ଅଛି। ପ୍ରଥମଟି ଖୋର୍ଦ୍ଧାର ଟାଙ୍ଗୀ ନିକଟ ରାମେଶ୍ୱରରୁ ଚେନ୍ନାଇ-ମାଡ୍ରାସ୍ ରାଜପଥରୁ ବାହାରି କେନ୍ଦ୍ରାପଡ଼ା ଜିଲ୍ଲାର ରତନପୁର ଯାଏଁ ନିର୍ମିତ ହେବ, ଯାହାର ଦୈର୍ଘ୍ୟ ୧୭୬ କିମି। ଦ୍ୱିତୀୟ ଖଣ୍ଡଟି ୧୭୦ କିମି ବ୍ୟାପୀ ରତନପୁରରୁ ଓଡ଼ିଶା ସୀମାନ୍ତ ଦୀଘା ଯାଏଁ ତିଆରି ହେବ। ଏହି ପ୍ରାସ୍ତାବିତ ରାଜପଥ ଚାରିଟିକିଆ ହେବାର ପରିକଳ୍ପନା ରହିଛି।

ବିଡ଼ମ୍ବନା ହେଉଛି ସବୁ କେନ୍ଦ୍ରୀୟ ପ୍ରକଳ୍ପ ଭଳି ଏହି ଉପକୂଳ ରାଜପଥ ଯୋଜନାରେ ବିରୋଧ ପଶିଛି ଏବଂ ଏହାର ନିର୍ମାଣ କାର୍ଯ୍ୟ ପଦ୍ମ ଘୁଞ୍ଚି ଘୁଞ୍ଚି ଯିବା ଭଳି ଅବସ୍ଥାରେ ପହଞ୍ଚିଛି। କିଛିମାସ ତଳେ ଶ୍ରେଣୀ ବା ଧାଡ଼ି ବିନ୍ୟାସ (ଆଲାଏନ୍‌ମେଣ୍ଟ) ପ୍ରସଙ୍ଗରେ ତ୍ରୁଟି ରହିଥିବା ଦର୍ଶାଇ ଜାତୀୟରାଜପଥପ୍ରାଧିକରଣ (ଏନ୍‌ଏଚ୍‌ଆଇ) ଏହି ପ୍ରସ୍ତାବିତ ରାଜପଥର ତିନିଟି ଖଣ୍ଡର ଟେଣ୍ଡରକୁ ବାତିଲ କରିଦେଇଥିଲେ। ସେଥିମଧ୍ୟରୁ ପ୍ରକଳ୍ପର ୩ ନମ୍ବର ପ୍ୟାକେଜ୍ ଥିଲା ବିବାଦର ମଞ୍ଜି। ପରବର୍ତ୍ତୀ ସମୟରେ ସେ ଖଣ୍ଡର ନିର୍ମାଣକୁ ପରିବେଶ ମଞ୍ଜୁରୀ ଦେବାକୁ କର୍ତ୍ତୃପକ୍ଷ ସୁପାରିସ କରିବା ପରେ ଏହି ବହୁ ପ୍ରତୀକ୍ଷିତ ରାଜପଥର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ଆଶା ସଂଚାର ହୋଇଥିଲା। କିନ୍ତୁ ଏବେ ପୁଣି ତାହା ଶୀତଳଭଣ୍ଡାରକୁ ଚାଲିଯିବା ପରି ଲାଗୁଛି।

ରାଜପଥ ପ୍ରକଳ୍ପ ସବୁ ବିଭିନ୍ନ ପ୍ୟାକେଜ୍ ବା ପର୍ଯ୍ୟାୟରେ ନିର୍ମିତ ହୁଏ। ତେବେ ରାମେଶ୍ୱରରୁ ରତନପୁର ଯାଏ ଥିବା ତିନିଟି ପ୍ୟାକେଜ୍‌ର ପ୍ରକଳ୍ପକୁ ଆଲାଏନ୍‌ମେଣ୍ଟ କାରଣରୁ ତିନିଥର ବଦଳାଇ ଶେଷରେ ହଠାତ୍ ବାତିଲ କରିଦେବାର କାରଣ ବୁଝିବା କଷ୍ଟ। କାକଟପୁରରୁ ଏରସମାଖଣ୍ଡ (ପ୍ୟାକେଜ୍-୩)ର ନିର୍ମାଣକୁ କର୍ତ୍ତୃପକ୍ଷ ବାତିଲ କରି ନୂଆ ପଥ ନିର୍ଦ୍ଧାରଣ କରିଥିବାରୁ ସ୍ଥାନୀୟ ଲୋକେ ଏହାର ଦୃଢ଼ ପ୍ରତିବାଦ କରୁଛନ୍ତି। ଏବେ ଶୁଣାଯାଉଛି ଯେ ଏହି ବିରୋଧ ପରେ କର୍ତ୍ତୃପକ୍ଷ ଯୋଜନାରେ ପୁଣି ସଂଶୋଧନ କରି ଏହାକୁ ପରିବେଶ ମଞ୍ଜୁରୀ ପାଇଁ ପଠାଇଛନ୍ତି। ଏବେ ସର୍ତ୍ତ ହେଉଛି ପରିବେଶ ମଞ୍ଜୁରୀ ମିଳିଲେ ଏହାର ଡିପିଆର୍ ପ୍ରସ୍ତୁତ ହେବ। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଅବଶ୍ୟ ଏ କଥାକୁ ସ୍ୱୀକାର କରିଛନ୍ତି। ତେବେ ପରିବେଶ ମଞ୍ଜୁରୀ ନ ମିଳିଲେ ପ୍ରକଳ୍ପ ନିର୍ମାଣ ବିଳମ୍ବିତ ହେବ ଓ ରାସ୍ତାକୁ ବୁଲାଇ ଅନ୍ୟବାଟରେ ନେବାକୁ ପଡ଼ିପାରେ।

୨୦୧୫ରେ ଏହି ଉପକୂଳ ରାଜପଥ ନିର୍ମାଣ ଯୋଜନା ବିଭାଗୀୟ ମନ୍ତ୍ରୀ ନୀତିନ୍ ଗଡ଼କରୀଙ୍କ ଦ୍ୱାରା ଘୋଷଣା କରାଯାଇଥିଲା। ଏହାଦ୍ୱାରା ବନ୍ଦର ସଂଯୋଗ ବ୍ୟବସ୍ଥା ସହଜ ହେବା ସହିତ ଜାତୀୟ ରାଜପଥ-୧୬ (କଲକତା-ମାଡ୍ରାସ)ର ଚାପ ହ୍ରାସ ପାଇବ ବୋଲି ସେ କହିଥିଲେ। ଏହି ପ୍ରସ୍ତାବିତ ପ୍ରକଳ୍ପ ପାଇଁ ଗତବର୍ଷ ଜୁଲାଇ ୨୯ରେ ରାମେଶ୍ୱରଠାରୁ ରତନପୁର ଯାଏଁ ଚାରି ପର୍ଯ୍ୟାୟ ସଡ଼କ ପ୍ରାୟ ନିର୍ମାଣ ପାଇଁ ୪୦୦୦ କୋଟି ଟଙ୍କାର ଟେଣ୍ଡର ଡକାଯାଇଥିଲା। ପରେ ଏହାକୁ ବାତିଲ କରାଯିବାରୁ ପ୍ରକଳ୍ପ ନିର୍ମାଣରେ ଅନିଶ୍ଚିତତା ସୃଷ୍ଟି ହୋଇଛି। ଗୋପାଳପୁରରୁ ଦୀଘା ଯାଏଁ ନିର୍ମିତ ହେବାକୁ ଥିବା ଏହି ଉପକୂଳ ରାଜପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ୮୦୦୦ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ଏବେ ପ୍ରକଳ୍ପ ନିର୍ମାଣ ବିଳମ୍ବିତ ଓ ଅନିଶ୍ଚିତ ହେଉଥିବାରୁ ଏହି ଖର୍ଚ୍ଚ ଯଥେଷ୍ଟ ବଢ଼ିବା ପ୍ରାୟ ନିଶ୍ଚିତ।

ଉତ୍ତରରେ ଓଡ଼ିଶା ସୀମାନ୍ତ ଦୀଘାରୁ ଦକ୍ଷିଣରେ ଗୋପାଳପୁର ପର୍ଯ୍ୟନ୍ତ ଓଡ଼ିଶାର ଉପକୂଳ ନଦୀନାଳ, ଆର୍ଦ୍ରଭୂମି, ଅଭୟାରଣ୍ୟ, ହ୍ରଦ ଓ ଜୁଆରିଆ ଅଞ୍ଚଳ ସବୁ ବହୁ ସଂଖ୍ୟାରେ ରହିଛି। ଏହି ଅଞ୍ଚଳରେ ଘନ ଜନବସତି ଦେଖାଯାଏ ଏବଂ ସଡ଼କ ଓ ରେଳ ଯୋଗାଯୋଗର ସୁବିଧା ଅତ୍ୟନ୍ତ ଖରାପ। ତେଣୁ ସିଧାସଳଖ ଉପକୂଳ ଦେଇ ଉତ୍ତର-ଦକ୍ଷିଣ ରାଜପଥ ରହିଲେ ଲୋକଙ୍କର ଜୀବନ ଜୀବିକା ବଦଳିବ। ଏହା ଶିଳ୍ପାୟନ, ପର୍ଯ୍ୟଟନକୁ ମଧ୍ୟ ସାହାଯ୍ୟ କରିବ। ସେଥିପାଇଁ ତ ଅନେକ ଅଞ୍ଚଳରେ ରାଜପଥ ସପକ୍ଷରେ ଆନ୍ଦୋଳନ ହେଉଛି। ଆଲାଏନ୍‌ମେଣ୍ଟ ଓ ପରିବେଶକୁ ଆଳ କରି ସଡ଼କ ପ୍ରକଳ୍ପକୁ ଲୋକଙ୍କ ପହଞ୍ଚ ବାହାରେ ରଖିବା ମଧ୍ୟ ନିରର୍ଥକ ହୋଇପାରେ। ସରକାର ନୂଆ ପରିବେଶ ନିୟମ କାର୍ଯ୍ୟକାରୀ କରିଛନ୍ତି। ତାହାକୁ ଦୃଷ୍ଟିରେ ରଖି ଏହି ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକାରୀ କଲେ ଓଡ଼ିଶାବାସୀ, ବିଶେଷକରି ଉପକୂଳର ସାତଟି ଜିଲ୍ଲାର ଲକ୍ଷ ଲକ୍ଷ ଲୋକେ ଉପକୃତ ହୁଅନ୍ତେ। ଓଡ଼ିଶା ସରକାର ଏଥିପାଇଁ କେନ୍ଦ୍ର ଉପରେ ଅଧିକ ଚାପ ପ୍ରୟୋଗ କରନ୍ତୁ ଓ ଏହି ପ୍ରକଳ୍ପ କାମ ଶୀଘ୍ର ଆରମ୍ଭ ହେଉ।

ଏହି ପ୍ରସ୍ତାବିତ ରାଜପଥଟି ରାଜ୍ୟର ଛ'ଟି ତଟବର୍ତ୍ତୀ ଜିଲ୍ଲାର କେବଳ ଜୀବନରେଖା ହେବ ନାହିଁ; ଏହା ଦୁଇପାର୍ଶ୍ୱର ଲୋକଙ୍କ ପାଇଁ ଏବଂ ରାଜ୍ୟ ନିମନ୍ତେ ସାମାଜିକ-ଆର୍ଥିକ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିବ। ଏସବୁ ଅଞ୍ଚଳ ଦେଇ ୧୧ଟି ପ୍ରମୁଖ ନଦୀ ଓ ଜଳଧାର ପ୍ରବାହିତ ହୋଇଛି। ତେଣୁ ବହୁ ଅଞ୍ଚଳ ବନ୍ୟା ଓ ସମୁଦ୍ର ପ୍ଲାବନ ପ୍ରବଣ। ସେ ଦୃଷ୍ଟିରୁ ନିର୍ମାଣର ଡିଜାଇନ୍‌କୁ ଉନ୍ନତ ତଥା ବୈଷୟିକ ସମ୍ପନ୍ନ କରିବାକୁ ପଡ଼ିବ। ସେହିଭଳି ଏହି ସଡ଼କ ଯେପରି ଉପକୂଳ ଅଞ୍ଚଳରେ ଜଳ ନିଷ୍କାସନରେ ବାଧକ ନ ହୁଏ ସେଥିପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ହେବ। ଏହାଛଡ଼ା ଆପ୍ରୋଚ୍ ରୋଡ୍ ପାଇଁ ସରକାର ଯତ୍ନବାନ୍ ହେବା ଆବଶ୍ୟକ। ଓଡ଼ିଶା ସରକାର ସଡ଼କ ଯୋଗାଯୋଗକୁ ଅଗ୍ରାଧିକାର ଦେଇ କାମ କରୁଛନ୍ତି। ଏହି ପ୍ରକଳ୍ପ ତଟୀୟ ଓଡ଼ିଶା ଏବଂ ସେମିକଣ୍ଡକ୍ଟର କରିଡର ପାଇଁ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହାର ନିର୍ମାଣ କାର୍ଯ୍ୟ ଯେତେ ତ୍ୱରାନ୍ୱିତ ହେବ ରାଜ୍ୟର ସେତେ ମଙ୍ଗଳ।

(ସକାଳ ମିଡିଆ ସର୍ଭିସ୍)

## ସ୍ତମ୍ଭ ଲେଖାର ଗୁରୁତ୍ୱ!

ଭଗବାନ ଦାଶ

ସମ୍ବାଦପତ୍ର କିମ୍ବା ପତ୍ରିକାର ସ୍ତମ୍ଭ ହେଉଛି ଚିନ୍ତାର ଏକ ସଚେତନ ଆକୃତି। ଏହା ଯେ କେବଳ ତଥ୍ୟ ସମ୍ବଳିତ ଗୋଟିଏ ଖବର ତା' ନୁହେଁ, ବରଂ ଏହା ସାମାଜିକ ଚେତନାକୁ ଜାଗ୍ରତ କରିବାର ଏକ ପ୍ରମୁଖ ମାଧ୍ୟମ। ଘଟଣା ହିଁ ଖବର। କିନ୍ତୁ ଘଟଣାର କାରଣ, ନିରାକରଣ, ସମାଜରେ ସେପ୍ରକାର ଘଟଣା ପ୍ରଘଟଣର ଆବଶ୍ୟକତା ବା ଅନାବଶ୍ୟକତା କେତେ, ଏ ସବୁ ବିଷୟରେ ସ୍ତମ୍ଭ ଆଖି ଖୋଲିଦିଏ। ପାଠକର ଚେତନାକୁ ଉନ୍ମିଳୀତ କରିବାର ଖୋରାକ ଯୋଗାଏ। ଏହି କାରଣ ସବୁକୁ ନେଇ ସ୍ତମ୍ଭ ଲେଖିବାକୁ ହୁଏ। ସମୟକୁ ହୃଦୟଙ୍ଗମ କରି ସମାଜର ଆଖିଖୋଲିଦେବା ଏବଂ ପାଠକଙ୍କୁ ନିର୍ଭୀକ ସତ୍ୟ ଆଧାରିତ ଘଟଣା ପ୍ରତି ଆକର୍ଷିତ କରିବା ସ୍ତମ୍ଭର ମୁଖ୍ୟ ଉଦ୍ଦେଶ୍ୟ। ଏହା ପ୍ରାୟତଃ ଉପଦେଶାତ୍ମକ ଏବଂ ଦେଶ ଗଠନର ଗୋଟିଏ ଗୋଟିଏ ମୂଳ ଚାରିତ୍ରିକ ଉପାଦାନ।

ସ୍ତମ୍ଭକାରର ଭିନ୍ନ ନୂତନ ଦୃଷ୍ଟିକୋଣ ଲେଖାଟିରେ ସୂଚୀତ ଥିବାର ଅନୁଭବ ଆସେ। ଘଟଣା ଏକ; କିନ୍ତୁ ଦୃଷ୍ଟିଭଙ୍ଗୀ ଭିନ୍ନ ଭିନ୍ନ। ସ୍ତମ୍ଭକାରଙ୍କର ଚିନ୍ତାଧାରାରେ ପୂରି ରହିଥାଏ ତାଙ୍କର ନିଜର ନିଚ୍ଛକ ବିବେକର ଭାଷା, ସ୍ୱାଧୀନ ମତ ଏବଂ ସମାଜକୁ କିଛିଟା ଶିକ୍ଷା ଦେବାର ଅଭିପ୍ସା। ବେଳେ ବେଳେ ସ୍ତମ୍ଭକାର ଏପରି ପ୍ରଶ୍ନ ଉତ୍ଥାପନ କରନ୍ତି ଯେ, ପାଠକ ସେ ସବୁକୁ ମନେ ମନେ ଖୋଜି ଚାଲେ ଏବଂ ନିଷ୍କର୍ଷରେ ପହଁଚି ଆତ୍ମକୈନ୍ଦ୍ରିକ ଆନନ୍ଦ ଅନୁଭବ କରେ। ଏହା ହିଁ ଲେଖକ ବା ସ୍ତମ୍ଭକାରର ବିଶେଷ ମହତ୍ତ୍ୱ। ପାଠକଙ୍କୁ ଚିନ୍ତିତ କରାଏ, ମନରେ ପରିସ୍ଥିତି ବା ଭାବନାର ଏକ ଦୀର୍ଘସ୍ଥାୟୀ ଛାପ ସୃଷ୍ଟି କରେ। ସମସାମୟିକ ଭାବଧାରା ବହନ କରୁଥିବା ଲୋକଙ୍କ ମନରେ ଆଲୋଚନାର ଭାବ ସଂଚାର କରେ। ନିରବ ମନରେ ଆହ୍ୱାନ ଜାଗ୍ରତ କରେ। ସମାଜର ଦୁର୍ବଳ ସ୍ଥିତିକୁ ଲୋକଲୋଚନକୁ ଆଣେ। ପାଠକଙ୍କୁ ପୂର୍ବାପର ସାମାଜିକ ଅବସ୍ଥାକୁ ଭାବିବାକୁ ଦିଏ। କ୍ଷଣିକ ଲୋକପ୍ରିୟତା ଅପେକ୍ଷା ମୂଲ୍ୟଭିତ୍ତିକ ଦୀର୍ଘସ୍ଥାୟୀ ପ୍ରଶ୍ନ ପାଠକର ମନରେ ସଂଚାରିତ ହୁଏ। ସମାଜରେ ଆବଶ୍ୟକତା ଯଥା ନ୍ୟାୟ, ଦାୟିତ୍ୱ, ମାନବିକତା ସହ ନିର୍ଭୀକ ରହିବା ଯେ ସମସ୍ତଙ୍କର କର୍ତ୍ତବ୍ୟ - ଏହି ଭାବନା ପାଠକଙ୍କ ଦୁର୍ବଳ ମନରେ ପ୍ରତିଭାତ ହୁଏ। ମନ ସବଳ ହୁଏ। ଚିନ୍ତାର ସଂସ୍କୃତି ବଦଳିଯାଏ। ଭାବନା ଯେ ଏକ ହେବ ତା' ନୁହେଁ, କିନ୍ତୁ ସ୍ତମ୍ଭ ପ୍ରତ୍ୟେକଙ୍କୁ ଭାବିବାକୁ ଦେବା ଏବଂ ପ୍ରକାଶ କରିବାର ସାହସ ଦିଏ। ଫଳରେ ଶୁଣିବାର ଧୈର୍ଯ୍ୟ ସୃଷ୍ଟି ହୁଏ ଏବଂ ନିଜର ଭାବନା, ସୃଷ୍ଟି ହେଉଥିବା ଭାବନା ମଧ୍ୟରେ ପ୍ରଭେଦ ଜାଣି ହୁଏ। ମସ୍ତିଷ୍କ କ୍ରିୟାଶୀଳ ରହେ।

ପ୍ରତ୍ୟେକ ସ୍ତମ୍ଭକାର ସ୍ତମ୍ଭ ଲେଖିବା ସମୟରେ ବହୁଦିଗରୁ ଚିନ୍ତାକରନ୍ତି। ନିଜର ମନକୁ ନିଜେ ପରୀକ୍ଷା କରନ୍ତି। ଭଲ-ମନ୍ଦ ଉଭୟ ଦିଗ ପ୍ରତି ଦୃଷ୍ଟିଦିଅନ୍ତି। ଭାଷାରେ ସଂଯମ ରଖନ୍ତି। ବାରମ୍ବାର ଲେଖିପଢ଼ି ବଦଳାନ୍ତି। ଲେଖକର ଉଦ୍ଦେଶ୍ୟ ସାଧିତ ହେଉଛି ନା ନାହିଁ, ତାହା ଅନୁଭବରେ ଆଣନ୍ତି। ସମାଜପ୍ରତି ଏ ଲେଖା କେତେଦୂର ଗ୍ରାହ୍ୟ ତା'ର ମାନସିକ ବିଚାର ନିଜେ କରନ୍ତି। ନିଜର ଯଦି କିଛି ଭୁଲ ଥାଏ, ସୁଧାରିଲା ପରେ ପ୍ରକାଶନ ପାଇଁ ପଠାନ୍ତି।

ପାଠକ ଯେ ସ୍ତମ୍ଭ ପାଠ କରେ ଏହା ନିଃସନ୍ଦେହ। ସେ ଶେଷ ପର୍ଯ୍ୟନ୍ତ ପଢ଼େ ତ? ପଢ଼ି କିଛି ଚିନ୍ତା କରେ କି? ଏହା କାହିଁକି ଲେଖାଯାଇଛି, ଏ ଲେଖାଟି ପଢ଼ି ତା'ର କିଛି ଗୁଣବତ୍ତା ବଢ଼ିଛି କି ନାହିଁ ସେ ଅନୁଭବ କରେ କି? ସମାଜକୁ ଏଥିରୁ କଛି ଶିକ୍ଷା ମିଳି ପାରୁଛି କି? ସେ ତା' ନିଜ ପରିବାରରେ ଏ ବିଷୟରୁ କିଛି ଶିକ୍ଷଣୀୟ କଥା ଆଲୋଚନା କରିବାକୁ ପାଉଛିକି? ସାଙ୍ଗସାଥି ମେଳରେ ଏ ସବୁର ଆଲୋଚନା ସମାଜରେ କଲ୍ୟାଣମୂଳକ ନା ନାହିଁ? ବିଭିନ୍ନ ଦିଗରୁ ଆଲୋଚନା ପର୍ଯ୍ୟାଲୋଚନା ପାଠକର ମୁଣ୍ଡକୁ ପ୍ରଭାବିତ କରୁଛି କି? ଏଇ ସବୁ ତ ସ୍ତମ୍ଭକାରର ଅନ୍ତର୍ନିହିତ ବିଚାରଧାରା।

ସ୍ତମ୍ଭକାର ଲେଖେ ସମାଜ ପାଇଁ। ଯେତେବେଳେ ଅନୁଭବରେ ଆସୁଥିବା ପାଠକଙ୍କଠାରୁ ଶୁଣେ ସେ ଅତ୍ୟନ୍ତ ଆନନ୍ଦିତ ହୁଏ। ଆହୁରି ଲେଖିବାକୁ ଖୋରାକ ପାଏ। ସ୍ତମ୍ଭ କେବଳ ସାହିତ୍ୟ ନୁହେଁ, ଏହା ସଚେତନ ଧର୍ମୀ ଏକ ପ୍ରଭାବଶାଳୀ ପରିବର୍ତ୍ତନଶୀଳ ମନ୍ତବ୍ୟ ମଧ୍ୟ ହୋଇପାରେ। ସ୍ତମ୍ଭଟି ଯଦି ପାଠକଙ୍କୁ କିଛି ସମୟ ପାଇଁ ବାନ୍ଧି ରଖିପାରେ, ଚିନ୍ତାଶୀଳ କରିପାରେ, ନିଜେ ନିଜେ ପ୍ରଶ୍ନୋତ୍ତର କରିବାର ସୁଯୋଗ ଦେଇପାରେ, ସେଇ ତ ସ୍ତମ୍ଭକାରର ସଫଳ ପରିବେଷଣର ଫଳ। ସମାଜ କେବଳ ଖବରରେ ଭରା ପତ୍ରିକାଟିଏ ନୁହେଁ, ଏଥିରେ ନାଗରିକ ଯେ କି ପାଠକ ଚିନ୍ତା କରିବାକୁ ବି ସୁଯୋଗ ପାଏ। ଖବର ତ ଆସେ ଆଉ ଚାଲିଯାଏ। କିନ୍ତୁ ସ୍ତମ୍ଭ ମନକୁ ଦୀର୍ଘକାଳ ପ୍ରଭାବିତ କରେ। ଆଗାମୀ ପିଢ଼ି ପାଇଁ ବିଚାର ଘଟଣାରୁ ନ ମିଳି, ମିଳିଥାଏ ସ୍ତମ୍ଭରୁ।

ସ୍ତମ୍ଭ ଲେଖକମାନେ ରିପୋର୍ଟର ନୁହନ୍ତି। ସେମାନେ ଘଟଣାକୁ କେବଳ ଆଗକୁ ଆଣନ୍ତିନି। ସେମାନେ ବାଢ଼ି ଦିଅନ୍ତି ସମାଜ ଆଗରେ। ଜଣାନ୍ତି ଦେଖ, ଶିଖ, ଜାଗ୍ରତ ହୁଅ। ସମାଜକୁ ଆବଶ୍ୟକ ବେଳେ କଳୁଷିତ ହେଉଥିବାର ଅନୁଭବ କଲେ ନିର୍ଭୀକ ଭାବରେ ସ୍ୱର ଉତ୍ତୋଳନ କର। ଚିନ୍ତାକୁ ଶାଣିତ କର ଓ ପ୍ରଭାବଶାଳୀ ମତବ୍ୟକ୍ତ କର। ସ୍ତମ୍ଭଲେଖାର ଅନୁଶୀଳନ ଅନୁକରଣ କରି ଅନୁପାଳନ କଲେ, ସ୍ତମ୍ଭଟି ଯେ ବାସ୍ତବ ଧର୍ମୀ ହେବ ଏବଂ ପାଠକଙ୍କଦ୍ୱାରା ଆଦୃତ ହେବ ଏଥିରେ ସନ୍ଦେହ ନାହିଁ।

ପୁରୀ, ମୋ: ୮୨୪୯୦୮୨୪୦୦

## କାକପୂଜନରୁ ଆରମ୍ଭ ହୁଏ ଦୀପାବଳି

### ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ଈଶ୍ୱରଙ୍କ ସୃଷ୍ଟିରେ ପ୍ରତ୍ୟେକ ଜୀବଜନ୍ତୁ ଭିନ୍ନ ଭିନ୍ନ ମହତ୍ତ୍ୱ ବହନ କରିଛନ୍ତି। ଦେବଦେବୀଙ୍କ ବାହନ ସ୍ୱରୂପରେ ହେଉ କିମ୍ବା ଶୁଭର ପ୍ରତୀକ, ସମସ୍ତଙ୍କର ନିଜସ୍ୱ ଗରିମା ରହିଛି। ଏହି ଧାରାରେ କାଉ ବା କାକ ପୂଜନର ପରମ୍ପରା କାହିଁ କେଉଁକାଳରୁ ଚାଲିଆସିଛି। କାଉମାନଙ୍କୁ ପୂର୍ବପୁରୁଷଙ୍କ ପ୍ରତିନିଧି ଭାବେ ମାନ୍ୟତା ଦିଆଯାଇ ଶ୍ରାଦ୍ଧ ଦିବସରେ ଅନ୍ନଦାନ କରାଯିବାର ପରମ୍ପରା ମଧ୍ୟ ଅଛି। କଳାରଙ୍ଗର କାଉକୁ ଗ୍ରହରାଜ ଶନିଙ୍କ ବାହନ ବୋଲି ପୁରାଣରେ ଉଲ୍ଲେଖ କରାଯାଇଛି। ସାମାଜିକ ଚଳଣିରେ ମଧ୍ୟ କାକ ସମ୍ପର୍କିତ ଅନେକ କାହାଣୀ ରହିଛି। ଶୁଭାଶୁଭ ନିର୍ଣ୍ଣୟଠାରୁ ଆରମ୍ଭ କରି ପରିବେଶ ବିଜ୍ଞାନ ଓ ପୁରାଣରେ କାଉକୁ ଏକ ବିଶିଷ୍ଟ ସ୍ଥାନ ପ୍ରଦାନ କରାଯାଇଛି। ଅନେକ ପୁରାଣରେ 'ଭୁଷଣ୍ଡକାକ'ର କଥା ବର୍ଣ୍ଣନା କରାଯାଇଛି। ପୁରୀ ଶ୍ରୀମନ୍ଦିରରେ 'ଭୁଷଣ୍ଡକାକ'ଙ୍କୁ ସମର୍ପିତ ଗୋଟିଏ ମନ୍ଦିର ରହିଛି। ଭାରତରେ କାକ ସମ୍ପର୍କିତ ଅନେକ ପୂଜା ବିଧି ଓ ମନ୍ଦିର ରହିଥିବା ବେଳେ ଭାରତ ବାହାରେ ମଧ୍ୟ କାଉ ପୂଜନକୁ ନେଇ କେତେକ ନିଆରା ବିଶ୍ୱାସ ରହିଛି।

ନେପାଳରେ କାକପୂଜନ ସମ୍ପର୍କିତ ଏକ ବିଶେଷ ପରମ୍ପରା ରହିଛି, ଯାହାକୁ 'ତିହାର' ବା 'ଯମପଞ୍ଚକ' ବୋଲି କୁହାଯାଏ। ଏହିପର୍ବରେ ନେପାଳବାସୀ କୁକୁର, ଗାଈ, ବଳଦ ଓ କାଉକୁ ବିଧିବଦ୍ଧ ଭାବେ ପୂଜା କରିଥା'ନ୍ତି। ଏହି ୫ଦିନର ପ୍ରଥମ ଦିନକୁ 'କାଗ ତିହାର' ବୋଲି କୁହାଯାଏ। ଏହିଦିନ କାଉମାନଙ୍କୁ ଯମଙ୍କର ଦୂତ ଭାବେ ପୂଜା କରାଯାଏ। ବିଶ୍ୱାସ ରହିଛି ଯେ, କାଉମାନଙ୍କୁ ପୂଜା କରିବା ଦ୍ୱାରା ଅକାଳମୃତ୍ୟୁ ଭୟ ଦୂର ହୋଇଥାଏ। ପ୍ରାତଃସ୍ନାନ ପରେ ଶୁଦ୍ଧପୂତ ହୋଇ କାଉମାନଙ୍କ ଉଦ୍ଦେଶ୍ୟରେ ଘରର ଛାତ ଉପରେ ବିଭିନ୍ନ ସ୍ୱାଦିଷ୍ଟ ବ୍ୟଞ୍ଜନ ଓ ମିଷ୍ଟାନ୍ନ ଆଦି ଅର୍ପଣ କରାଯାଏ। ସେହିପରି କାକ ପୂଜନ ବିନା ଦିପାବଳି ପର୍ବ ଅଧୁରା ବୋଲି କୁହାଯାଏ।

ଭାରତର ବିଭିନ୍ନ ଅଞ୍ଚଳରେ କାକ ପୂଜନ ସମ୍ପର୍କିତ ଭିନ୍ନ ଭିନ୍ନ ମାନ୍ୟତା ଓ ରୀତିନୀତି ରହିଛି। ମହାରାଷ୍ଟ୍ରର ଔରଙ୍ଗାବାଦ୍‌ରୁ ପ୍ରାୟ ୧୨ କିଲୋମିଟର ଦୂର ଶିରଡ଼ି-ମୁମ୍ବାଇ ହାଇୱେଠାରେ ଥିବା ଏକ ଆଶ୍ରମରେ କାଉ ପୂଜନ ସମ୍ପର୍କିତ ଏକ ରୋଚକ କାହାଣୀ ରହିଛି। ଏଠାରେ କାକ ପୂଜନକୁ କୌଣସି ବୈଦିକ ପରମ୍ପରା ସହ ଯୋଡ଼ାଯାଇନାହିଁ, ବରଂ ସାମାଜିକ ଚଳଣିର ଏକ ଅଂଶ ଭାବରେ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ବିଧିବିଧାନର ସହ ପୂଜା କରାଯାଉଛି। ଏହି ଆଶ୍ରମ ପତ୍ନୀଙ୍କ ଦ୍ୱାରା ପୀଡ଼ିତ ପୁରୁଷଙ୍କ ପାଇଁ ଉଦ୍ଦିଷ୍ଟ। ଏଠାକାର କାର୍ଯ୍ୟାଳୟରେ ଥର୍ମୋକୁଲ୍ ଦ୍ୱାରା କାଉର ଏକ ବଡ଼ ପ୍ରତିମା ନିର୍ମାଣ କରାଯାଇଛି। ଅନ୍ତେବାସୀମାନେ ପ୍ରତିଦିନ ଏଠାରେ ପୂଜା କରିବା ସହ ବିଭିନ୍ନପ୍ରକାର ଭୋଗ ଅର୍ପଣ କରିଥା'ନ୍ତି। ସେମାନଙ୍କର ବିଶ୍ୱାସ ଅନୁସାରେ ମା'କାଉ ଅଣ୍ଡା ଦେବା ପରେ ବସାରେ ରହେ ନାହିଁ। ପୁରୁଷ କାଉ ନିଜ ସନ୍ତାନମାନଙ୍କୁ ଖାଦ୍ୟ ଦେଇ ପାଳିପୋଷି ବଡ଼ କରେ। ବଡ଼ ହେବା ପରେ ଉଡ଼ିବା ଶିଖାଏ। ଏହିଭଳି ପରିସ୍ଥିତି ପତ୍ନୀ-ପୀଡ଼ିତ ପୁରୁଷଙ୍କ ଘରେ ହୋଇଥାଏ। ଜଣେ ପିତା ସବୁ କଷ୍ଟ ସହି ପିଲାଙ୍କୁ ମଣିଷ କରେ। ଏହି ଭାବନାକୁ ସମ୍ମାନ ଦେଇ ଆଶ୍ରମରେ କାଉ ପୂଜନର ପରମ୍ପରା ଆରମ୍ଭ ହୋଇଛି। ବର୍ତ୍ତମାନ ସମୟରେ ଆଶ୍ରମର ଅନ୍ତେବାସୀଙ୍କ ସହିତ ଅନ୍ୟ ଲୋକମାନେ ମଧ୍ୟ ଏହି କାଉ ପ୍ରତିମାଙ୍କୁ ଶନିଦେବଙ୍କ ବାହନ ଭାବେ ଶ୍ରଦ୍ଧାର ସହ ପୂଜାର୍ଚ୍ଚନା କରୁଛନ୍ତି।

ଏହାବ୍ୟତୀତ ଶ୍ରାଦ୍ଧପକ୍ଷ ବା ପିତୃପକ୍ଷ ବା ଆଶ୍ୱିନ କୃଷ୍ଣପକ୍ଷରେ କାଉଙ୍କ ପୂଜାର୍ଚ୍ଚନା ସହିତ ଅନ୍ନଭୋଜନ ଦେବା ପାଇଁ ବିଶେଷ ଭାବେ ମଧ୍ୟପ୍ରଦେଶର ବିଦିଶାସ୍ଥିତ ମୁକ୍ତିଧାମରେ ଗୋଟିଏ 'କାଉ ପାର୍କ' ନିର୍ମାଣ କରାଯାଇଛି। ବର୍ଷସାରା ଏଠାରେ କାଉମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରାଯାଇଛି।

ଜାପାନ୍ ସଂସ୍କୃତିରେ ଏକ ବିଶେଷ ପୌରାଣିକ ଜୀବ ଭାବେ କାଉକୁ ପୂଜା କରାଯାଏ, ଯାହା 'ୟତାଗାରସୁ' ଭାବେ ନାମିତ। ତିନିଗୋଡ଼ ବିଷିଷ୍ଟ ଏହି କାଉକୁ ସୂର୍ଯ୍ୟ ଓ ଅନ୍ୟଦେବତାଙ୍କ ଦୂତ ଭାବେ ପୂଜା କରାଯାଏ। ବିଶେଷଭାବେ ଡାକାୟାମାର 'କୁମାନୋ ସଞ୍ଜାନ' ମନ୍ଦିରରେ ଏହି କାଉଙ୍କୁ ଉଚିତ ମାର୍ଗଦର୍ଶନ ଏବଂ ସୁରକ୍ଷାର ପ୍ରତୀକ ବୋଲି ବିଶ୍ୱାସ କରାଯାଏ। କାଉକୁ ଜାପାନ ଫୁଟବଲ୍ ସଂଘର ଲୋଗୋ ବା ଚିହ୍ନ ଭାବେ ମଧ୍ୟ ରଖାଯାଇଛି। ଆମେରିକାର ମିନେସୋଟାରେ 'କ୍ରୋ ୱିଙ୍ଗ ଷ୍ଟେଟ୍ ପାର୍କ' ନିର୍ମାଣ କରାଯାଇ କାଉମାନଙ୍କର ରକ୍ଷଣାବେକ୍ଷଣ କରାଯାଉଛି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପାରମ୍ପରିକ ଲୋକକଳା ଗୁରୁ ପଦ୍ମଶ୍ରୀ ଉତ୍ସବ ଚରଣ ଦାସଙ୍କ ପରଲୋକ

ଚୌଦ୍ୱାର,୨୬।୨(ସମିସ): ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ପାରମ୍ପରିକ ଲୋକକଳା ଚଇତି ଘୋଡ଼ା ନାଚ ଶିଳ୍ପୀ, ଲୋକକଳା ଗୁରୁ, ଚିତ୍ରକର, କବି ପଦ୍ମଶ୍ରୀ ଡ. ଉତ୍ସବ ଚରଣ ଦାସଙ୍କର ଗୁରୁବାର ସକାଳେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ବୁଧବାର





ବିଳମ୍ବିତ ରାତିରେ ସେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସକାଳେ ତାଙ୍କର ପରଲୋକ ଘଟିଥିଲା। ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ମଣିଆ ଗ୍ରାମରେ ୧୯୪୫ ମସିହା ମହାବିଷୁବ ସଂକ୍ରାନ୍ତିରେ ଜନ୍ମିତ ଉତ୍ସବ ବାବୁ ପିଲାଟି ବେଳରୁ ଚୌଦ୍ୱାର ପୌରପାଳିକା ତଳ ବଜାରସ୍ଥିତ ତାଙ୍କ ମାମୁଁ ଘରେ ରହି ପାଠ ପଢୁଥିଲେ। କଳାକାର ପରିବାରରେ ଜନ୍ମିତ ସ୍ୱର୍ଗତ ଦାସ ପିଲାଟି ଦିନରୁ ବିଭିନ୍ନ ପାରମ୍ପରିକ କଳା ପ୍ରତି ଆକୃଷ୍ଟ ହୋଇଥିଲେ। ଚିତ୍ର ଆଙ୍କିବା, ସାଇନ୍ ବୋଡର୍ ପେଣ୍ଟିଙ୍ଗ, ମାଟିରେ ପ୍ରତିମା ପ୍ରସ୍ତୁତି ସବୁ କାର୍ଯ୍ୟରେ ସେ ଧୁରନ୍ଧର ଥିଲେ। ଯୁବ ବୟସରୁ ପାରମ୍ପରିକ ଲୋକକଳା ଚଇତି ଘୋଡ଼ା ନାଚପ୍ରତି ଆକୃଷ୍ଟ ସ୍ୱର୍ଗତ ଦାସ ନିଜେ ଏକ ଘୋଡାନାଚ ଦଳ ପ୍ରସ୍ତୁତ କରି ରାଜ୍ୟର ବିଭିନ୍ନ ଅଞ୍ଚଳରେ ଘୋଡ଼ାନାଚ ପରିବେଷଣ ସହିତ ପାରମ୍ପରିକ ସଂଗୀତ ରଚନା କରି ସେ ବେଶ ଲୋକାଦୃତ ହୋଇପାରିଥିଲେ। ସେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ପାଇଁ ସଂଗୀତ ରଚନା କରି ପ୍ରତିଷ୍ଠା ଅର୍ଜନ କରିପାରିଛନ୍ତି। ଲୁପ୍ତପ୍ରାୟ ପାରମ୍ପରିକ ଲୋକକଳା ଚଇତି ଘୋଡ଼ାନାଚର ସୁରକ୍ଷା ଓ ପ୍ରସାର ପାଇଁ ସେ ଶେଷ ଜୀବନ ପର୍ଯ୍ୟନ୍ତ ପ୍ରୟାସ ଜାରି ରଖିଥିଲେ। ଏହି ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ସେ ତଳ ବଜାରରେ ରହୁଥିବା ଭଡ଼ାଘରେ ୧୯୬୫ ମସିହାରେ 'ସଂଗୀତକଳା ସଂସଦ' ଅନୁଷ୍ଠାନ ପ୍ରତିଷ୍ଠା କରି ଆଗ୍ରହୀ ଯୁବ ବର୍ଗଙ୍କୁ ଘୋଡ଼ାନାଚ ଶିକ୍ଷା ପ୍ରଦାନ କରି ବହୁ ଘୋଡ଼ାନାଚ ଶିଳ୍ପୀ ସୃଷ୍ଟି କରି ଯାଇଛନ୍ତି। ରାଜ୍ୟ, ଦେଶ ତଥା ଆନ୍ତର୍ଜାତୀୟସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମରେ ଘୋଡ଼ାନାଚ ପରିବେଷଣ କରି ସେ ସୁଖ୍ୟାତି ଅର୍ଜନ କରିଥିଲେ। ପାରମ୍ପରିକ ଲୋକ କଳାର ପ୍ରସାର ଦିଗରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ କେନ୍ଦ୍ର ସରକାର ୨୦୨୧ ମସିହାରେ ଗୌରବମୟ ପଦ୍ମଶ୍ରୀ ସମ୍ମାନରେ ସମ୍ମାନୀତ କରିଥିଲେ। ଉତ୍କଳ ସଂଗୀତ ବିଶ୍ୱବିଦ୍ୟାଳୟ ତରଫରୁ ତାଙ୍କୁ ସମ୍ମାନଜନକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି। ଏଥି ସହିତ ସେ ରାଜ୍ୟ ତଥା ଦେଶର ବହୁ ଅନୁଷ୍ଠାନ ତରଫରୁ ବହୁ ଉପାଧି ଓ ସମ୍ମାନରେ ସମ୍ମାନୀତ ହୋଇଛନ୍ତି। ଏଭଳି ଏକ ମହାନ୍ ବ୍ୟକ୍ତିତ୍ୱଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଧାୟକ ସୌଭିକ୍ ବିଶ୍ୱାଳ, ବିଜେପି ନେତା ନୟନ କିଶୋର ମହାନ୍ତି, ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଇଫ୍କାର ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମାନସ ବସନ୍ତିଆ, ଚୌଦ୍ୱାର ଥାନା ଆଇଆଇସି ରଜନୀକାନ୍ତ ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ, ରାଜନେତା, କଳାକାର, ସାମ୍ବାଦିକ ଓ ସାଧାରଣ ନାଗରିକ ତାଙ୍କ ତଳ ବଜାରସ୍ଥିତ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓ ସାହେବ ସିନ୍ଧେ, ଡିସିପି ଋଷିକେଶ ଖିଲାରୀ, ଟାଙ୍ଗୀ-ଚୌଦ୍ୱାର ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁଙ୍କ ସମେତ ବହୁ ପ୍ରଶାସନିକ ପଦାଧିକାରୀ ରାଜ୍ୟ ପୁଲିସ ଫୋର୍ସ ସହିତ ତାଙ୍କ ବାସ ଭବନରେ ପହଞ୍ଚି ରାଜ୍ୟ ମର୍ଯ୍ୟାଦାରେ ଗାଡର୍ ଅଫ ଅନର ପ୍ରଦାନ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ମରଶରୀରକୁ ଏକ ବିଶାଳ ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରାଯାଇ ଥର୍ମାଲ ରୋଡ ସ୍ଥିତ ଘଡ଼ଘଡ଼ିହୁଡ଼ା ଶ୍ମଶାନରେ ସତ୍କାର କରାଯାଇଥିଲା। ତାଙ୍କର ଦୁଇକନ୍ୟା ସଂଘମିତ୍ରା ଓ ନନ୍ଦିତା ଏବଂ ପତ୍ନୀ ନିର୍ମଳା ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ବଡ଼ ଜ୍ୱାଇଁ ଅନନ୍ତ ଦଳାଇ ମୁଖାଗ୍ନି ଦେଇଥିଲେ। ପୌରପାଳିକାରେ ନିର୍ବାହୀ ଅଧିକାରୀ ସୌମ୍ୟ ମିଶ୍ର, ପୌରାଧକ୍ଷା, କାଉନସିଲରବୃନ୍ଦ ଓ କର୍ମଚାରୀମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶିଶୁ ସଦନର ଅନ୍ତେବାସୀମାନେ ସମୂହ ବେଦ ଆବୃତ୍ତି ଓ ସର୍ବଧର୍ମ ପ୍ରାର୍ଥନା ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଚୌଦ୍ୱାର ପ୍ରେସ କ୍ଲବ୍ ସହିତ ଅଞ୍ଚଳର ବହୁ ଅନୁଷ୍ଠାନ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି।

## ଅଭିନେତ୍ରୀ ନିକିତା ମୃତ୍ୟୁ ମାମଲା: ସ୍ୱାମୀ ଲିପନ ସାହୁଙ୍କୁ ଆଜୀବନ କାରାଦଣ୍ଡ


କଟକ,୨୬।୨(ସମିସ): ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣାଶୁଣା ଅଭିନେତ୍ରୀ ଲକ୍ଷ୍ମୀପ୍ରିୟା ବେହେରା ଓରଫ୍ ନିକିତାଙ୍କ ମୃତ୍ୟୁ ମାମଲାରେ ଆଜି କଟକର ତୃତୀୟ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ଏକ ବଡ଼ ରାୟ ଶୁଣାଇଛନ୍ତି। ନିକିତାଙ୍କ ସ୍ୱାମୀ ଲିପନ ସାହୁଙ୍କୁ ଏହି ହତ୍ୟା ମାମଲାରେ ଆଇପିସିର ଦଫା ୩୦୨ରେ ଦୋଷୀ ସାବ୍ୟସ୍ତ କରି ଅଦାଲତ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଦୋଷୀ ଲିପନ ସାହୁଙ୍କୁ ଆଜୀବନ କାରାଦଣ୍ଡ ସହ ୨୦ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ହେଲେ ତାଙ୍କୁ ଅଧିକ ୨ ମାସ କଠୋର କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ଏଥିସହ ମାମଲାରେ ଅନ୍ୟ ଅଭିଯୁକ୍ତ ତଥା ମୃତ ନିକିତାଙ୍କ ଶଶୁର ଲିଙ୍ଗରାଜ ସାହୁ ଏବଂ ଶାଶୂ କୁନ୍ତଳା ସାହୁଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଘଟଣା ସମୟରେ ଲିପନ ନିକିତାଙ୍କ ସହ ଛାତ ଉପରେ ଉପସ୍ଥିତ ଥିଲେ। ନିକିତା କିପରି ଛାତରୁ ତଳକୁ ପଡ଼ିଲେ, ସେନେଇ ଲିପନ କୌଣସି ସନ୍ତୋଷଜନକ ଉତ୍ତର କିମ୍ବା ସ୍ପଷ୍ଟୀକରଣ ଦେଇପାରି ନ ଥିଲେ।

## ଶିଶୁର ହେପାଜତ ସମ୍ପର୍କିତ ବିବାଦର ସମାଧାନ ସିଭିଲ କୋର୍ଟରେ ହେବା ଉଚିତ: ହାଇକୋର୍ଟ

କଟକ,୨୬।୨(ସମିସ): ଶିଶୁର ହେପାଜତ ସମ୍ବନ୍ଧୀୟ ବିବାଦଗୁଡ଼ିକ ସାଧାରଣତଃ ସିଭିଲ୍ କୋର୍ଟରେ ହିନ୍ଦୁ ମାଇନରିଟି ଆଣ୍ଡ ଗାର୍ଡିଆନସିପ୍ ଆକ୍ଟ କିମ୍ବା ଗାର୍ଡିଆନ୍ସ ଆଣ୍ଡ ୱାର୍ଡସ ଆକ୍ଟ ଅନୁଯାୟୀ ସମାଧାନ ହେବା ଉଚିତ୍। ଏପରି ମାମଲାରେ ଶିଶୁର ମଙ୍ଗଳ ଓ ସୁରକ୍ଷାକୁ ସର୍ବାଧିକ ପ୍ରାଧାନ୍ୟ ଦେଇ ବିସ୍ତୃତ ଅନୁସନ୍ଧାନ କରାଯିବାର ଆବଶ୍ୟକତା ରହିଛି; ଯାହା ସିଭିଲ୍ କୋର୍ଟରେ ହିଁ ସମ୍ଭବ ବୋଲି କହିଛନ୍ତି ହାଇକୋର୍ଟ। ଜଣେ ପିତାଙ୍କ ପକ୍ଷରୁ ନାବାଳକ ସନ୍ତାନକୁ ନିଜ ହେପାଜତକୁ ନେବା ପାଇଁ ଦାଖଲ କରାଯାଇଥିବା ଆବେଦନକୁ ଖାରଜ କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଯେହେତୁ ଶିଶୁଟି ଶିଶୁ ସୁରକ୍ଷା କମିଟି (ସିଡବ୍ଲୁସି)ର ଏକ ଆଦେଶ ଅନୁଯାୟୀ ତା'ର ମାଉସୀ ଓ ମାଉସାଙ୍କ ପାଖରେ ରହୁଛି ଏଣୁ ଏହାକୁ 'ବେଆଇନ' କିମ୍ବା 'ଅବୈଧ' ରହଣି ବୋଲି କୁହାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ମାମଲାରୁ ପ୍ରକାଶ ଯେ ପିଲାଟିର ମା'ଙ୍କର ଅକାଳ ବିୟୋଗ ପରେ ତାକୁ ମାଉସୀଙ୍କୁ ହସ୍ତାନ୍ତର କରାଯାଇଥିଲା। ଆବେଦନକାରୀ ତାଙ୍କର ୫ବର୍ଷର ପୁଅକୁ ତାଙ୍କ ଶାଳୀ ଓ ସଢୁଙ୍କ ପାଖରୁ ଫେରି ପାଇବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଯେଉଁଠାରେ ସର୍ବୋଚ୍ଚ ନ୍ୟାୟାଳୟ ପିଲାଟିକୁ ସିଡବ୍ଲୁସି ନିକଟରେ ହାଜର କରିବାକୁ କହିଥିଲେ। ବାଲେଶ୍ୱର ଶିଶୁ ସୁରକ୍ଷା କମିଟି ମଧ୍ୟ ପିଲାଟିକୁ ମାଉସୀଙ୍କ ପାଖରେ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଆବେଦନକାରୀ ଏନେଇ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ନ୍ୟାୟାଳୟ ଏହି ଆବେଦନକୁ ଖାରଜ କରିଦେଇଛନ୍ତି।

## ଭୁବନ ଏନ୍ଏସି ଅଧ୍ୟକ୍ଷଙ୍କ ବହିଷ୍କାର ନିର୍ଦ୍ଦେଶ ରଦ୍ଦ

କଟକ/ଭୁବନ,୨୬।୨(ସମିସ): ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ଅଧ୍ୟକ୍ଷ ପଦରୁ ଶୁଭେନ୍ଦୁ କୁମାର ସାହୁଙ୍କୁ ବହିଷ୍କାର ସମ୍ପର୍କିତ ନିର୍ଦ୍ଦେଶକୁ ଆଜି ହାଇକୋର୍ଟ ରଦ୍ଦ କରିଛନ୍ତି। ଶ୍ରୀ ସାହୁ ଦାୟର କରିଥିବା ଆବେଦନର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର



ଶୁଣାଣି ସମୟରେ କୌଣସି ଯୁକ୍ତିଯୁକ୍ତ କାରଣ ନଥାଇ ଶ୍ରୀ ସାହୁଙ୍କୁ ଅଧ୍ୟକ୍ଷ ପଦରୁ ବହିଷ୍କାର ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ସ୍ପଷ୍ଟ ହୋଇଥିଲା। ଏନଏସି ଅଧ୍ୟକ୍ଷ ପଦରୁ ଶ୍ରୀ ସାହୁଙ୍କ ବହିଷ୍କାର ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିବା ସହିତ ଏ ସଂପର୍କିତ ୨୦୨୫, ସେପ୍ଟେମ୍ବର ୯ର ବିଜ୍ଞପ୍ତିକୁ ରଦ୍ଦ କରିଛନ୍ତି। ମାମଲାରୁ ପ୍ରକାଶ ଯେ ପଦର ଅପବ୍ୟବହାର କରିବା ସହିତ ବିଭିନ୍ନ ଅନିୟମିତତାରେ ସଂପୃକ୍ତି ନେଇ ଭୁବନ ଏନଏସି ଅଧ୍ୟକ୍ଷ ଶ୍ରୀ ସାହୁଙ୍କ ବିରୋଧରେ ଢେଙ୍କାନାଳ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ପୌର ଆଇନର ଧାରା ୫୩ରେ ଥିବା ବ୍ୟବସ୍ଥା ଅନୁସାରେ ଅଭିଯୋଗର ତଦନ୍ତ କରାଯାଇ ରିପୋର୍ଟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ପ୍ରଦାନ କରାଯାଇଥିଲା। ୨୦୨୫, ଜୁନ ୧୮ ରେ ଶ୍ରୀ ସାହୁଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଏହାପରେ ନଗର ଉନ୍ନୟନ ବିଭାଗ ତରଫରୁ ତୁରନ୍ତ ଅଧ୍ୟକ୍ଷ ପଦରୁ ଶ୍ରୀ ସାହୁଙ୍କୁ ବହିଷ୍କାର ସଂପର୍କିତ ବିଜ୍ଞପ୍ତି ୨୦୨୫, ସେପ୍ଟେମ୍ବର ୯ରେ ପ୍ରକାଶ କରାଯାଇଥିଲା। ଏହି ବିଜ୍ଞପ୍ତିକୁ ବେଆଇନ ଦର୍ଶାଇ ଶ୍ରୀ ସାହୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ବହିଷ୍କାର ନିଷ୍ପତ୍ତି ଓଡ଼ିଶା ପୌର ଆଇନ, ୧୯୫୦ର ଧାରା ୫୩ରେ ଥିବା ବ୍ୟବସ୍ଥାକୁ ଉଲ୍ଲଙ୍ଘନ କରିବା ସହ ତଦନ୍ତର ରିପୋର୍ଟ ଆବେଦନକାରୀଙ୍କୁ ପ୍ରଦାନ କରାଯାଇ ନଥିଲା ବୋଲି ଅଭିଯୋଗ ହୋଇଥିଲା। ଆବେଦନାକରୀଙ୍କ ପକ୍ଷରୁ ଆଇନଜୀବୀ ଉପେନ୍ଦ୍ର କୁମାର ସାମଲ ମାମଲା ପରିଚାଳନା କରୁଥିଲେ।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ...

### ହାର୍ଡ କପି ଫେରାଇବାକୁ...

ମିଳିବା ପରେ କୋର୍ଟ ଏକ କମିଟି ଗଠନ କରିବେ, ଯିଏ ଦୋଷୀ ବ୍ୟକ୍ତିଙ୍କୁ ଚିହ୍ନଟ କରିବ। ପ୍ରଧାନ ବିଚାରପତି ଆହୁରି କହିଛନ୍ତି ଯେ, ଯେତେବେଳେ ଆମ ଉପରେ କ୍ରମାଗତ ଆକ୍ରମଣ ହେଉଛି, ସେତେବେଳେ ସନ୍ତୁଳନ କିପରି ରକ୍ଷା କରିବାକୁ ହୁଏ ତାହା ଆମକୁ ଭଲଭାବେ ଜଣା। ସମଗ୍ର ଶିକ୍ଷା ସମାଜକୁ ଏହା କୁହାଯିବ ଯେ, ଭାରତୀୟ ନ୍ୟାୟପାଳିକା କ'ଣ ଦୁର୍ନୀତି ଗ୍ରସ୍ତ? ଏହା ଏକ ଗଭୀର ଚକ୍ରାନ୍ତ। ବେଞ୍ଚର ଅନ୍ୟତମ ସଭ୍ୟ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀ କହିଛନ୍ତି ଯେ ଡିଜଟାଲ ମାଧ୍ୟମରେ ଥିବା ବିଷୟ ବସ୍ତୁ ଏକପାଖିଆ। ଏଥିରେ ନ୍ୟାୟପାଳିକାକୁ ମୌଳିକ ଅଧିକାରର ରକ୍ଷାକର୍ତ୍ତା ଭାବେ କେଉଁଠାରେ ଦର୍ଶାଯାଇନାହିଁ।

ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା କହିଛନ୍ତି ଯେ ଯେଉଁମାନେ ଏହି ଅଧ୍ୟାୟ ପ୍ରସ୍ତୁତ କରିଛନ୍ତି, ସେମାନେ ଆଉ କେବେ ବି ୟୁଜିସି କିମ୍ବା କୌଣସି ମନ୍ତ୍ରଣାଳୟ ସହ କାମ କରିବେ ନାହିଁ। ଇତିମଧ୍ୟରେ ସୁପ୍ରିମକୋର୍ଟଙ୍କ କଡ଼ା ଆଭିମୁଖ୍ୟ ପରେ ଏନ୍‌ସିଇଆରଟି କ୍ଷମା ପ୍ରାର୍ଥନା କରିଛି। ଏନ୍‌ସିଇଆରଟି କହିଛି ଯେ ସେମାନେ ନ୍ୟାୟପାଳିକାକୁ ବହୁତ ସମ୍ମାନ କରନ୍ତି। ବହିରେ ଏହି ତ୍ରୁଟି ଅଜାଣତରେ ହୋଇଛି ଓ ଏଥିପାଇଁ ସେମାନେ ଅନୁତପ୍ତ। ଏହି ଅଧ୍ୟାୟକୁ ପୁନର୍ବାର ଲେଖାଯିବ ଓ ୨୦୨୬-୨୭ ଶିକ୍ଷାବର୍ଷ ସୁଦ୍ଧା ନୂଆ ବହି ଉପଲବ୍ଧ ହେବ।

ଉଲ୍ଲେଖଥାଉ କି, ଏହି ଅଧ୍ୟୟରେ ନ୍ୟାୟପାଳିକାକୁ ଆକ୍ଷେପ କରି ବହୁ ଆପତ୍ତିଜନକ କଥା ଲେଖାଯାଇଛି। ନ୍ୟାୟପାଳିକାରେ ମଧ୍ୟ ବ୍ୟାପକ ଦୁର୍ନୀତି ହେଉଛି ବୋଲି ଏହି ବହିରେ ଉଲ୍ଲେଖ କରାଯାଇଥିଲା।

### ରାଜ୍ୟ ରାଜନୀତିରେ...

ଏହିକ୍ରମରେ ରାଜ୍ୟର ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ବିଜେପି ଓ କଂଗ୍ରେସରେ ଆରମ୍ଭ ହୋଇଛି ତତ୍ପରତା। ନବୀନ ନିବାସରେ ବିଜେଡି ରାଜନୈତିକ ବ୍ୟାପାର କମିଟି ଅନୁଷ୍ଠିତ ହୋଇଛି। କମିଟିର ସଦସ୍ୟମାନଙ୍କ ସହ ଦଳର ସୁପ୍ରିମୋ ପ୍ରାର୍ଥୀ ମନୋନୟନ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା କରିଛନ୍ତି। ସେହିପରି ସଦସ୍ୟମାନେ ଦଳର ସଭାପତିଙ୍କ ଉପରେ ପ୍ରାର୍ଥୀ ମନୋନୟନ ଦାୟିତ୍ୱ ଅର୍ପଣ କରିଛନ୍ତି। ଦଳ କେତୋଟି ଆସନ ପାଇଁ ପ୍ରାର୍ଥୀ ଦେବ ଓ କାହାକୁ ପ୍ରାର୍ଥୀ କରାଯିବ, ସେ ସଂକ୍ରାନ୍ତରେ ନବୀନ ନିଷ୍ପତ୍ତି ନେବେ ବୋଲି ବୈଠକରେ ସ୍ଥିର ହୋଇଛି। ଅପରପକ୍ଷରେ ରାଜ୍ୟ ବିଜେପି କୋର କମିଟି ବୈଠକରେ ଦଳର ସଂସଦୀୟ କମିଟିକୁ ୬ଟି ନାମ ପଠାଇଛି ଓ ଏ ସଂକ୍ରାନ୍ତରେ କେନ୍ଦ୍ରୀୟ ନିଷ୍ପତ୍ତିକୁ ଅପେକ୍ଷା କରିଛି। ଆଗାମୀ ୫ ତାରିଖ ସୁଦ୍ଧା ଦଳୀୟ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ ହୋଇଯିବ ବୋଲି ରାଜ୍ୟ ନେତୃତ୍ୱ ଆଶା ରଖିଛନ୍ତି। ଅନୁରୂପ ଭାବରେ ବିଧାନସଭାରେ କଂଗ୍ରେସର ୧୪ ବିଧାୟକ ଥିବାରୁ ୪ର୍ଥ ପ୍ରାର୍ଥୀଙ୍କ ବିଜୟରେ ସେମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବା ଆଶା କରାଯାଉଛି। କଂଗ୍ରେସ ତରଫରୁ କୌଣସି ବ୍ୟକ୍ତି ସ୍ୱାଧୀନ ପ୍ରାର୍ଥୀ ହେଲେ ବିଜେପି ବା ବିଜେଡି ତାଙ୍କୁ ସମର୍ଥନ ଦେବା ସମ୍ଭବନା କମ୍ ବୋଲି କୁହାଯାଉଛି। ଦୁଇ ପ୍ରାର୍ଥୀଙ୍କ ପାଇଁ ଆବଶ୍ୟକ ପ୍ରଥମ ପସନ୍ଦ ଭୋଟ ପରେ ନିଜର ବଳକା ଭୋଟରେ ବିଜେପି ଆଉ ଗୋଟିଏ ଆସନ ବିଜୟୀ ହେବା ଯେପରି ଅସମ୍ଭବ, ସେହିପରି ବିଜେଡ଼ି ଗୋଟିଏ ଆସନ ପାଇଁ ପ୍ରଥମ ପସନ୍ଦ ଭୋଟ ପରେ ବଳକା ଭୋଟ ଦ୍ୱିତୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ସକ୍ଷମ ନୁହେଁ। ତେଣୁ ବିଜେଡି ଓ ବିଜେପି ୪ର୍ଥ ଆସନ ନିମନ୍ତେ କେଉଁ ଭୂମିକା ଗ୍ରହଣ କରିବେ ତାହା ଉପରେ ସାରା ରାଜ୍ୟର ନଜର ରହିଛି। ଏ କ୍ଷେତ୍ରରେ କଂଗ୍ରେସର ନିଷ୍ପତ୍ତି ବି ଗୁରୁତ୍ୱପୂର୍ଣ୍ଣ କୁହାଯାଉଛି।


**AFFIDAVIT**

By virtue of an affidavit No. 269 dtd. 25.02.2026 sworn before the **Executive Magistrate, Jaleswar,** I Goutam Ghadei, S/O. Bijay Ghadei, At. Deulipanchughanta, Po./Ps. Jaleswar, Dist. Balasore-756032, Odisha, declare that I have changed my son's name from Surej Ghadei to Suraj Ghadei. Henceforth, he shall be known as **Suraj Ghadei** for all purposes.

**NOTICE**

By virtue of an affidavit sworn before Executive Magistrate, Angul, dated 25/02/2026. I, MUKTA SORENG, Address : At-Jalahari, PO- Jajanga, PS-Joda, Dist.-Kendujhar, Odisha - 758034, declare that I have changed the name of my son from JOSEF SORENG to **SAHIL SORENG**. Henceforth, he shall be known as **SAHIL SORENG** for all purposes.

**MUKTA SORENG**

**AFFIDAVIT**

By virtue of an affidavit no. 7361, sworn before the executive magistrate Jajpur on dated- 31/07/2025. I Jhuna Rani Jena, aged 26, D/O- Upendra Jena, Resident of Vill/p.o- Pritipur, P.s- Alakund, Dist- Jajpur, Pin- 755013, Odisha, declare that I have changed my name from **Jhunia Jena** (Old Name) to **Jhuna Rani Jena** (New Name), Henceforth she shall be known as **JHUNA RANI JENA** for all future purposes.

**NOTICE**

By virtue of an affidavit sworn before Executive Magistrate, Angul, dated 25/02/2026. I, ELIJABETH SORENG, Address : At-Jalahari, PO- Jajanga, PS-Joda, Dist.-Kendujhar, Odisha - 758034, declare that I have changed the name of my daughter from SANTRASHA SORENG to **ANANIYA SORENG**. Henceforth, she shall be known as **ANANIYA SORENG** for all purposes.

**ELIJABETH SORENG**

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-CAR-FESTIVAL-546, ତା.20.02.2026ରିଖ

କାର୍ଯ୍ୟର ନାମ : "ରଥ ଯାତ୍ରା 2026" ପାଇଁ ଟେଲିକମ୍ ସମ୍ବନ୍ଧୀୟ କାର୍ଯ୍ୟ।

ଟେଣ୍ଡର ମୂଲ୍ୟ (₹): 75,00,201.17, EMD (₹) : 1,50,000.00

ବିଡ୍ ଆରମ୍ଭ ହେବା ତାରିଖ : ତା.02.03.2026ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 16.03.2026 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ୱା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ୍

PR-1168/Q/25-26

**AFFIDAVIT**

I RANJIT KUMAR PATRA, S/o- NISANKA NIRANJAN PATRO, resident of At - TELIGUDA, Gita Nagar - C, PO / PS - Jeypore, Dist - Koraput - 764001 Odisha declare by this Affidavit No.602, Dated - 13/02/2026, that now onwards I shall be known as **RANJIT KUMAR PATRO** for all future purpose.

**VEHICLE FOR SALE**

TATA ACE, Model - 2023, Registration No- OD-34-S-1994, in as is where is condition, Contact: M/S Sundaram Finance Limited, JAJPUR ROAD BRANCH, Ph:9437102409 within 7 days

**NOTICE (FOR MINOR)**

By virtue of an affidavit sworn before Executive Magistrate Bisoi S.I NO- 100, dtd.26/02/2026. I Balaram Beshra of village - Dhana, PS - Bisoi, Dist- Mayurbhanj that in my son birth certificate Regd. No. 900/2016 my son name is mentioned as GYANESWAR BESHRA and in my son Adhaar card No- 451402764608 my son name has been wrongly mentioned as LUKI BASHRA as per his nick name instead of GYANESWAR BESHRA.Thats the name's GYANESWAR BESHRA and LUKI BASHRA is same and one person. Henceforth he shall be known as **GYANESWAR BESHRA** for all future purpose.

**Sd/- Balaram Beshra**

**AFFIDAVIT**

I SANTOSHI PATRA, W/o - RANJIT KUMAR PATRO resident of At- TELIGUDA, Gita Nagar - C, PO/ PS - Jeypore, Dist - Koraput - 764001 Odisha declare by this Affidavit No.601, Dated - 13/02/2026, that now onwards I shall be known as **SANTOSHI PATRO** for all future purpose.

**AFFIDAVIT**

By virtue of an affidavit No. 771, Dtd.25.02.2026 sworn before the **Executive Magistrate, Jaleswar,** I, Asha Roul, W/o. Amiya Ranjan Roul, At./Po. Kasida, Ps. Jaleswar, Dist. Balasore, Odisha renounce, relinquish and abandon the use of my former name Asha Patra alis Liza Patra (old name) instead of Asha Roul (New name). Henceforth, he will be known as **Asha Roul** for all purposes.

**AFFIDAVIT**

I,Asaf Alli Khan,S/o-Dayal Khan, resident of village- Mahana, PO - Mahana, PS - Salipur,Dist - Cuttack, Pin -754201, Odisha, declare by this affidavit No -938, dated - 25.02.2026,that now on- wards I shall be known as **ASAF ALI KHAN** for all future purposes.

**ଭାରତୀୟ କପା ନିଗମ ଲିମିଟେଡ୍**

ଶାଖା କାର୍ଯ୍ୟାଳୟ: ରାୟଗଡା

ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା

ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡିଶା)

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ | ତାରିଖ: ୨୬.୦୨.୨୦୨୬

**କପା ଚାଷୀଙ୍କୁ ଆହ୍ୱାନ**

ଓଡ଼ିଶାର ସମସ୍ତ କପା ଚାଷୀଭାଇମାନଙ୍କୁ ସୂଚିତ କରାଯାଉଛି ଯେ, ବର୍ତ୍ତମାନ ଫସଲ ବର୍ଷ ୨୦୨୫- ୨୬ରେ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ଯୋଜନା ଅନ୍ତର୍ଗତ କପା କ୍ରୟର ଶେଷ ତାରିଖ ୨୭ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ନିର୍ଦ୍ଧାରିତ କରାଯାଇଛି।

କପାସ କିଷାନ ଆପ୍ (Kapas Kisan App)ରେ ପଞ୍ଜୀକୃତ ସମସ୍ତ କପାଚାଷୀ ଭାଇମାନଙ୍କୁ ଜଣାଇ ଦିଆଯାଉଛି ଯେ ସର୍ବନିମ୍ନ ସହାୟକ ମୂଲ୍ୟର ଲାଭ ନେବା ପାଇଁ ସେମାନେ ଆପ୍ ମାଧ୍ୟମରେ ସ୍ଲଟ୍ ବୁକ୍ କରି ନିକଟତମ CCI କ୍ରୟ କେନ୍ଦ୍ରରେ ତାରିଖ ୨୭.୦୨.୨୦୨୬ ମଧ୍ୟରେ ନିଜ କପା ବିକ୍ରୟ କରିପାରିବେ। ଅଧିକ ସୂଚନା କିମ୍ବା ସହାୟତା ପାଇଁ, ଚାଷୀମାନେ ଶାଖା କାର୍ଯ୍ୟାଳୟ ରାୟଗଡ଼ାର ହ୍ୱାଟସଆପ୍ ହେଲ୍ପଲାଇନ ନମ୍ବର: ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-II, JAJPUR**

25001/255/2526

rwdivision_jaraka@yahoo.co.in

**'E' PROCUREMENT NOTICE NO. RWD-II/JJPR- 08 /2025-26**

1. Name of work : Building and Road works in the District of Jajpur for the year 2025-26
2. Total No of Work : 5 nos. of works.
3. Estimated Cost (Approx.) : As indicated against each work in the NIT
4. Period of Completion : As indicated against each work in the NIT
5. Class of contractors : As indicated against each work in the NIT

Other details as follows:

a) Procurement officer : Superintending Engineer Rural Works Division-II, Jajpur at Jaraka
b) Availability of tender online & submission of bid : 26.02.2026 at 11.00 AM to 07.03.2026 upto 5.00 PM
c) Last date & time of seeking of tender clarification : 06.03.2026 upto 4.00 PM
d) Opening of Tender : 07.03.2026 at 05.30 PM

**Further details can be seen from the Govt. website www.tendersodisha.gov.in**

**Superintending Engineer Rural Works Division-II Jajpur at Jaraka**

OIPR-25001/25080/1/25-26/0027

**OFFICE OF THE MUNICIPAL COUNCIL, SUNDARGARH**
**Tender Call Notice No. 896, Dt. 19.02.2026**
**COMPETITIVE BIDDING THROUGH e-Procurement**
**NOTICE INVITING TENDER**

13001/402/2526

Bid Reference No. SNGM-09 2025-26 / Dt. 19.02.2026

1. Total No. of Works for which Tenders Invited: 04 Nos.
2. Place of Execution: Different locations of Sundargarh Municipality.
3. Estimated Cost of Individual Works excluding GST: Rs. 353187.13 to 1667959.69
4. Eligible Class of Contractors: Registered Contractors of Class- 'D' to Class- 'C' as indicated against each work mentioned in the tender call notice.
5. Intending bidders have to participate through "On-Line" bidding only. The website for online bidding is https://www.tendersodisha.gov.in.
6. The bid documents will be available in the above website from 11.00 A.M of Dt. 21.02.26 to 5.00 P.M of Dt. 07.03.26 for online bidding.
7. Bids received will be opened on e-Procurement System at 11.00 A.M onwards on Dt. 09.03.26.
8. The bidder must possess valid and compatible Digital Signature Certificate (DSC).
9. The DTCN for bid shall be available in the e-procurement portal https://www.tendersodisha.gov.in for on-line bidding.

**Executive Officer Sundargarh Municipality**

OIPR-13001/13130/1/25-26/0002

**GOVERNMENT OF ODISHA**
**OFFICE OF NOTIFIED AREA COUNCIL, BALIMELA**

13001/383/2526

Odisha, Pin - 764051

e-Mail: conacbalimela@gmail.com

L.t. No. 353 / Dev / 2026 Dated: 20 / 02 / 2026

**e- NOTICE**

**BID IDENTIFICATION No. EOBLM/04/2025-26**

The Executive Officer, NAC, Balimela Dist-Malkangiri on behalf of Governor of Odisha invites for bidders of eligible class registered with any State Govt. and bidders of equivalent grade/ class registered with Central Govt./ PSU / MES / Railways according to norm of e-procurement system in online mode for the work as per DTCN.

1. Name of the Work : As per DTCN
2. Number of Work : **27 Nos.**
3. Estimated cost : As per DTCN
4. Period of Completion : As per DTCN
5. Date and Time of availability of Bid Document in the Portal : **From 10 hours of Dt. 23/02/2026 to 17 hours of Dt. 09/03/2026**
6. Last date and time for receipt of Bid in the Portal : **17 hours of Dt. 09/03/2026**
7. The bid received online shall be opened on 11 hours of dtd. 10/03/2026
8. Name and Address of the Officer inviting Bid: **Executive Officer, NAC Balimela.**

Further details can be seen from the Procurement Portal: **www.tendersodisha.gov.in**

**Executive Officer, NAC, Balimela**

OIPR-13001/13140/1/25-26/0001

**OFFICE OF THE NOTIFIED AREA COUNCIL, BIJEPUR**

AT/PO/PS:- Bijepur, Dist:- Bargarh (Odisha), PIN:- 768032

Phone No. 06685-274153, E_Mail ID:- bijepurnac2018@gmail.com

Letter No. 267, Date: 23.02.2026

**QUOTATION CALL NOTICE** 13001/392/2526

Bijepur NAC invites EOI from experienced, competent and eligible Agencies/ Suppliers/ Bidders for supply and fixing of Prefabricated Bus Stop at Different places of Bijepur under Bijepur NAC as per the specifications given below.

Each Prefabricated Bus Stop shall consist of the following materials.

Roof size- Length 10ft, Height 8ft & width 6ft.
2. Floor- Length 12ft & width 8ft.
3. Structure roof- 50/50mm E shape rod & 50/50mm F shape curved Pipe.
4. Roof pipe- 50/50mm 4pc S shape & 50/25mm 5pc S shape pipe.
5. Side wall- 5x2 ft Advertise Display Board, 6x4 ft M.S pipe
6. Roof sheet- Corrugated Galvanised Colour Sheet SS 12mm self-thread screw, Front Name plate 1.5mm sheet, Length 10ft, wide 1 ft.
7. Civil work- 2ft M-20 grade concrete foundation, 14mm MS Plate, 16mm foundation Bolt & 10mm floor Tile.
8. Bench- 10ftx1.5ft with front wall, 4ftx1.5 ft with side wall, Electrification Display Board with 20wt LED Tube.
9. Colouring- 3 Coated Hamilton Colour.

The Quotation Paper will be available at Development Section of Bijepur NAC @ Rs.2000.00 (Rupees two thousand) only per each schedule from Dt.25.02.2026 10.00 A.M to 5.00 P.M of Dt.05.03.2026 (within working days & Office hours). The Quotation Paper will be received up to 5.00 P.M of Dt.06.03.2026. The Quotation Paper will be opened on Dt.07.03.2026 at 11.00 A.M in presence of the Quotationers or their Authorised representatives. The Quotation documents can be seen in our Office Website www.bijepurnac.in.

Any other clarifications regarding EOI may contact Development Section of Bijepur NAC.

The Authority reserves the right to accept, reject or cancel any or all the Quotations without assigning any reason thereof.

**Executive Officer Bijepur NAC**

OIPR-13001/13123/1/25-26/0002

**WANTED**

A well-established firm invites applications for the following positions:

1. **Senior Accountant - (1 No.)** Experience : 10 yrs. above
2. **Junior Accountant - (1 No.)** Experience - 2-5 yrs. above
3. **Supervisor - (2 Nos.)** Experience - 2-5 yrs. above
4. **Sales Executive - (1 No.)** Experience - 2-5 yrs. above

**Salary: Best in the industry** | **Location : Bhubaneswar**

Interested candidates can send their CV to Email: 19sanatang@gmail.com

**Contact 7978386707**

**GOVT.OFODISHA** 25001/268/2526

**OFFICE OF THE SUPERINTENDING ENGINEER RURAL WORKS DIVISION, RAIRANGPUR**

e-mail ID :- eerwrairangpur@yahoo.com

"e" procurement notice for Building works

Bid identification No- RWDRRP-32 of 2025-26

1. Name of the work : Construction of Health building for the year 2025-26
2. Estimate Cost : Rs. 10.50 to 46.22 lakhs (approximately)
3. Class of Contractor : "D" ,"C"& "B" Class or relevant of works license.
4. Period of Completion : As per annexure
5. Tender Paper Cost : As per annexure

The details are as follows:-

| Procurement Officer | Bid Identification No | Availability of tender On-line for bidding | | Last Date& Time of seeking Tender Clarification | Date &Time of Opening of Tender in O/O Superintending Engineer, Rural Works Division, Rairangpur |
|---|---|---|---|---|---|
| | | From | To | | |
| S.E.R.W Division, Rairangpur. | RWDRRP-32/2025-26 | 27.02.2026 at 11.00 A.M. | 13.03.2026 Up to 5.00 P.M. | 12.03.2026 Up to 5.00 P.M. | 16.03.2026 at 11.30 A.M |

Further details can be seen from the website www.tendersodisha.gov.in

-Sd- Er. Sanjeet Naik Executive Engineer, R.W. Division, Rairangpur.

OIPR-25001/25107/1/25-26/0005

**Office of Chief CSO-cum-District Manager** 7001/17/2526

**Odisha State Civil Supplies Corporation Ltd. (OSCSC)**

District BARGARH

Phone: 9438200033

District Website: ccso.baragarh@gmail.com

**Tender No.951** | **Dt.25.02.2026**

District Manager, Odisha State Civil Supplies Corporation Ltd., Bargarh invites tender in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of Handling Contractor (Labour Works) for Handling of Foodgrains (Rice, Wheat etc.) at the RRCs in Bargarh district of the State of Odisha. |
| 2 | Availability of bid document in the portal | From Dt.27.02.2026 11:00 AM |
| 3 | Last Date / Time for receipt of bids in the portal | Dt.17.03.2026 up to 5:00 PM |
| 4 | Date/ Time for opening of Technical Bid | Dt.18.03.2026 at 11:00 AM |
| 5 | Name and address of the Officer Inviting Tender | District Manager, OSCSC Ltd., Bargarh |

Tender Documents & other details can be seen from the e-procurement portal www.oscsc.in, www.foododisha.in, www.tendersodisha.gov.in and www.bargarh.nic.in. Amendments /corrigendum/cancellation/re-tenders etc. if any shall be published only in above websites.

**Chief CSO-cum-District Manager OSCSC Ltd., Bagarh**

OIPR-7001/7036/1/25-26/0001

ସକାଳ THE SAKALA

ଜୟପୁର

www.sakalaepaper.com

# ମଣ୍ଡିରୁ ଉଠୁନି ଧାନ, ରାସ୍ତାରୋକ କଲେ ଚାଷୀ



କୋରୁକୋଣ୍ଡା,୨୬ ।୨(ସମିସ): ମଣ୍ଡି ପରିଚାଳନା ଓ ଧାନକ୍ରୟକୁ ନେଇ ରାଜ୍ୟ ସରକାର ଓ ପ୍ରଶାସନ ବିରୋଧରେ ରାଜ୍ୟର ବିଭିନ୍ନ ସ୍ଥାନରେ ଚାଷୀ ରାଜ ରାସ୍ତାରେ ଆନ୍ଦୋଳନ କରୁଥିବା ବେଳେ ବର୍ତ୍ତମାନ ଏହି ସମାନ ଅଭିଯୋଗ ଆଣି ମାଲକାନଗିରି ଜିଲ୍ଲାରେ ଉତ୍ୟକ୍ତ ଚାଷୀ ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିଛନ୍ତି। ଏପରି ଘଟଣା ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସଦର ଏବଂ ପୋଟରେଲ ଛକରେ ଦେଖିବାକୁ ମିଳିଛି। ମଣ୍ଡିରେ ଦୀର୍ଘ ଦିନ ହେବ ଧାନ ପଡି ରହିଥିବା ବେଳେ ଧାନ କ୍ରୟ ହେଉନଥିବାରୁ ଶେଷରେ ବାଧହୋଇ ଆଜି ଏପରି ରାଜରାସ୍ତାରେ ବସ୍ତା ବସ୍ତା ଧାନ ରଖି ରାସ୍ତାରୋକ କରିଥିବା କହିଛନ୍ତି ଚାଷୀ। ଚାଷୀମାନେ ୪ ଗୋଟି ଦାବି ନେଇ ଏହି ଆନ୍ଦୋଳନ କରିଥିବା ବେଳେ ସେହି ଦାବି ଗୁଡିକ ହେଲା, ଧାନ ମଣ୍ଡିରୁ ଧାନ ଯଥାଶୀଘ୍ର ଉଠାଇବା, ଚାଷୀମାନଙ୍କର ଖାଲି ବସ୍ତା ବାବଦକୁ ୧୦ ଟଙ୍କା ଫେରାଇବା, କଟନି ଛଟନି ବନ୍ଦ କରିବା ଏବଂ ମିଲର ମାନଙ୍କ ମନମାନି ବନ୍ଦ କରିବା। ତେବେ ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ ଏନେଇ ସେମାନେ ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରାଙ୍କୁ ଗତ ୨ ଦିନ ପୂର୍ବେ ଲିଖିତ ଅଭିଯୋଗ ପ୍ରଦାନ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନଥିଲା। ଆନ୍ଦୋଳନ କଲେମଧ କୌଣସି ସୁଫଳ ମିଳିବ ନାହିଁ ବୋଲି ଶ୍ରୀ ବେହେରା କହିଥିବା କିଛି ଚାଷୀ ଅଭିଯୋଗ ଆଣିଥିଲେ। ତେଣୁ ଆଜି ଚାଷୀମାନେ ଏହି ରାସ୍ତାରୋକ କରି ଆନ୍ଦୋଳନକୁ ଓଲହାଇଥିବା କହିଛନ୍ତି। ରାଜରାସ୍ତାରେ ଚାଷୀମାନେ ରାସ୍ତାରୋକ କରିବା ଦ୍ୱାରା ମାଲକାନଗିରି-ବାଲିମେଳା ମୁଖ୍ୟ ରାସ୍ତାରେ ଗାଡି ଚଳାଚଳ କିଛି ଘଣ୍ଟା ପାଇଁ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଉଭୟ ପାଶ୍ୱର୍ରେ ଶତାଧିକ ଯାନବାହନ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ମାଲକାନଗିରି ଅତିରିକ୍ତ ଯୋଗାଣ ଅଧିକାରୀ ବିଶ୍ୱଜିତ ଦାସ, ଅତିରିକ୍ତ ତହସିଲଦାର ଉମେଶ ପୂଜାରୀ ଏବଂ କୋରୁକୋଣ୍ଡା ଏମଆଇ ହରିଷ ରାମ ମଲ୍ଲିକ ଘଟଣା ସ୍ଥଳରେ ପହଞ୍ଚି ଚାଷୀମାନଙ୍କୁ ବୁଝାସୁଝା କରିବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ଚାଷୀମାନେ ସରକାର ବିରୁଦ୍ଧରେ ବିଭିନ୍ନ ନାରା ଦେବା ସହ ଚାଷୀ ଏକତା ଜିନ୍ଦାବାଦ କହି ପ୍ରତିବାଦ

## ଚୁକ୍ତି ପରେ ସ୍ଥଗିତ ହେଲା ଆନ୍ଦୋଳନ

କରିଥିଲେ। ଅଧିକାରୀ ମାନଙ୍କୁ ଧାନ କାହିଁକି ଉଠୁ ନାହିଁ ବୋଲି ଓଲଟି ପ୍ରଶ୍ନ ପଚାରିଥିଲେ ଚାଷୀ। ଏଥିସହ ଗତ ବର୍ଷାରେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ଭିଜି ନଷ୍ଟ ହୋଇଯାଇଛି, ତେଣୁ ମିଲର ଧାନ ନେଉ ନଥିବା କହିଥିଲେ। ଏହି ଖବର ପାଇ ସଙ୍ଗେ ସଙ୍ଗେ ଚାଷୀମାନଙ୍କ ଧାରଣା ସ୍ଥଳରୁ ଉକ୍ତ ୩ ଅଧିକାରୀ ମଣ୍ଡି ପରିଦର୍ଶନ ରେ ଯାଇ ଧାନ କେଉଁ ଅବସ୍ଥାରେ ରହିଛି ତାର ଅନୁଧ୍ୟାନ କରିଥିଲେ। ପରେ ଅଧିକାରୀମାନେ ଚାଷୀମାନଙ୍କ ଧାରଣା ସ୍ଥଳ କୁ ଆସି ବୁଝାସୁଝା କରିବା ପରେ ଏକ ଲିଖିତ ଚୁକ୍ତି ନିମନ୍ତେ ଚାଷୀ ଦାବି କରିଥିଲେ। ଆସନ୍ତା କାଲି ଚକ୍ଷୁସ୍ନାନ ହୋଇ ତୁରନ୍ତ ପଡି ରହିଥିବା ୩୦୦୦ କ୍ୱିଣ୍ଟାଲ ଧାନ ମଧ୍ୟରୁ ୨୦୦୦ କ୍ୱିଣ୍ଟାଲ ଧାନ ଉଠାଯିବ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଧାନ ଶେଷ ନହେବା ଯାଏଁ ମଣ୍ଡିରେ ଧାନ କ୍ରୟ ଜାରି ରହିବ ବୋଲି ଏକ ଲିଖିତ ଚୁକ୍ତି ହେବା ପରେ ଆନ୍ଦୋଳନରୁ ଓହରିଥିଲେ ଚାଷୀ। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଆଜି ଏହି ଚାଷୀ ଆନ୍ଦୋଳନରେ କୋରୁକୋଣ୍ଡା ମଣ୍ଡି ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ଗୋବିନ୍ଦ ପାତ୍ର, ମଣ୍ଡି ସମ୍ପାଦକ ବନମାଳୀ ପାତ୍ର, ବିଜେଡି ନେତା ସତ୍ୟ ପାଣିଗ୍ରାହୀ, ବିଧାୟକ ପ୍ରତିନିଧି ବିନାୟକ ପାତ୍ର, ପିତବାସ ପଣ୍ଡା, ଚକ୍ରଧର ରୁଦ୍ରାକ୍ଷ, ପଦ୍ମନାଭ କେଲପ, ପାଣ୍ଡୁ କବାସୀ, ଲକ୍ଷ୍ମଣ ମାଢ଼ି, ଦୁର୍ଯ୍ୟୋଧନ ମାଡକାମୀ, ରାଜୁ ମାଢ଼ି, ସମୀର ଦେବନାଥ, ପଣ୍ଡା ଗଉଡ, ପଦଲାମ ଗୋଲାରି, ଜଗନ୍ନାଥ ହିଆଲଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ରହିଥିଲେ।

# ଭେଙ୍କେଟପଲମ୍ ଗ୍ରାମରେ ଜଳ ଅର୍ପଣ ଦିବସ




କାଲିମେଳା,୨୬ ।୨(ସମିସ): ମାଲକାନଗିରି ବିଧାୟକ ନରସିଂହ ମାଡକାମୀଙ୍କ ଦ୍ୱାରା କାଲିମେଳା ବ୍ଲକ ଭେଙ୍କେଟପାଲମ ପଞ୍ଚାୟତ ନିକଟରେ ପୋଟେରୁ ନଦୀରେ ହୋଇଥିବା ମେଗା ପାନୀୟ ଜଳ ପ୍ରକଳ୍ପର ଶୁଭାରମ୍ଭ କରି ଜଳ ଅର୍ପଣ ଦିବସ ରୂପେ ବିବେଚନା କରିଛନ୍ତି। ଏହି ପ୍ରକଳ୍ପର ନିୟନ୍ତ୍ରଣ ପଞ୍ଚାୟତ ବିଭାଗକୁ ହସ୍ତାନ୍ତର କରାଯାଇଛି। ପଞ୍ଚାୟତର ଆଖ ପାଖ ଅଞ୍ଚଳ ଯଥା କାଲିମେଳା, କୋଇମେଟଲା ଇତ୍ୟାଦି ପଞ୍ଚାୟତର ବାସିନ୍ଦା ଏହା ଦ୍ୱାରା ପାନୀୟ ଜଳ ବ୍ୟବହାର କରିବେ। ଗ୍ରୀଷ୍ମ ଦିନେ ଜଳ ସଙ୍କଟରୁ ଏହି ପ୍ରକଳ୍ପ ମୁକ୍ତି ଦେବ ବୋଲି ଅଞ୍ଚଳବାସୀ ପ୍ରକାଶ କରିବା ସହ ଖୁସି ବ୍ୟକ୍ତ କରିଛନ୍ତିଛ୍ଛ ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ମାଲକାନଗିରି ଜିଲ୍ଲାର ପ୍ରକଳ୍ପ ନିର୍ଦ୍ଦେଶକ ଦାଶରଥି ସରାବୁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, କାଲିମେଳା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର କର, ଅଧିକ୍ଷଣ ଯନ୍ତ୍ରୀ ଜନକ ବଳବନ୍ତରାୟ ପ୍ରମୁଖଙ୍କ ସହ ଏମିମାନେ ଉପସ୍ଥିତ ଥିଲେ। ସମସ୍ତ ଅଥିତି ଜଳର ଉପାଦେୟତା ଏବଂ ସଂରକ୍ଷଣ ଉପରେ ଉପସ୍ଥିତ ଜନସାଧାରଣ ଏବଂ ବିଦ୍ୟାଳୟ ର ପିଲାମାନଙ୍କୁ ବୁଝାଇଥିଲେ। ଏହି ଜଳ ଅର୍ପଣ ଦିବସ ଉପଲକ୍ଷେ ବିଭିନ୍ନ ପ୍ରକାର ପ୍ରତିଯୋଗିତାର ଆୟୋଜନ ହୋଇଥିବା ବେଳେ ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ପରିଶେଷରେ ପିଲାମାନଙ୍କୁ ଖାଦ୍ୟ ପରିବେଷଣ କରା ଯାଇଥିଲା।

# କଂଗ୍ରେସ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ



ଜୟପୁର,୨୬ ।୨(ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜିଲ୍ଲା କଂଗ୍ରେସ ଭବନ ଠାରେ ଏପଷ୍ଟିନ ଫାଇଲ ମାମଲାରେ ଜାତୀୟ ମହିଳା କଂଗ୍ରେସର ନିର୍ଦ୍ଦେକ୍ରମେ ସାରା ଦେଶରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କୁ ସଂପୃକ୍ତି ଏବଂ ପ୍ରଧାନମନ୍ତ୍ରୀ ମନ୍ତ୍ରୀଙ୍କୁ ଘଣ୍ଟ ଘୋଡାଉଥିବା ଅଭିଯୋଗରେ ବିରୋଧ ପ୍ରଦର୍ଶନ କରିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ଜୟପୁର କଂଗ୍ରେସ ଭବନ ସମ୍ମୁଖରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପୁରୀଙ୍କ କୁଶପୁତ୍ତଳିକା ଦାହ କରିବା ସହିତ ତୁରନ୍ତ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ମନ୍ତ୍ରୀ ନିଜ ପଦବୀରୁ ଇସ୍ତଫା ଦେବାକୁ ଦାବି କରିଛନ୍ତି। ଏହି ଅସବରରେ ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକ, ଜୟପୁର ଟାଉନ ସଭାପତି ନରେନ୍ଦ୍ର ମହାନ୍ତି, ବ୍ଲକ ସଭାପତି ବସନ୍ତ ନାୟକ, ପ୍ରଣବ କିଶୋର ନାୟକ, ସଞ୍ଜୁ ନାୟକ, ମଧୁସ୍ମିତା ଓରାଙ୍ଗ, ଶାନ୍ତି ବିନ୍ଧାଣି, ଅନିତା ନାୟକ, ଗଙ୍ଗାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରକ୍-ବାଇକ୍ ଧକ୍କା: ପରିବାରର ୪ ଗୁରୁତର

କୋରୁକୋଣ୍ଡା,୨୬ ।୨ (ସମିସ): ଆଜି ସକାଳେ ମାଲକାନଗିରଠାରୁ କୋରୁକୋଣ୍ଡା ଯିବା ରାସ୍ତାର ଟେକଗୁଡା ନିକଟରେ ଟ୍ରକ ସହିତ ମୋଟର ସାଇକେଲ ଧକ୍କାରେ ସ୍ୱାମୀ ସ୍ତ୍ରୀ ଗୁରୁତର ଥିବା ବେଳେ ତାଙ୍କର ଦୁଇ ପୁଅ ଆହତ ହୋଇଛନ୍ତି। ଗୁରୁତରଙ୍କୁ ଜୟପୁର ଏବଂ ବିଶାଖାପାଟଣାକୁ ପଠା ଯାଇଥିବା ସମ୍ପର୍କୀୟ କହିଛନ୍ତି। ପ୍ରତ୍ୟକ୍ଷଦର୍ଶୀ ଏବଂ ପରିବାର ଲୋକଙ୍କ କହିବା ଅନୁଯାୟୀ କୋରୁକୋଣ୍ଡା ଗ୍ରାମର ସନ୍ତୋଷ ଗୌଡ ନିଜର ମୋଟର ସାଇକେଲ ନଂ-ଓଡି୧୦ ଜି୬୯୨୭ନଂ ହୋଣ୍ଡା ଇଉନିକନରେ ସ୍ତ୍ରୀ ସହିତ ଦୁଇ ପୁଅଙ୍କୁ ନେଇ ମାଲକାନଗିରିରୁ ସୁଦଶା ବ୍ରତ ନିମନ୍ତେ ନିଜ ଘରକୁ ଫେରୁଥିଲେ। କୋଇଲିପାରି ନିକଟ ଟେକଗୁଡା ନିକଟ ରାସ୍ତା ଉପରେ ଏକ ଅଟୋ ଠିଆ ହୋଇଥିବା କାରଣରୁ ତାକୁ ସାଇଟ କରି ଆସିବାକୁ ଚେଷ୍ଟା କରିବା ସମୟରେ କୋରୁକୋଣ୍ଡା ପଟରୁ ମାଲକାନଗିରି ପଟକୁ ଯାଉଥିବା ଟ୍ରକ ନଂ ସିଜି୦୪ପିଏନ୧୯୯୯ ଉକ୍ତ ବାଇକ୍‌କୁ ଧକ୍କା ଦେଇଥିଲା। ଦୁଇ ପୁଅଙ୍କ ଗୋଡ଼ ଭାଙ୍ଗିଥିବା ଏକ୍ସରେ ରେ ଜଣାପଡିଛି । ସ୍ୱାମୀଙ୍କ ଗୋଡ ଭାଙ୍ଗି ଯାଇଥିଲା, ସ୍ତ୍ରୀଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ବିଶେଷଜ୍ଞଙ୍କ ଯାଞ୍ଚ ପରେ ସମସ୍ତଙ୍କୁ ଉନ୍ନତ ଚିକିତ୍ସା ନିମନ୍ତେ ରେଫର କରାଯିବ ବୋଲି ଡାକ୍ତର କହିଛନ୍ତି।

# ଭାଷା ସୁରକ୍ଷା ଆମର ପ୍ରଥମ ଲକ୍ଷ୍ୟ : ଗୌରୀ ଶଙ୍କର ମାଝୀ



**ନବରଙ୍ଗପୁର,୨୬।୨(ସମିସ):** ଉତ୍କଳ ସମ୍ମିଳନୀର ରାଜ୍ୟ କାର୍ଯ୍ୟକାରଣୀ ନବରଙ୍ଗପୁର ମିଶନଶକ୍ତି ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟସ୍ତରୀୟ ଅଧିବେଶନରେ ରାଜ୍ୟ ସଭାପତି ପ୍ରଫେସର ଡ. ଅଦ୍ୱୈତ କୁମାର ପାତ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁ, ଡିଏସପି ସ୍ରୋଜ ପୁନମ କିସପଟା, ଚାମ୍ବର ଅଫ୍ କମର୍ସର ସଭାପତି ମାନସ ରଞ୍ଜନ ଦାଶ ଯୋଗ ଦେଇଥିଲେ। ଏହି ଅବସରରେ ଉତ୍କଳ ସମ୍ମିଳନୀ ଓଡିଆ ଭାଷା ସାହିତ୍ୟ ଓ ଅସ୍ମିତା ସୁରକ୍ଷା ପାଇଁ କାମ କରୁଛି। ଛତିଶଗଡ, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଝାଡଖଣ୍ଡ ସୀମାରେ ଓଡିଶାର ଅନେକ ଅଞ୍ଚଳ ବିଚ୍ଛିନ୍ନ ଭାବେ ରହିଛି। ସେଠାରେ ଗମନାଗମ ସୁବିଧା କରିବା ସହ ସେସବୁ ସ୍ଥାନର ସ୍କୁଲରେ ଓଡିଆ ଭାଷା ସାହିତ୍ୟ ଶିକ୍ଷାଦାନ ପାଇଁ ସମ୍ମିଳନୀ ଦାବି କରିଆସୁଛି। ଓଡିଶାର ବିବାଦୀୟ କୋଟିଆ ଅଞ୍ଚଳରେ ଆନ୍ଧ୍ରର ପ୍ରଭାବ ଥିବା ବେଳେ ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକର ଜାମିଲିପଡା, ରାଇଘର ବ୍ଲକର ହାତୀଗାଁ, କୋଷାଗୁମଡା ବ୍ଲକର ଭଇଁଷାବେଡା ଅଞ୍ଚଳରେ ଛତିଶଗଡର ପ୍ରଭାବ ରହିଛି। ଏସବୁ ଅଞ୍ଚଳର ବିକାଶ କରିବା ସହିତ ସେଠାରେ ଓଡିଆ ଭାଷାର ସୁରକ୍ଷା ପାଇଁ ସମ୍ମିଳନୀ ପକ୍ଷରୁ ଜିଲ୍ଲାପାଳ, ବିଧାୟକ ଓ ଡିଏସପିଙ୍କୁ ଅନୁରୋଧ କରିଥିଲେ। ଓଡିଆ ବୋର୍ଡ ଲେଖା ଦିଗରେ ପ୍ରଶାସନର ସହଯୋଗ ଲୋଡିଥିଲେ। ନୂଆ ସରକାର ଆସିବା ପରେ ଓଡିଆ ଅସ୍ମିତା ଓ ସୀମାନ୍ତ ଅଞ୍ଚଳକୁ ଓଡଶାରେ ସାମିଲ କରିବା ଦିଗରେ ପ୍ରୟାସ ରତ ବୋଲି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ବିଧାୟକ ଗୌରୀ ଶଙ୍କର ମାଝୀ କହିଥିଲେ। କାର୍ଯ୍ୟକାରିଣୀ ବୈଠକରେ ଉତ୍କଳସମ୍ମିଳନୀର କାର୍ଯ୍ୟାଳୟ, କୋର୍ଟରେ ଚାଲିଥିବା ମାମଲା , ପତ୍ରିକା ପ୍ରକାଶନ ସହ ନୂଆନୂଆ କମିଟି ସମ୍ପର୍କରେ ସରଗରମ ଆଲୋଚନା ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମ ନବରଙ୍ଗପୁର ଜିଲ୍ଲା ବିଶିଷ୍ଟ ସମାଜ ସେବୀ ତଥା ଜିଲ୍ଲା ଶାଖା ସଭାପତି ଜଗନ୍ନାଥ ମହାପାତ୍ର ପରିଚାଳନା କରିଥିବା ବେଳେ ଦୁର୍ଗାପ୍ରସାଦ ପାଢ଼ି,ଅଶୋକକୁମାର ପଟ୍ଟନାୟକ, ବାଙ୍କବିହାରୀ ବିଷୋୟୀ, ବୁଲୁ ହୋତା, କିଶୋର କୁମାର ପଟ୍ଟନାୟକ, ସ୍ୱର୍ଣ୍ଣଲତା ପଟ୍ଟନାୟକ, କିଶୋରୀ ପଟ୍ଟନାୟକ, ଡ.ସଞ୍ଜୁକ୍ତା ପଣ୍ଡା, ସତ୍ୟ ନାୟକ ,ଦାଶରଥୀ ପଟ୍ଟନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମାନେ ବିବାଦୀୟ କୋଟିଆ ପରିଦର୍ଶନରେ ଯାଇଥିଲେ।

● ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ

# ଗବେଷଣା ପଦ୍ଧତି କର୍ମଶାଳା




କୋରାପୁଟ,୨୬।୨(ସମିସ): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପାଞ୍ଚଦିନିଆ ଗବେଷଣା ପଦ୍ଧତି କର୍ମଶାଳା ଆୟୋଜିତ ହୋଇଯାଇଛି। ଭାଷା ସମୂହ ବିଦ୍ୟାପୀଠ ପକ୍ଷରୁ ଆୟୋଜିତ ଏହି କର୍ମଶାଳାର ଉଦଘାଟନୀ ଉତ୍ସବରେ ଅହମଦାବାଦ ସ୍ଥିତ ସ୍ୱାମୀନାରାୟଣ ସଂସ୍ଥାର ଖ୍ୟାତନାମା ସଂସ୍କୃତ ଆଚାର୍ଯ୍ୟ ମହାମହୋପାଧ୍ୟାୟ ସ୍ୱାମୀ ଭଦ୍ରେଶଦାସଜୀ ମହାରାଜା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗବେଷଣାରେ ଦାର୍ଶନିକ ସ୍ୱଷ୍ଟତା, ଶାସ୍ତ୍ରୀୟ ଶିଷ୍ଟାଚାର ଓ ନୀତିମୂଲ୍ୟର ଗୁରୁତ୍ୱ ଉଲ୍ଲେଖ କରିଥିଲେ। ଭାରତୀୟ ଗବେଷଣାରେ ଆସ୍ଥା ରଖି ଏହାକୁ ନୂତନ ଦିଗରେ ଆଗେଇ ନିଅନ୍ତୁ। ଆପଣମାନେ ଭାରତର ଯୁବଶକ୍ତି, ଆପଣମାନେ ସବୁକିଛି ସାଧନ କରିପାରିବେ ବୋଲି ସେ ଆହ୍ୱାନ କରିଥିଲେ। ବିଶ୍ୱବିଦ୍ୟାଳୟର ଅର୍ଥ ଅଧିକାରୀ ଦୁର୍ଯ୍ୟୋଧନ ସେଠି ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମଟି ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡାଙ୍କ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ଆୟୋଜିତ ହୋଇଥିଲା। ବିଶ୍ୱଭାରତୀର ପ୍ରଫେସର ଅରୁଣ ରଞ୍ଜନ ମିଶ୍ର ଉପସ୍ଥିତ ଥିଲେ। ଭାଷା ଓ ସାହିତ୍ୟର ଗବେଷକ ଏବଂ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବୈଜ୍ଞାନିକ ଗବେଷଣା କୌଶଳ, ଏକାଡେମିକ ଲିଖନ କୁଶଳତା ଓ ଗବେଷଣା ନୀତିଶାସ୍ତ୍ର ପ୍ରତି ସଚେତନତା ବୃଦ୍ଧି କରିବା ଏହି କର୍ମଶାଳାର ଲକ୍ଷ୍ୟ ବୋଲି ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ କହିଛନ୍ତି।

# କଂଗ୍ରେସ କର୍ମୀ ସୀମା ମହାନ୍ତିଙ୍କ ପରଲୋକ

ସୁନାବେଡ଼ା,୨୬।୨(ସମିସ): କୋରାପୁଟ ଜିଲ୍ଲା ସୁନାବେଡ଼ା-୩ ସ୍ଥିତ ଗଞ୍ଜାମ କଲୋନୀ ବାସିନ୍ଦା ତଥା ସୁନାବେଡ଼ା ଓ ସେମିଳିଗୁଡା ଅଞ୍ଚଳର ଜଣାଶୁଣା କଂଗ୍ରେସ କର୍ମକର୍ତ୍ତା ସୀମା ମହାନ୍ତିଙ୍କ ପରଲୋକ ହୋଇଯାଇଛି।



ସୀମା ମହାନ୍ତିଙ୍କ ଶରୀର କିଛି ମାସ ଧରି ହେଲା ଅସୁସ୍ଥ ଥିଲା। ଭୁବନେଶ୍ୱରର ଏକ ସରକାରୀ ଡାକ୍ତରଖାନାରେ ତାଙ୍କର ଚିକିତ୍ସା ଚାଲିଥିଲା। କିନ୍ତୁ ଫେବ୍ରୁଆରୀ ୨୫ ତାରିଖ ବୁଧବାର ରାତିରେ ୧୦ଟା ସମୟରେ ତାଙ୍କର ପରଲୋକ ହୋଇଛି।।

# ବଢ଼ିଲାଣି ଖରା ଜମୁଛି, ତରଭୁଜ ବେପାର

ଉମରକୋଟ ୨୬।୨(ସମିସ):



ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବଢ଼ିବାରେ ଲାଗିଛି। ଗ୍ରୀଷ୍ମପ୍ରବାହ ବଢିବା ଯୋଗୁଁ ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ଠାରେ ମଧ ଏବେ ତରଭୁଜର ବ୍ୟବସାୟ ମଧ ବଢ଼ିବାରେ ଲାଗିଛି। ଉମରକୋଟ ସହର ର ରାସ୍ତା ପାଶ୍ୱର୍ରେ ତରଭୁଜ ବ୍ୟବସାୟ ବେଶ ଜମୁଛି। ଯାହାକୁ ବିକି ବ୍ୟବସାୟୀ ଭଲ ଦି ପଇସା ରୋଜଗାର କରୁଛନ୍ତି। ଉଦୁଉଦିଆ ଖରା ତରଭୁଜ ଖାଇବାକୁ ସମସ୍ତେ ଭଲ ପାଆନ୍ତି। ତରଭୁଜ କେବଳ ପାଟିକୁ ସୁଆଦିଆ ନୁହେଁ ବରଂ ଶରୀର ପାଇଁ ମଧ ଲାଭ ଦାୟକ। ତରଭୁଜ ଠାରେ ୯୨ ପ୍ରତିଶତ ଜଳୀୟ ଅଂଶ ଥିବାରୁ ଖରା ସମୟରେ ରାସ୍ତା ପାଶ୍ୱର୍ରେ ଯାଉଥିବା ପଥିକ ଟି କିଛି ସମୟ ପାଇଁ ତରଭୁଜ ଦୋକାନ ଠାରେ ଅଟକି ତରଭୁଜ ଖାଉଥିବା ଦେଖିବାକୁ ମିଳିଛି। ଏହି ତରଭୁଜ ମଞ୍ଜିରେ ମାଇକ୍ରୋନିଉଟ୍ରି ଏଣ୍ଟସ, ପ୍ରୋଟିନ, ଆଇରନ, ଫାଇବର, ଜିଙ୍କ ଭରପୁର ମାତ୍ରାରେ ରହିଛି। ମଧୁମେହ, ହୃଦୟ ଜନିତ ସମସ୍ୟା ରୋଗୀଙ୍କ ପାଇଁ ଏହି ମଞ୍ଜି ବେଶ ଲାଭଦାୟକ। ଏଥିସହ କେଶ ଓ ତ୍ୱଚାକୁ ସୁସ୍ଥ ରଖିବାରେ ବିଶେଷଜ୍ଞ ମାନେ ସହାୟକ ହେଉଥିବା କହନ୍ତି। ବହୁ ବେରୋଜଗାରୀ କିଛି ଟଙ୍କା ରୋଜଗାର କରିବା ପାଇଁ ଏହି ବ୍ୟବସାୟ ଆପଣେଇ ଥିବା ଦେଖିବାକୁ ମିଳିଛି। ଛୋଟ ତରଭୁଜ ଗୋଟାକୁ ୬୦ ରୁ ୭୦ ଟଙ୍କା ବିକ୍ରି ହେଉଥିବାବେଳେ ମଧ୍ୟମ ଆକାରର ତଟ ତରଭୁଜ ୮୦ ରୁ ୦ ଟଙ୍କା ଓ ବଡ ଆକାରର ୧୦୦ ଟଙ୍କା ବିକ୍ରି ହେଉଛି। ଆଉ କିଛି ଦିନ ପରେ ଉମରକୋଟ ଓ ରାଇଘର ଅଞ୍ଚଳରୁ ପ୍ରଚୁର ପରି ମାଣରେ ତରଭୁଜ ବଜାରକୁ ଆସିବ। ଯାହା ଫଳରେ ଅନ୍ୟ ଅଞ୍ଚଳରୁ ଆସୁଥିବା ତରଭୁଜର ଚାହିଦା କମିଯିବ। ଆଖପାଖ ଅଞ୍ଚଳରୁ ତରଭୁଜ ଆସିବା ଫଳରେ ଦରଦାମ ମଧ୍ୟ କମିଯିବ। ଆଖ ଆଖପାଖ ଅଞ୍ଚଳରୁ ତରଭୁଜ ଆସିଲେ ଏହା କିଲୋ ୩୦ରୁ ୪୦ ଟଙ୍କା ହିସାବରେ ବିକ୍ରି ହେବ। ଯାହା ଫଳରେ ଖାଉଟି ମାନଙ୍କୁ ସୁଲଭମୂଲ୍ୟରେ ତରଭୁଜ ମିଳିପାରିବ। ଛତିଶଗଡ଼ର, ଆନ୍ଧ୍ରପ୍ରଦେଶର ବହୁ ଜାଗାରୁ ଉମରକୋଟ ସହରକୁ ତରଭୁଜ ଆଣି ବହୁ ବ୍ୟବସାୟ ବିକ୍ରି କରୁଥିବା ବ୍ୟବସାୟ ମାନେ କହିଛନ୍ତି। ଏହା ଏକ ଲାଭଜନକ ବ୍ୟବସାୟ ବୋଲି କହିଛନ୍ତି।

■ ରାଜ୍ୟସ୍ତରୀୟ ଜୁନିଅର ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା

# ଦ୍ୱିତୀୟ ସ୍ଥାନ ଅଧିକାର କଲେ ଆୟୁଷ ମଣ୍ଡଳ




କାଲିମେଳା,୨୬।୨(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକର ଆୟୁଷ ମଣ୍ଡଳ ରାଜ୍ୟ ସ୍ତରୀୟ ଜୁନିଅର ବ୍ୟାଡମିଣ୍ଟନ ଲେବେଲ ୨ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଚଳିତ ବର୍ଷ ୟୋନେକ୍ସ ସନରାଇଜ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନ ତରଫରୁ ଆୟୋଜିତ ରାଜ୍ୟ ସ୍ତରୀୟ ଜୁନିଅର ବ୍ୟାଡମିଣ୍ଟନ ପ୍ରତିଯୋଗିତା ଲେବେଲ ୨ରେ ମାଲକାନଗିରି ଜିଲ୍ଲାର ପ୍ରତିଭାବାନ ଖେଳାଳି ଆୟୁଷ ମଣ୍ଡଳ ଭାଗ ନେବା ସହ ଦ୍ୱିତୀୟ ସ୍ଥାନ ଅଧିକାର କରି ନିଜର ଦକ୍ଷତା ପ୍ରଦର୍ଶନ କରଛନ୍ତି। ସେ ଏହା ପୂର୍ବରୁ ବ୍ଲକ୍ ଏବଂ ଜିଲ୍ଲା ସ୍ତରରେ ଏକକ ଓ ଯୁଗଳ ବର୍ଗରେ ଚାମ୍ପିଆନ ଆଖ୍ୟା ଅର୍ଜନ କରିସାରି ଥିବା ବେଳେ ରାଜ୍ୟ ସ୍ତରୀୟ ଜୁନିଅର ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାରେ ଅଞ୍ଚଳର ପ୍ରଥମ ଖେଳାଳି। କାଲିମେଳା ଭଳି ଅଞ୍ଚଳରୁ ଆୟୁଷ ମଣ୍ଡଳଙ୍କ ଭଳି ଖେଳାଳି ରାଜ୍ୟ ସ୍ତରୀୟ ଜୁନିଅର ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ରନର ଅପ୍ ହୋଇ ରାଜ୍ୟ ସ୍ତରରେ ଜିଲ୍ଲାର ନାମ ରୋଶନ କରିଛନ୍ତି। ପୁଅର ଏହି ଉପଲବ୍‌ଧି ପିତା ପରିତୋଷ ମଣ୍ଡଳ ଓ ମାତା ମୌସୁମୀ ମଣ୍ଡଳଙ୍କ ଦୀର୍ଘ ଦିନର ସଂଘର୍ଷ ଫଳ ଦେବା ସହ ଉଭୟ ପିତା ମାତା ଓ ଆୟୁଷଙ୍କ ପାଇଁ ଶୁଭେଚ୍ଛାର ସୁଅ ଛୁଟିଛି।

# ବିପର୍ଯ୍ୟସ୍ତ ଅବସ୍ଥାରେ ଶିକ୍ଷା ଓ ବିଦ୍ୟାଳୟର ଭିତ୍ତିଭୂମି

ଗୁଡାରୀ,୨୬।୨ (ସମିସ):




ଶିକ୍ଷା ବ୍ୟବସ୍ଥାକୁ ଉନ୍ନତମାନର କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପନ୍ଥା ଅବଲମ୍ବନ କଲେ ମଧ ଆଜି ସରକାରୀ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କର ଅବସ୍ଥା ସଙ୍କଟାପର୍ଣ୍ଣ। କାରଣ ଗୁଡାରୀ ବ୍ଲକର ଅଧିକାଂଶ ବିଦ୍ୟାଳୟରେ କେଉଁଠି ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅଧିକ ତ ଶିକ୍ଷକ କମ୍। ଆଉ କେଉଁଠି ଶିକ୍ଷକ ଅଧିକ ଛାତ୍ରଛାତ୍ରୀ କମ। ଏଣୁ ଶିକ୍ଷକ ଛାତ୍ରଙ୍କ ପରିମାଣ କମ୍ ଅଧିକ ଯୋଗୁଁ ଶିକ୍ଷାରେ ସମସ୍ୟା ଦେଖାଦେଇଛି। କେଉଁଠି ଶିକ୍ଷକ ୧୦ ରୁ ୧୪ ବର୍ଷ ଗୋଟିଏ ବିଦ୍ୟାଳୟରେ ରହି ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ ହୋଇ ଆସୁଥିବା ଥିବାବେଳେ ୨ରୁ ୪ ବର୍ଷ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଅନ୍ୟ ବିଦ୍ୟାଳୟ ଭାରପ୍ରାପ୍ତ ଭାବେ ନିଯୁକ୍ତି ପାଇ ବର୍ଷ ବର୍ଷ ରହି ଆସୁଛନ୍ତି। ଏମିତିରେ ଚାଲିଛି ଗୁଡାରୀ ବ୍ଲକ ଶିକ୍ଷା ବ୍ୟବସ୍ଥା। ଅନ୍ୟ ପଟେ ମଧୁବନ ପଞ୍ଚାୟତର ରାମ୍ବି ରାଚାମ୍‌କୁ ଆଜି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନ ହେବା ଫଳରେ ଶିକ୍ଷକ ନିତି ବିଦ୍ୟାଳୟକୁ ଯାଇ ଶିକ୍ଷା ଦେବା ଅତ୍ୟନ୍ତ କଷ୍ଟ ଦାୟକ। କାର୍ଲାଗୁଡିକୁ ପାହାଡିଆ ଅଞ୍ଚଳରେ ରାସ୍ତାର ଅବସ୍ଥା ଯାହା ନ କହିବା ଭଲ। ସେଠାରୁ କେପଟିକୁ ରାସ୍ତା ନାହିଁ କି ବିଦ୍ୟାଳୟ ନାହିଁ। ଏଠାକୁ ଶିକ୍ଷକ ସବୁଦିନେ ସ୍କୁଲ ଯିବ କେମିତି ପିଲାଙ୍କୁ ପାଠ ପଢେଇବ କେମିତି। ଗୁଡାରୀ ଠାରୁ କିତାଡାମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାମ ଶେଷ ହୋଇଥିବା ବେଳେ ସେଠାରୁ ଉତ୍ତୁ ଜିମାରାଓ ପର୍ଯ୍ୟନ୍ତ ରାସ୍ତା ନାହିଁ କି ବିଦ୍ୟାଳୟ ଗୃହ ନାହିଁ। ଏମିତି ବି କିଛି ବିଦ୍ୟାଳୟ ଅଛି ଯେଉଁଠି କି ଛାତ୍ରଛାତ୍ର ସଂଖ୍ୟା ୨ ରୁ ୧୫। କିନ୍ତୁ ଆଜି ପର୍ଯ୍ୟନ୍ତ ଏହି ବିଦ୍ୟାଳୟ ପ୍ରତି ବିଭାଗ କୌଣସି ପଦକ୍ଷେପ ନ ନେବା ଫଳରେ ଫାଇଦା ନେଉଛନ୍ତି ଶିକ୍ଷକ। ଯଦି ଶିକ୍ଷା ବିଭାଗ ଆଗାମୀ ଦିନରେ ଏହାକୁ ଗୁରୁତର ନ ନିଏ ତେବେ ପଞ୍ଚାୟତସ୍ତରରେ ବସବାସ କରୁଥିବା ଜନଜାତି ଛାତ୍ରଛାତ୍ରୀ ଶିକ୍ଷାର ଅବସ୍ଥା ତଳ ସ୍ତରକୁ ଗତିକରିବ ଏଥିରେ ଦ୍ୱିମତ ନାହିଁ। ଆଜି ପର୍ଯ୍ୟନ୍ତ ବ୍ଲକର ପ୍ରାୟ ୫୨ ଟି ବିଦ୍ୟାଳୟ ବେସରକାରୀ କାଗଜପତ୍ର ରହିଥିବା

## କେପଟି, ଜିମାରାଓ ଗ୍ରାମକୁ ନାହିଁ ସଡ଼କ

ଯୋଗୁଁ ବିଦ୍ୟାଳୟ ଭିତ୍ତିଭୂମିର ଅଭାବ ଦେଖିବାକୁ ମିଳୁଛି। ଏହି ବିଦ୍ୟାଳୟ ଗୁଡ଼ିକ ସରକାରୀ ସ୍ତରକୁ ଅଣିବା ଦରକାର । ନଚେତ ଶିକ୍ଷା ବିଭାଗ ଆସୁଥିବା ଅନୁଦାନ ଖର୍ଚ୍ଚ ନ ହୋଇ ଫେରିବା ଯଥେଷ୍ଟ ସମ୍ଭାବନା ରହିଛି। ଏମିତିରେ ଯାହା ଜଣାପଡିଛି ବିଦ୍ୟାଳୟକୁ ଆସୁଥିବା ଟଙ୍କା ବିଭିନ୍ନ କ୍ଷେତ୍ରରେ ବିନିଯୋଗ କରିବା ବଦଳରେ ବାଟମାରଣା ହେବା ଲାଗିଛି। ବର୍ଷକୁ ଥରେ ରାଜ୍ୟ ଶିକ୍ଷା ବିଭାଗର ଉଚ୍ଚପଦସ୍ତ ଅଧିକାରୀ ଅଡିଟ୍ କରିବା ପାଇଁ ବିଦ୍ୟାଳୟକୁ ଆସନ୍ତି । କିନ୍ତୁ ଠିକ୍ ଭାବେ ଅଡିଟ୍ ହେଉ ନଥିବା ଅଭିଯୋଗ ହେଉଛି। ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ବିଷୟ ଚିନ୍ତା କଲେ ଜଣାଯାଏ ଯେ ୨୦୨୫ ରେ ସୁଶ୍ରୀ ମିଶ୍ରାଣୀ କୁମ୍ଭାରଙ୍କୁ ଗୁଡାରୀ ବ୍ଲକ୍ ଶିକ୍ଷା ଅଧିକାରୀ ନିଯୁକ୍ତି ପାଇବାର କିଛି ମାସ ପରେ ତାଙ୍କର ବଦଳି ଏବଂ ପରେ ଶ୍ରୀ ଲୋକନାଥ ସୁନାଙ୍କୁ ନିଯୁକ୍ତି ମିଳିଥିଲା । ସେ କିନ୍ତୁ ଗୋଟିଏ ବର୍ଷକ ପରେ ନିଜ କାର୍ଯ୍ୟଭାର ସମ୍ଭାଳିଲେ। ଏତିମଧ୍ୟରେ ଭାରପ୍ରାପ୍ତ ଭାବେ ନିଯୁକ୍ତ ପାଇଥିଲେ ରାମନାଗୁଡା ବିଇଓ ସୁଜନ ମଲ୍ଲିକ। ସେହି ସମୟରେ ଗୋଟିଏ ବିଇଓ ଦୁଇଟି ବ୍ଲକ୍‌କୁ ସମ୍ଭାଳିଲେ ଶିକ୍ଷା ବିଭାଗର ସମସ୍ତ ବିଷୟ ଆଲୋଚନା କରିବା କଷ୍ଟସାଧ୍ୟ। ବର୍ଷ ବର୍ଷ ଧରି ଶିକ୍ଷା ବିଭାଗର ଉଚ୍ଚ ପଦସ୍ତ ଅଧିକାରୀ ସ୍ଥାୟୀ ଭାବେ କାର୍ଯ୍ୟରତ ନ ରହିଲେ ବିଦ୍ୟାଳୟ ଗୁଡିକରେ ଶିକ୍ଷକ ଉପସ୍ଥିତ ନା ଅନୁପସ୍ଥିତ ରହୁଛନ୍ତି କିଏ ତଦାରଖ କରିବ ଏବଂ ବିଦ୍ୟାଳୟ ଭିତ୍ତିଭୂମି ଠାରୁ ଆରମ୍ଭ କରି ଶିକ୍ଷା ଏମ୍‌ଡିଏମ୍ ବାର୍ଷିକ ପରୀକ୍ଷା ସମସ୍ତ ବିଷୟ ଅବସ୍ଥା କଣ ହେଉଥିବ ତାହା ଚିନ୍ତାଜନକ। ଏଣୁ ଏ ନେଇ ବିହିତ ପଦକ୍ଷେପ ଗ୍ରହଣ କରାଯିବାକୁ ଦାବି ହେଉଛି।

## ଜିଲ୍ଲା ଚିକିତ୍ସାଳୟ ପ୍ରସୂତି ବିଭାଗରେ ଅବ୍ୟବସ୍ଥା

# ତଳେ ଶୋଉଛନ୍ତି ନବଜାତ ଶିଶୁ, ପ୍ରସୂତି ମହିଳା



ଜୟପୁର,୨୬ ।୨(ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ସରକାରଙ୍କ ପକ୍ଷରୁ ଭିତ୍ତିଭୂମି ବିକାଶ କରିଛନ୍ତି। ଏହିପରି ଆବଶ୍ୟକ ଯନ୍ତ୍ରପାତୀ ଓ ଉପକରଣ ଯୋଗାଣ କରିଛନ୍ତି। ଏହିପରି ଜିଲ୍ଲା ଚିକିତ୍ସାଳୟ ପରିସରରେ ନବଜାତ ଶିଶୁ ଏବଂ ପ୍ରସୁତି ବିଭାଗ ପାଇଁ ୫୦ ବେଡ ବିଶିଷ୍ଟ ଏମସିଏଚ ଭବନ ନିର୍ମାଣ ହୋଇଥିବା ବେଳେ ନବଜାତ ଶିଶୁ ମାନଙ୍କ ପାଇଁ ଭେଣ୍ଟିଲେଟର ବ୍ୟବସ୍ଥା ରହିଛି। ଏହିପରି ୪ଜଣ ନିୟମିତ ବିଶେଷଜ୍ଞ ଡାକ୍ତର ରହିଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧକ୍ଷକ ଡା. ଅକ୍ଷୟ ରଥ ମଧ ଜଣେ ମହିଳା ଓ ପ୍ରସୁତି ବିଭାଗର ବିଶେଷଜ୍ଞ ଡାକ୍ତର ଅଟନ୍ତି। ସେହିପରି ବିଶେଷଜ୍ଞ ଡାକ୍ତର ମାନଙ୍କୁ ସହାୟତା କରିବା ପାଇଁ ପ୍ରାୟ କିଛି କନିଷ୍ଠ ଡାକ୍ତର ମାନେ ଏହି ବିଭାଗରେ କାର୍ଯ୍ୟରତ ଅଛନ୍ତି। ସେହିପରି ସମସ୍ତ ବିଶେଷଜ୍ଞ ଡାକ୍ତର ମାନେ ଅଭିଜ୍ଞ ଏବଂ ବରିଷ୍ଠ ଅଟନ୍ତି, କିନ୍ତୁ ଏହି ବିଭାଗରେ ଅବ୍ୟବସ୍ଥା ଦୀର୍ଘ ଦିନ ଧରି ଜାରୀ ରହିଛି। ଚିକିତ୍ସାଳୟକୁ ପ୍ରସୁତି ପାଇଁ ଆସୁଥିବା ଗର୍ଭବତୀ ମହିଳା ମାନଙ୍କ ଅସ୍ତ୍ରପୋଚାର କେବଳ ପୂର୍ବାହ୍ନ ୧୨ ସୁଦ୍ଧା ଚିକିତ୍ସାଳୟରେ କରାଯାଉଛି। ଏହିପରି ଜନ୍ମ ଓ ମୃତ୍ୟୁ ପ୍ରକୃତି ହାତରେ ରହିଥିବା ବେଳେ କୌଣସି କାରଣରୁ ପୂର୍ବାହ୍ନ ୧୨ଟା ପରେ କୌଣସି ଗର୍ଭବତୀ ମହିଳା ପ୍ରସବ ଜନିତ ପୀଡା ଯୋଗୁଁ ଚିକିତ୍ସାଳୟକୁ ଆସିଲେ ଯଦି ସାଧାରଣ ଭାବେ ପ୍ରସୁତି ହେଲେ ଚିକିତ୍ସାଳୟ ପ୍ରସୁତି ବିଭାଗର ନର୍ସ ମାନଙ୍କ ଉପସ୍ଥିତିରେ ପ୍ରସୁତି କରାଯାଉଛି। କିନ୍ତୁ କେତେକ କ୍ଷେତ୍ରରେ ପ୍ରସୁତିଙ୍କୁ ଅସ୍ତ୍ରପୋଚାର ଆବଶ୍ୟକ ରହିଲେ। ଏହାର ପରଦିନି ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଡାକ୍ତର ମାନେ ପରାମର୍ଶ ଦେଉଛନ୍ତି, ଯଦି ପ୍ରସୁତି ମହିଳାଙ୍କ ପ୍ରସବ କାଳୀନ ପୀଡା ଅସମ୍ଭାଳ ହୁଏ ଏବଂ ପରିବାର ଲୋକ ମାନେ ଡାକ୍ତରଙ୍କୁ ଅନୁରୋଧ କଲେ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରିବା ପାଇଁ ରିଫେର କରିଦେଉଛନ୍ତି। ଏହିପରି ପ୍ରସୁତି ବିଭଗକୁ ଡାକ୍ତର ମାନେ ନିୟମିତ ଦିନ ୯ଟା ପରେ ପ୍ରସୁତି ମହିଳା ଏବଂ ରୋଗିଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଚିକିତ୍ସାଳର ୱାର୍ଡକୁ ଆସୁଥିବା ବେଳେ ୧୨ଟା ପରେ ଆଉ କାହାର ଦେଖାମିଳୁନାହିଁ। ରାତିରେ ମଧ କୌଣସି ଡାକ୍ତର ପ୍ରସୂତି ବିଭାଗରେ ଉପସ୍ଥିତ ରହୁନାହାଁନ୍ତି। କେବଳ ନର୍ସ, ଏଏନଏମ ମାନେ ଉପସ୍ଥିତ ରହିବା ଏବଂ ସେମାନଙ୍କ ଭରସାରେ ପ୍ରସୂତି ପୀଡିତ ମିହିଳା ରୋଗୀମାନେ ଚିକିତ୍ସା ସୁବିଧା ପାଉଛନ୍ତି। ଏହିପରି ପ୍ରସୂତୀଙ୍କ ଅସ୍ତ୍ରପୋଚାର ପାଇଁ ନିଶ୍ଚେତ ବିଶେଷଜ୍ଞ ଡାକ୍ତର ନଥିଲେ ସୁଦ୍ଧା କେତେକ ଡାକ୍ତର ନିଶ୍ଚେତ ବିଭାଗ ପାଇଁ ଡିପ୍ଲୋମା କିମ୍ବା ଅନ୍ୟାନ୍ୟ ପାଠ୍ୟକ୍ରମ ପଢି ଏହି କାର୍ଯ୍ୟକୁ ଦୀର୍ଘବର୍ଷ ଧରି ତୁଲାଉଛନ୍ତି। ବର୍ତ୍ତମାନ ଜୟପୁର ଜିଲ୍ଲା ଚିକିତ୍ସାଳୟରେ ୩ ଜଣ ଡାକ୍ତର ଏହି କାର୍ଯ୍ୟକୁ ତୁଲାଉଛନ୍ତି। କିନ୍ତୁ କେତେକ ସ୍ଥଳେ ନିଶ୍ଚେତ ଡାକ୍ତର ନଥିବା ଆଳ ଦେଖାଇ ମହିଳା ଓ ପ୍ରସୂତି ଡାକ୍ତର ମାନେ ଅସ୍ତ୍ରପୋଚାରକୁ ଜାଣିଶୁଣି ଏଡାଇ ଦେଇ ପ୍ରସୂତି ପୀଡିତ ମାନଙ୍କୁ ଏକପ୍ରକାର ହଇରାଣ କରୁଥିବା ନେଇ ଅଭିଯୋଗ ହେଉଛି। ଜୟପୁର ଜିଲ୍ଲା ଚିକିତ୍ସାଳୟ ଉପରେ ଜୟପୁର ଉପଖଣ୍ଡର ୫ଟି ବ୍ଲକ ସମେତ ପଡୋଶୀ ଜିଲ୍ଲାର ପ୍ରସୂତି ପୀଡିତ ନିର୍ଭର କରୁଥିବା ବେଳେ ଜିଲ୍ଲା ଚିକିତ୍ସାଳୟର ପ୍ରସୂତି ବିଭାଗର ମନୁଷ୍ୟାକୃତ ଅବ୍ୟବସ୍ଥାର ତୁରନ୍ତ ସମାଧାନ ପାଇଁ ସାଧାରଣରେ ଦାବି ହେଉଛି। ଅନ୍ୟପକ୍ଷରେ ପ୍ରସୂତି ବିଭାଗରେ ୫୦ ବେଡ ରହିଥିଲେ ସୁଦ୍ଧା ଦୈନିକ ବହୁ ପରିମାଣରେ ପ୍ରସୂତି ମହିଳା ପ୍ରସବ ପାଇଁ ଆସୁଥିବା ଯୋଗୁଁ ଛୁଆ ଏବଂ ପ୍ରସୁତି ମାଆ ତଳେ ଶୋଇବାକୁ ଏକ ପ୍ରକାର ବାଧ ହେଉଛନ୍ତି। ଫଳରେ ସେମାନେ କୌଣସି ସଂକ୍ରମଣର ଶୀକାର ହେବାର ମଧ ଭୟ ରହିଛି। ତେଣୁ ଶିଶୁ ଓ ପ୍ରସୂତି ବିଭାଗର ୧୦୦ ବେଡକୁ ବୃଦ୍ଧି କରିବାକୁ ଦାବି ହେଉଥିଲେ ସୁଦ୍ଧା ଏ ନେଇ ସରକାରଙ୍କ ଦୃଷ୍ଟି ଅଢୁଆଳରେ ରହିଛି। ସ୍ତ୍ରୀ ଓ ପ୍ରସୁତି ବିଭାଗର ବିଶେଷଜ୍ଞ ଡାକ୍ତର ମାନେ ଅପରାହ୍ନ ଏବଂ ରାତିରେ ଘରୋଇ କ୍ଲିନିକ ଏବଂ ଅନ୍ୟାନ୍ୟ ଚିକିତ୍ସାଳୟରେ ବ୍ୟସ୍ତ ରହୁଥିବା ଯୋଗୁଁ ଲକ୍ଷାଧିକ ଟଙ୍କା ସରକାରୀ ଦରମା ପାଇ ସାଧାରଣ ଜନତା ଏବଂ ପ୍ରସୂତି ମହିଳା ମାନଙ୍କୁ ଅଣଦେଖା କରୁଛନ୍ତି ବୋଲି ସମାଜସେବୀ କୃଷ୍ଣ କେଶବ ଷଡଙ୍ଗୀ ଅଭିଯୋଗ କରିବା ସହିତ ଏଥିନେଇ ଜିଲ୍ଲା ମୁଖ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି କହିଛନ୍ତି। ଏହି ବିଷୟରେ ଜିଲ୍ଲା ଚିକିତ୍ସାଳୟ ଅଧିକ୍ଷକ ଡା. ରଥ କହିଛନ୍ତି ଯେ, ପୂର୍ବାହ୍ନ ଅଧିକାଂଶ ପ୍ରସୂତିଙ୍କ ଅସ୍ତ୍ରପୋଚାର କରାଯାଉଛି। କିନ୍ତୁ ଜରୁରୀକାଳୀନ ପରିସ୍ଥିତି, ଅପରାହ୍ନ କିମ୍ବା ରାତିରେ ମଧ ଏଠାରେ ଅସ୍ତ୍ରପୋଚାର କରାଯାଉଛି ବୋଲି କହିଛନ୍ତି। ସେହିପରି ଶିଶୁ ଓ ପ୍ରସୂତି ବିଭାଗର ବେଡ୍ ସଂଖ୍ୟା ବୃଦ୍ଧି କରିବା ଆବଶ୍ୟକ ଅନୁଯାୟୀ ସରକାର ନିଷ୍ପତି ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି।

## ମୋବାଇଲକୁ ଲିଙ୍କ୍ ଆସି ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ

ଡାବୁଗାଁ, ୨୬।୨(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅଞ୍ଚଳରେ ବ୍ୟାଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଗାଏବ ହେବା ନେଇ ଗୁରୁବାର ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ, ରାୟଗଡ଼ା ଜିଲ୍ଲା ସଦର ମହକୁମାସ୍ଥିତ କସ୍ତୁରୀନଗର ସାହିର ଶ୍ରୀନିବାସ ରାଓଙ୍କର ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସଦରମହକୁମା ଠାରେ ଏକ ସରକାରୀ ବିଦେଶୀ ମଦ ଦୋକାନ ରହିଛି । ଉକ୍ତ ମଦ ଦୋକାନ ନାମରେ ଡାବୁଗାଁ ଭାରତୀୟ ଷ୍ଟେଟ ବ୍ୟାଙ୍କରେ ଏକ ଖାତା ରହିଛି । ଜାନୁଆରୀ ୨୪ ତାରିଖ ଦିନ ଶ୍ରୀନିବାସଙ୍କ ମୋବାଇଲକୁ ସିବିଡିସି ନାମରେ ଏକ ମେସେଜ ଆସିଥିଲା । ଉକ୍ତ ମେସେଜ ତଳେ ଥିବା ଏକ ଲିଙ୍କକୁ କ୍ଲିକ କରିବା ପାଇଁ ନିର୍ଦ୍ଦେଶ ଥିଲା । ମେସେଜ୍ ଦେଖିବା ପରେ ଶ୍ରୀନିବାସ ଉକ୍ତ ଲିଙ୍କ ଉପରେ କ୍ଲିକ କରିଥିଲେ । କ୍ଲିକ କରିବା ପରେ ଓଟିପି ଆସିଥିଲା ଓ ଓଟିପି ଦେବା ପରେ ୨୪ ତାରିଖ ଦିନ ୨୫ ହଜାର ଟଙ୍କା, ୨୭ ତାରିଖ ଦିନ ୨୫ ହଜାର, ୨୮ ତାରିଖ ଦିନ ୨୫ ହଜାର ଓ ୩୦ ତାରିଖ ଦିନ ୫୦ ହଜାର ଟଙ୍କାକୁ ମିଶାଇ ମୋଟ ୧ଲକ୍ଷ ୨୫ ହଜାର ଟଙ୍କା ଉକ୍ତ ଏସବିଆଇ ଆକାଉଣ୍ଟରୁ କଟିଯାଇଛି । ଏହା ଜାଣିବା ପରେ ଶ୍ରୀନିବାସ ଗୁରୁବାର ଡାବୁଗାଁ ଆସି ବ୍ୟାଙ୍କକୁ ଯାଇ ବୁଝା ବୁଝି କରି ଜାଣିଥିଲେ ଯେ ସେ ସାଇବର ଠକାମୀର ଶିକାର ହୋଇଛନ୍ତି । ଏହାପରେ ଶ୍ରୀନିବାସ ଡାବୁଗାଁ ଥାନାରେ ଏତଲା ଦେଇଥିଲେ । ଉକ୍ତ ଏତଲାକୁ ଭିତ୍ତି କରି ଥାନା କେସ ନଂ ୩୮/୨୬ ରେ ଏକ ମାମଲା ରୁଜୁ କରାଯାଇଛି । ଥାନା ଆଇଆଇସି ରଘୁନାଥ ମାଝି ଘଟଣାର ତଦନ୍ତ କରୁଛନ୍ତି।

## ଉତ୍କଳ ସମ୍ମିଳନୀ ରାଜ୍ୟସଭାପତିଙ୍କ କୋଟିଆ ଗସ୍ତ

ଜୟପୁର,୨୬ ।୨(ସମିସ): ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ସୀମାରେ ବିବାଦୀୟ କୋଟିଆ ଗ୍ରାମପଞ୍ଚାୟତ ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଅଦିତ୍ୟ ପ୍ରସାଦ ପାଢୀ ଗସ୍ତ କରିଛନ୍ତି। ରାଜ୍ୟ ସଭାପତି ନବରଙ୍ଗପୁର ଓ ମାଲକାନଗିରି ଗସ୍ତରେ ଆସିଥିବା ବେଳେ ଗତକାଲି ସେ କୋଟିଆ ଗସ୍ତ କରିଥିଲେ । ଏଥିରେ ୨୦ ଜଣିଆ ଦଳ ସହିତ ଜିଲ୍ଲା ଶାଖା ସଭାପତି ମଦନ ମୋହନ ନାୟକ, ରାଜ୍ୟ ସଦସ୍ୟ ବୀରେନ ମୋହନ ପଟ୍ଟନାୟକ ଓ ଜିଲ୍ଲା ସମ୍ପାଦକ ନବୀନ ମାଦଲା ଯୋଗ ଦେଇଥିଲେ। ଏହିପରି ଆନ୍ଧ୍ରପ୍ରଦେଶର ସରକାରୀ କର୍ମଚାରୀ ଏବଂ ଉଚ୍ଚପଦସ୍ଥ ଅଧିକାରୀ ମାନେ କୋଟିଆ ଗ୍ରାମପଞ୍ଚାୟତରେ ପ୍ରବେଶ କରିବା ସହିତ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଓଡିଶାର ବିଦ୍ୟାଳୟ, ଥାନା ଓ ସରକାରୀ କାର୍ଯ୍ୟାଳୟ ଗୁଡିକ ରହିଥିବା ବେଳେ କୋଟିଆବାସୀଙ୍କୁ ପ୍ରଲୋଭନ ଦେଖାଇ ଓଡିଶା ଭାଷାକୁ ଅଗ୍ରାଧିକାର ନ ଦେଇ ତେଲୁଗୁ ଭାଷା ପ୍ରତି ଆଗ୍ରହ କରିବାକୁ ବାଧ କରାଉଛନ୍ତି। ଉତ୍କଳ ସମ୍ମିଳନୀ ପକ୍ଷରୁ ଏନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସଭାପତି ଶ୍ରୀ ପାଢୀ ପ୍ରକାଶ କରିଛନ୍ତି।

■ ଜୟପୁର ଜିଲ୍ଲା ଦାବି

## ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ କାର୍ଯ୍ୟାନୁଷ୍ଠାନ କମିଟି




ଜୟପୁର,୨୬ ।୨(ସମିସ): ଜୟପୁର ଉପଖଣ୍ଡକୁ ଜିଲ୍ଲାର ମାନ୍ୟତା ପ୍ରଦାନ ଦାବି ନେଇ ଗଠିତ କାର୍ଯ୍ୟାନୁଷ୍ଠାନ କମିଟିର ଏକ ୧୫ ଜଣିଆ ଦଳର ଭୁବନେଶ୍ୱର ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ଏବଂ ରାଜସ୍ୱମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜୟପୁର, ବୋରିଗୁମ୍ମା, କୁନ୍ଦୁରା, କୋଟପାଡ, ବୋରିଗୁମ୍ମା ବ୍ଲକର ବିଭିନ୍ନ ବର୍ଗର ନାଗରିକଙ୍କୁ ନେଇ ଗଠିତ ଏହି ଦଳ ଆଜି ଭୁବନେଶ୍ୱର ଠାରେ ପୂର୍ବାହ୍ନରେ ପହଞ୍ଚିବା ପରେ ଲୋଏର ପିଏମଜି ଛକ ଠାରେ ଜୟପୁରୁ ଜିଲ୍ଲା ଦାବି ନେଇ ହାତରେ ପ୍ଲାଗକାର୍ଡ ଧରି ଧାରଣା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇ ତାଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଏବଂ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗୀୟ ମନ୍ତ୍ରୀ ସୁରେଶ ଚନ୍ଦ୍ର ପୂଜାରୀଙ୍କୁ ତାଙ୍କ ସରକାରୀ ବାସଭବନରେ ସାକ୍ଷାତ କରିବା ସହିତ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବିପତ୍ରରେ ଜୟପୁର ଉପଖଣ୍ଡର ୫ଟି ବ୍ଲକ ସମେତ ଜୟପୁର ସହରର ସହିତ ସାମାଜିକ, ପାରିବାରିକ ଏବଂ ଐତିହାସିକ ଭାବେ ଜଡିତ ନନ୍ଦପୁର ଏବଂ ଲମତାପୁଟ ବ୍ଲକକୁ ସମୁଦାୟ ୭ଟି ବ୍ଲକକୁ ନେଇ ନୂତନ ଜୟପୁର ଜିଲ୍ଲା ଗଠନ ନେଇ ଉଲ୍ଲେଖ କରାଯାଇଛି। ଏହି ଦାବିପତ୍ରକୁ ନେଇ ମନ୍ତ୍ରୀ ଶ୍ରୀ ପୂଜାରୀ ନୂତନ ଜିଲ୍ଲା ଗଠନ ପ୍ରତି ଶୀଘ୍ର ବିଚାର କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ଦାବି କାର୍ଯ୍ୟାନୁଷ୍ଠାନ କମିଟିର ବୁଲୁ ଦେବଶର୍ମା, ଗୁପ୍ତ ପ୍ରସାଦ ପାଣିଗ୍ରାହୀ, ଚନ୍ଦ୍ର ଶଗରିଆ, ତ୍ରିନାଥ ସମରଥ, ଅନ୍ତହରି ଜାନୀ, ବନ୍ଧୁ ଦୁରୁଆ, କମଲୁ ଦୁରୁଆ, ଯୁଗଳ ମାଝି, ଖଗବଡପାଡିଆ, କମଲୁ ଜାନୀ, ସନସାଇ ଭୂମିଆ, ସନମୁଖା ଶ୍ରୀନୁ, ପ୍ରକାଶ ମିଶ୍ର, ଆନନ୍ଦ ମିଶ୍ର, ସତୀଶ ନନ୍ଦ ଓ ସଦ୍ଧାର୍ଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଲକ୍ଷ୍ମୀ ମନ୍ଦିରରେ ସୁଦଶା ବ୍ରତ ପାଳନ କଲେ ମହିଳା



କୋଷାଗୁମୁଡା, ୨୬।୨ (ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ସଦର ମହକୁମାର ମହାଲକ୍ଷ୍ମୀ ମନ୍ଦିରରେ ଆଜି ପବିତ୍ର ସୁଦାଶା ବ୍ରତ ସ୍ଥାନୀୟ ମହିଳା ମାନେ ପାଳନ କରିଛନ୍ତି। ପଦ୍ମ ପୁରାଣ ଅନୁସାରେ, ଯେକୌଣସି ମାସର ଶୁକ୍ଳପକ୍ଷ ଦଶମୀ ଗୁରୁବାରରେ ପଡିଲେ ସୁଦଶା ବ୍ରତ ପାଳନ ହୁଏ। ଏ ବ୍ରତ ଥରେ ଆରମ୍ଭ କଲେ ଆଜୀବନ କରିବାକୁ ହୁଏ। ଦଶହାତ ମାପର ସୂତାକୁ ତ୍ରିଗୁଣ ବା ତିନିଖିଅ କରି ବଳି, ଏହି ବ୍ରତ ପ୍ରସ୍ତୁତ କରାଯାଏ। ପ୍ରଥମେ ଧଳାବ୍ରତକୁ ହଳଦୀ ପାଣିରେ ବୁଡ଼ାଯାଇ ସେଥିରେ ୧୦ଟି ଗଣ୍ଠି ପକାଯାଇଥାଏ। ଏହାର ପ୍ରତ୍ୟେକ ଗଣ୍ଠିରେ ଲକ୍ଷ୍ମୀଙ୍କ ବିଭିନ୍ନ ନାମ ଉଚ୍ଚାରଣ କରାଯାଏ। ତେବେ ୧୦ଟି ଗଣ୍ଠିର ନାମ ହେଲା, ଲକ୍ଷ୍ମୀ ନାରାୟଣୀ, କମଳିନୀ, ଶ୍ରୀହରିପ୍ରିୟା, ପଦ୍ମାଳୟା, କମଳା, ଚଞ୍ଚଳା, ବିଘ୍ନସେନୀ, ସିନ୍ଧୁର ଦୁଲ୍ଲଣୀ, ଦୁର୍ଗତି ନାଶିନୀ, ବିଷ୍ଣୁ ପାଟରାଣୀ। ସେହି ବ୍ରତକୁ ପରବର୍ତ୍ତୀ ସୁଦଶା ବ୍ରତ ପର୍ଯ୍ୟନ୍ତ ବାହୁରେ ଧାରଣ କରାଯାଏ। ଆଜି ବଡିଭୋରରୁ ଦେବୀ ମହାଲକ୍ଷ୍ମୀଙ୍କ ନୀତି କାନ୍ତ ପୂଜାପଣ୍ଡା ଆରମ୍ଭ କରିଥିଲେ। ଗୁରୁବାର ଦିନ ମହାଲକ୍ଷ୍ମୀଙ୍କ ପବିତ୍ର ସୁଦଶା ବ୍ରତ ପାଳନ କରିବାକୁ କୋଷାଗୁମୁଡା ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା ବ୍ରତ ପୂଜାର୍ଚ୍ଚନା କରି ବ୍ରତ ଡାହାଣ ହାତରେ ପିନ୍ଧିଥିବା ଦେଖିବାକୁ ମିଳିଛି। ସମସ୍ତ ମହିଳା ବ୍ରତ ପାଳନ ଓ ପୂଜାର୍ଚ୍ଚନା କୋଷାଗୁମୁଡା ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଥିବା ଶ୍ରୀ ମହାଲକ୍ଷ୍ମୀଙ୍କ ମନ୍ଦିରରେ କରିଥିଲେ। ସେଭଳି କୋଡ଼ିଙ୍ଗାର ଶ୍ରୀଜଗନ୍ନାଥ ମନ୍ଦିରରେ ମଧ ସ୍ଥାନୀୟ ମହିଳା ସୁଦାଷା ବ୍ରତ ପାଳନ କରିଥିବା ଦେଖିବାକୁ ମିଳିଛି।

## ପୀତବାସ ପଣ୍ଡା ହତ୍ୟା ମାମଲା

# ଆଇସିୟୁରୁ ସିଧା ଜେଲ୍ ଗଲେ ମଳୟ






ବ୍ରହ୍ମପୁର, ୨୬।୨ (ସମିସ): ଗୁରୁତର ଅବସ୍ଥାରେ ମେଡିସିନ ଆଇସିୟୁରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା କର୍ପୋରେଟର ମଳୟ ବିଶୋୟୀଙ୍କୁ ଆଜି ହଠାତ ଜେଲକୁ ସ୍ଥାନାନ୍ତର କରାଯାଇଛି। ଆଇସିୟୁରେ ଥିବା ଜଣେ ରୋଗୀଙ୍କୁ କିଭଳି ତରବରିଆ ଭାବେ ୱାର୍ଡକୁ ନଆଣି ସିଧାସଳଖ ସେପୁଣି ତାଙ୍କ ପରିବାର ବର୍ଗଙ୍କୁ ଡିସଚାର୍ଜ ସମ୍ପର୍କିତ କୌଣସି ସୂଚନା ଦିଆନଯାଇ ଜେଲକୁ ସ୍ଥାନାନ୍ତର କରାଗଲା ତାକୁ ନେଇ ମଳୟଙ୍କ ପତ୍ନୀ ତଥା ପୂର୍ବତନ କର୍ପୋରେଟର ମିନତି ବିଶୋୟୀ ଅସନ୍ତୋଷ ପ୍ରକାଶ କରିଛନ୍ତି। କେବଳ ଅସନ୍ତୋଷ ନୁହେଁ ବରଂ ଅସୁସ୍ଥ ମଳୟଙ୍କର ଜେଲରେ ଯଦି କିଛି ଅସୁବିଧା ହୁଏ ମେଡିକାଲ, ପୁଲିସ ଓ ଜେଲ କର୍ତ୍ତୃପକ୍ଷ ହିଁ ଦାୟୀ ରହିବେ ବୋଲି ସେ ଚେତାବନୀ ଦେଇଛନ୍ତି। ତେବେ ମଳୟଙ୍କ ସ୍ୱାସ୍ଥ୍ୟ କ୍ଲିନିକାଲି ଠିକ ଥିବା ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ସୂଚନା ଦେଇଛନ୍ତି। ସେପଟେ ହାର୍ଣ୍ଣିଆ, ମଳକଣ୍ଟକ ଓ ଗଲବ୍ଲାଡରରେ ଷ୍ଟୋନ ଭଳି ଏକାଧିକ ରୋଗରେ ପୀଡ଼ିତ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଆଜି ପୁଣି ଅସହ୍ୟ ଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖିବାକୁ ମିଳିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବିକ୍ରମଙ୍କ ସର୍ଜରୀ ବା ଅସ୍ତ୍ରୋପଚାର ପାଇଁ ଆବଶ୍ୟକ ରକ୍ତ ନମୂନା ସହିତ ଅଲ୍ଟ୍ରାସାଉଣ୍ଡ, ଏମଆରଆଇ ଓ ସିଟିସ୍କାନ ଆଦି ପରୀକ୍ଷା କରାଯାଇଛି। ବିଭିନ୍ନ ନିଦାନର ରିପୋର୍ଟ ଆସିବା ପରେ ପ୍ରଥମେ କେଉଁ ରୋଗର ସର୍ଜରୀ କରାଯିବ ଡାକ୍ତରଙ୍କ ସହ ପରାମର୍ଶ ପରେ ନିଷ୍ପତ୍ତି ନିଆଯିବ ବୋଲି ଡାକ୍ତରଖାନା ସୂତ୍ରରୁ ଜଣାପଡିଛି।

ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବିକ୍ରମଙ୍କୁ ସାକ୍ଷାତ କରିବା ଉପରେ ଆଜି ପୁଣି ପୁଲିସ ପକ୍ଷରୁ କଟକଣା ଜାରି କରାଯାଇଥିବା ଦେଖିବାକୁ ମିଳିଛି। ପୂର୍ବରୁ ଯଦିଓ ଜେଲ କର୍ତ୍ତୃପକ୍ଷ ବିକ୍ରମଙ୍କ ପତ୍ନୀଙ୍କୁ ଓ ତାଙ୍କ ଅନୁପସ୍ଥିତିରେ ପରିବାର ସଦସ୍ୟଙ୍କୁ ଅନୁମତି ପ୍ରଦାନ କରିଥିଲେ ତେବେ ଆଜି ପୁଲିସ ପକ୍ଷରୁ ପତ୍ନୀଙ୍କୁ ଦୈନିକ କେବଳ ଘଣ୍ଟାଏ ଏବଂ ଓକିଲଙ୍କୁ ମାତ୍ର ୩୦ମିନିଟ ପାଇଁ ଅନୁମତି ଦେଇଥିବା ଜଣାପଡ଼ିଛି। ଯାହାକୁ ନେଇ ବିକ୍ରମଙ୍କ ଓକିଲ ଦୀପକ ପଟ୍ଟନାୟକ ଆପତ୍ତି ଉଠାଇଛନ୍ତି। ପ୍ରଥମ ଥର ବିକ୍ରମ ଡାକ୍ତରଖାନାରେ ଭର୍ତ୍ତି ହେବା ସମୟରେ କୋର୍ଟଙ୍କ ପକ୍ଷରୁ ଏଭଳି ଏକ ନିର୍ଦ୍ଦେଶ ରହିଥିଲା। ତେବେ ଦ୍ୱିତୀୟ ଥର ପାଇଁ କୋର୍ଟଙ୍କ ପକ୍ଷରୁ ସେଭଳି କିଛି ନିର୍ଦ୍ଦେଶନାମା ନଥିବା ବେଳେ ପୂର୍ବ ନିର୍ଦ୍ଦେଶନାମାକୁ ପୁଲିସ କାର୍ଯ୍ୟକାରୀ କରିବାକୁ ଚାହୁଁଥିବାରୁ ଏହାକୁ ଆଇନଜୀବୀ ଦୀପକ ପଟ୍ଟନାୟକ ପ୍ରତିବାଦ କରିଥିଲେ। ବିକ୍ରମଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ଥିବା ବେଳେ ତାଙ୍କ ନିକଟରେ ପାଣି କିମ୍ବା ଔଷଧ ଅଥବା କିଛି ଖାଇବାକୁ ଦେବାକୁ କେହି ନଥିଲେ ସମସ୍ୟା ହେଉଥିବା ସେ ଅଭିଯୋଗ କରି କଟକଣାକୁ କୋହଳ କରିବାକୁ ଯୁକ୍ତି ରଖିଥିଲେ। ଏଭଳି ସ୍ଥିତିରେ ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ବିକ୍ରମଙ୍କୁ ମେଡିକାଲରେ ଦୂରରେ ରହି ଦେଖିଛନ୍ତି ପୂର୍ବତନ ସାଂସଦ ତଥା ବିଜେଡି ନେତା ପ୍ରଦୀପ ମାଝି। ମାମଲା ବିଚାରାଧିନ ଥିବା ବେଳେ ବିକ୍ରମଙ୍କ ଭଳି ଜଣେ ରାଜନେତାଙ୍କ ପ୍ରତି ଏଭଳି ଆଚରଣ ଓ ମନୋଭାବ ପୋଷଣ ଆଦୌ ଉଚିତ ନୁହେଁ ବୋଲି କହିଛନ୍ତି ଶ୍ରୀ ମାଝି।

## ଯୁବକଙ୍କ ଅକାଳ ବିୟୋଗ



କୋଷାଗୁମୁଡା,୨୬।୨(ସମିସ): କୋଷାଗୁମୁଡା ମେଡ଼ିକାଲ ଅନ୍ତର୍ଗତ ବଡ ଆମ୍ବଡା ପ୍ରାଥମିକ ଚିକିତ୍ସା କେନ୍ଦ୍ର ଠାରେ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଭାବେ କାର୍ଯ୍ୟରତ କୁନୁଙ୍କର ପରଲୋକ ହୋଇଯାଇଛି। ସେ ରକ୍ତ ଶିକୁଳି ରୋଗରେ ପୀଡ଼ିତ ଥିଲେ। ଜଣେ ବନ୍ଧୁ ବିବାହ ଉତ୍ସବରେ ଯୋଗ ଦେବା ପାଇଁ ସେ ନୟାଗଡ଼ ଯାଇଥିବା ବେଳେ ହଠାତ୍ ତାଙ୍କ ପେଟ ବ୍ୟଥା ହୋଇଥିଲା। ତୁରନ୍ତ ସାଥିରେ ଯାଇଥିବା ସହଯୋଗୀ ବନ୍ଧୁ ମାନେ ନୟାଗଡ଼ ମେଡ଼ିକାଲରେ ତାଙ୍କୁ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ଭୁବନେଶ୍ୱର ହସ୍ପିଟାଲକୁ ରେଫର କରିଥିଲେ। ଭୁବନେଶ୍ୱରରେ ଚିକିତ୍ସାରେ ଟିକେ ଭଲ ହେବା ପରେ ତାଙ୍କ ଭାଇ ତାଙ୍କୁ ଗାଁକୁ ନେଇଥିଲେ। ଗାଁରେ ପୁଣି ଦେହ ଖରାପ ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସିତ ଅବସ୍ଥାରେ ଆଜି କୁନୁଙ୍କ ମୃତ୍ୟୁ ହୋଇଛି। ଏହି ଦୁଃଖଦ ଖବର କୋଷାଗୁମୁଡା ଅଞ୍ଚଳରେ ଦୁଃଖଦ ପରିସ୍ଥିତି ସୃଷ୍ଟି କରିଛି। ମୃତ୍ୟୁ ବେଳେକୁ ତାଙ୍କ ବୟସ ମାତ୍ର ୩୮ ବର୍ଷ ହୋଇଥିଲା ।

## ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ମୃତ ମାଟ୍ରିକ୍ ପରୀକ୍ଷାର୍ଥିନୀଙ୍କ ପରିବାର



ବ୍ରହ୍ମପୁର,୨୬।୨(ସମିସ): ଇଂରାଜୀ ପରୀକ୍ଷା ସରିବା ପରେ ଘରକୁ ଫେରି ଆତ୍ମହତ୍ୟା କରିଥିବା ମାଟ୍ରିକ ଛାତ୍ରୀ ଶ୍ରୀୟା ସାହୁଙ୍କ ପରିବାର ଲୋକେ ନ୍ୟାୟ ପାଇଁ ବ୍ରହ୍ମପୁର ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପରୀକ୍ଷା କେନ୍ଦ୍ରରେ ମାନସିକ ନିର୍ଯାତନା ଯୋଗୁ ଶ୍ରୀୟା ଆତ୍ମହତ୍ୟା କଲେ ବୋଲି ଅଭିଯୋଗ କରିବା ସହ ସେ ଦିଗରେ ତଦନ୍ତ ପାଇଁ ଅନୁରୋଧ କରିଛନ୍ତି। ଆଇନଜୀବୀ ପ୍ରଦୀପ ବେହେରାଙ୍କ ସହ ମୃତ ଛାତ୍ରୀଙ୍କ ପରିବାର ଏସ୍‌ପିଙ୍କୁ ଭେଟି ତଦନ୍ତ କରି ଦାବି କରିଛନ୍ତି। ଶ୍ରୀରାମନଗର ୩ୟ ଲାଇନର କାଳିଆ ସାହୁଙ୍କ ଝିଅ ଶ୍ରୀୟା ମ୍ୟୁନିସିପାଲଟି ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ପଢୁଥିବା ବେଳେ ଭିଭିଗିରି ବାଳିକ ଉଚ୍ଚ ବିଦ୍ୟାଳୟରେ ତାଙ୍କ ପରୀକ୍ଷା କେନ୍ଦ୍ର ପଡ଼ିଥିଲା। ଇଂରାଜୀ ପରୀକ୍ଷା ଦିନ ଶ୍ରୀୟା କପି କରୁଥିବା ବେଳେ ଜଣେ ଶିକ୍ଷୟିତ୍ରୀ ତାଙ୍କୁ ଧରି ନେଇଥିଲେ। ସଂପୃକ୍ତ ଶିକ୍ଷୟିତ୍ରୀ ଜଣଙ୍କ ତାଙ୍କୁ ବିଭିନ୍ନ ପ୍ରକାର ତାଗିତ କରିଥିଲେ। ହେଲେ ପରୀକ୍ଷାରୁ ଫେରିବା ପରେ ଘରେ କେହି ନଥିବାର ସୁଯୋଗ ନେଇ ଶ୍ରୀୟା ବେକରେ ଚୁନି ବାନ୍ଧି ଆତ୍ମହତ୍ୟା କରି ଦେଇଥିଲେ।

# ସୁଦଶା ବ୍ରତ ପାଳନ ନେଇ ଶ୍ରୀଜଗନ୍ନାଥ ମନ୍ଦିରରେ ଭିଡ଼



ନବରଙ୍ଗପୁର,୨୬।୨(ସମିସ): ପବିତ୍ର ଫାଲଗୁନ ଶୁକ୍ଳ ଦଶମୀ ତିଥି ଅବସରରେ ନବରଙ୍ଗପୁର ଜିଲ୍ଲାର ସର୍ବ ପୁରାତନ ତଥା ସହର ଉପକଣ୍ଠରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଥିବା ମହାଲକ୍ଷ୍ମୀ ମନ୍ଦିରରେ ଗୁରୁବାର ସୁଦଶା ବ୍ରତ ନୀତି ପାଳନ ହୋଇଯାଇଛି। ଏହି ଅବସରରେ ଆଜି ବଡି ଭୋରରୁ ମନ୍ଦିରରେ ଲାଗିଛି ମହିଳାଙ୍କ ଭିଡ। ଆଜି ବଡ଼ିଭୋରରୁ ମନ୍ଦିର ପହଡ଼ ଖୋଲାଯିବା ପରେ ପ୍ରଥମେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ସରିବା ପରେ ଆରମ୍ଭ ହୋଇଥିଲା ମହାପ୍ରଭୁ ଶ୍ରୀ ଜଗନ୍ନାଥ ମନ୍ଦିର ଏବଂ ମହାଲକ୍ଷ୍ମୀ ମନ୍ଦିରରେ ଆରମ୍ଭ ହୋଇଥିଲା ସୁଦଶା ବ୍ରତ ନୀତି କାନ୍ତି। ଏହି ପୂଜା ନୀତି ଆରମ୍ଭ ହେବା ପରେ ମନ୍ଦିରରେ ଧୀରେ ଧୀରେ ବଢିଥିଲା ସୁଦଶା ବ୍ରତଧାରୀ ମହିଳାଙ୍କ ଭିଡ । ଚଳିତ ବର୍ଷ ଶତାଧିକ ମହିଳାଙ୍କ ଭିଡ ଯୋଗୁଁ ପ୍ରାୟ ମଧ୍ୟାହ୍ନ ୨ଘଣ୍ଟା ପର୍ଯ୍ୟନ୍ତ ଚାଲିଥିଲା ବ୍ରତଧାରୀଙ୍କ ପୂଜା ନୀତି। ଏହାପରେ ପହଡ଼ ପଡ଼ିଥିଲା । ପୁଣି ସନ୍ଧ୍ୟା ୫ ଘଣ୍ଟ ସମୟରେ ମନ୍ଦିର ଖୋଲାଯାଇ ପ୍ରଥମେ ସନ୍ଧ୍ୟା ଆରତୀ କରାଯାଇଥିଲା ଏବଂ ଏହାପରେ ପୁଣି ପୂଜା ନୀତି ଆରମ୍ଭ କରାଯାଇ ସମସ୍ତ ନୀତି ସରିବା ପରେ ରାତ୍ର ପହଡ଼ ପଡ଼ିଥିଲା। ଆଜିର ଏହି ପୂଜା ନୀତି ସମୟରେ ସେଇ ଜଗନ୍ନାଥ ନୀତି ପରିଚାଳନା ନିଯୋଗ ମୁଖ୍ୟ ଉପଦେଷ୍ଟା ତଥା ରାଜପୁରୋହିତ ନରସିଂହ ନାଥ ତ୍ରିପାଠୀ, ଶ୍ରୀଜଗନ୍ନାଥ ମନ୍ଦିର ପୂଜକ ସେଶ ଦେବ ବ୍ରହ୍ମା, ଜଗନ୍ନାଥ ବ୍ରହ୍ମା, ମହାଲକ୍ଷ୍ମୀ ମନ୍ଦିର ପୂଜକ ରବୀନ୍ଦ୍ର ଶତପଥୀ , ସୁଧୀର ଶତପଥୀଙ୍କ ସମେତ ଶ୍ରୀ ଜଗନ୍ନାଥ ମନ୍ଦିର ନୀତି ପରିଚାଳନା ନିଯୋଗ ସଭାପତି ନରେଶ ତ୍ରିପାଠୀ, ଉପ ସଭାପତି ଦୁର୍ଗା ତ୍ରିପାଠୀ, ସମ୍ପାଦକ କୁନା ପାତ୍ର, କୋଷାଧକ୍ଷ ଭବାନୀ ଶତପଥୀ, ରାଜେନ୍ଦ୍ର ତ୍ରିପାଠୀ, ସୁମିତ ପାଳ, ଅମିତ୍ ହଡ଼ପ, ତ୍ରିପତି ସ୍ୱାଇଁ ପ୍ରମୁଖଙ୍କ ସମେତ ନିଯୋଗର ବହୁ ସଦସ୍ୟ ଯୋଗ ଦେଇଥିଲେ।

# ‘ଦି କେରଳ ଷ୍ଟୋରୀ-୨’କୁ ଝଟ୍‌କା

କୋଚି, ୨୬।୨(ଏଜେନ୍ସି): କେରଳ ହାଇକୋର୍ଟ ବିବାଦୀୟ ଚଳଚ୍ଚିତ୍ର ‘ଦି କେରଳ ଷ୍ଟୋରୀ-୨’ର ମୁକ୍ତିଲାଭ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ଆସନ୍ତାକାଲି ଅର୍ଥାତ ଫେବୃଆରୀ ୨୭ରେ ଏହି ସିନେମା ମୁକ୍ତିଲାଭ କରିବାର କାର୍ଯ୍ୟକ୍ରମ ଥିଲା। ଫଳରେ କୋର୍ଟଙ୍କ ଏହି ନିଷ୍ପତ୍ତି ନିର୍ମାତାଙ୍କ ପାଇଁ ଏକ ବଡ଼ ଝଟ୍‌କା ସଦୃଶ ହୋଇଛି। ସେନସର ବୋର୍ଡ ଏହି ସିନେମାକୁ ଦେଇଥିବା ପ୍ରମାଣପତ୍ରକୁ ଚ୍ୟାଲେଞ୍ଜ୍ କରି ଆଗତ ଆବେଦନର ଶୁଣାଣି ସମୟରେ କୋର୍ଟ ଏହି ନିଷ୍ପତ୍ତି ନେଇଛନ୍ତି। ଜଷ୍ଟିସ୍

**ରିଲିଜ ଉପରେ ସ୍ଥଗିତାଦେଶ ଜାରି କଲେ ହାଇକୋର୍ଟ**



ବେଚୁ କୁରିୟାନ ଥୋମାସଙ୍କ ଜଣକିଆ ଖଣ୍ଡପୀଠ କହିଛନ୍ତି ଯେ, ସେନସର ବୋର୍ଡ ଏହି ଚଳଚ୍ଚିତ୍ରକୁ ଅନୁମତି ଦେବା ସମୟରେ ନିଜର ବୁଦ୍ଧି ବ୍ୟବହାର କରି ନ ଥିବା ମନେ ହେଉଛି। ଆବେଦନକାରୀଙ୍କ ଚିନ୍ତା ବାସ୍ତବରେ ଯଥାର୍ଥ ବୋଲି କୋର୍ଟ ଅନୁଭବ କରିଛନ୍ତି। ବିପୁଲ ଅମୃତଲାଲ ଶାହଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରରେ ଦାବି କରାଯାଇଛି ଯେ ହିନ୍ଦୁ ଯୁବତୀଙ୍କୁ ପ୍ରଲୋଭିତ କରି ଅନ୍ୟ ଧର୍ମରେ ବିବାହ କରାଯାଉଛି ଓ ପରେ ସେମାନଙ୍କୁ ନିର୍ଯାତନା ଦେଇ ଜବରଦସ୍ତି ଇସଲାମ ଧର୍ମ ଗ୍ରହଣ କରାଯାଉଛି।


# ଇନଷ୍ଟାଗ୍ରାମ୍‌ରେ ମୋଦୀଙ୍କର ୧୦ କୋଟି ଫଲୋଅର୍ସ

ନୂଆଦିଲ୍ଲୀ, ୨୬।୨(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ୍‌ରେ ୧୦୦ ମିଲିୟନ ଅର୍ଥାତ ୧୦ କୋଟି ଫଲୋଅର୍ସ ଅତିକ୍ରମ କରିଛନ୍ତି। ଏହି ମାଇଲଖୁଣ୍ଟ ଛୁଇଁବାରେ ସେ ବିଶ୍ୱର ପ୍ରଥମ ରାଜନେତା ଓ ଜନନେତା ହୋଇଛନ୍ତି। ୨୦୧୪ରେ ମୋଦୀ ଇନଷ୍ଟାଗ୍ରାମ୍‌ରେ ଯୋଗ ଦେଇଥିଲେ। ଇନଷ୍ଟାଗ୍ରାମ୍‌ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ତୁଳନାରେ ମୋଦୀଙ୍କର ଦୁଇଗୁଣାରୁ ଅଧିକ ଫଲୋଅର୍ସ ଅଛନ୍ତି। ବିଶ୍ୱର ୫ ରାଷ୍ଟ୍ରନେତାଙ୍କ ସମୁଦାୟ ଫଲୋଅର୍ସ ସଂଖ୍ୟା ମୋଦୀଙ୍କଠାରୁ ଯଥେଷ୍ଟ କମ୍ ରହିଛି। ଟ୍ରମ୍ପଙ୍କ ୪୩.୨ ନିୟୁତ, ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋଭା ସୁବିଆଣ୍ଟୋଙ୍କର ୧୫ ନିୟୁତ, ବ୍ରାଜିଲ ରାଷ୍ଟ୍ରପତି ଲୁଲା ଡି ସିଲଭାଙ୍କର ୧୪.୪ ନିୟୁତ ଓ ତୁର୍କୀ ରାଷ୍ଟ୍ରପତି ରେସେପ ଦୟିସ୍ ଏର୍ଦୋଗାନଙ୍କର ୧୧.୬ ମିଲିୟନ ଫଲୋଅର୍ସ ଇଷ୍ଟାଗ୍ରାମରେ ରହିଛନ୍ତି।

# ଇରାନ ଆତଙ୍କବାଦର ସର୍ବବୃହତ୍ ଗଡ଼: ଆମେରିକା ଉପରାଷ୍ଟ୍ରପତି

ନ୍ୟୁୟର୍କ, ୨୬।୨(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକାର ଯୁଦ୍ଧ ଜାହଜ ଓ ସୈନ୍ୟ ମୁତୟନ ମଧ୍ୟରେ ଉପ- ରାଷ୍ଟ୍ରପତି ଜେଡି ଭାନ୍ସ ଇରାନକୁ ଏକ କଡ଼ା ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ ଆମେରିକା କୂଟନୀତିକୁ ଦୁର୍ବଳ ବୋଲି ଭାବିବା ଅନୁଚିତ ଏବଂ ଆବଶ୍ୟକ ପଡ଼ିଲେ ସାମରିକ ବିକଳ୍ପ ମଧ୍ୟ ବ୍ୟବହାର କରାଯିବ। ଫକ୍ସ ନ୍ୟୁଜ୍ ସହ କଥା ହେବା ବେଳେ ଭାନ୍ସ କହିଛନ୍ତି, ଆମକୁ ଏପରି ଏକ ସ୍ଥିତିରେ ବଞ୍ଚିବାକୁ ହେବ ଯେଉଁଠାରେ ଇରାନ, ଯେକି ବିଶ୍ୱ ଆତଙ୍କବାଦ୍‌ର ସବୁଠାର ବଡ଼ ଗଡ଼। ଇରାନ ପରମାଣୁ ଆତଙ୍କବାଦ୍ ମାଧ୍ୟମରେ ବିଶ୍ୱକୁ ଭୟଭୀତ କରିପାରିବ ନାହିଁ। ଏହି ପାଗଳ, କ୍ରୂର ଓ ବିଶ୍ୱର ସବୁଠାରୁ ବିପଜ୍ଜନକ ଶାସନକୁ ପରମାଣୁ ଅସ୍ତ୍ର ରଖିବାକୁ ଅନୁମିତ ଦିଆଯାଇ ପାରିବ ନାହିଁ। ସେ ଆହୁରି ମଧ କହିଛନ୍ତି ଯେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କୂଟନୈତିକ ସମାଧାନ ଚାହୁଁଛନ୍ତି, କିନ୍ତୁ ତାଙ୍କ ପାଖରେ ଅନ୍ୟ ବିକଳ୍ପ ମଧ ରହିଛି ଏବଂ ସେଗୁଡିକୁ ସେ ବ୍ୟବହାର କରିବାକୁ ପ୍ରସ୍ତୁତ ଅଛନ୍ତି। ଇରାନକୁ ପରମାଣୁ ଅସ୍ତ୍ର ହାସଲ କରିବାରୁ ରୋକିବା ପାଇଁ ଅନ୍ତିମ ନିଷ୍ପତ୍ତି ଟ୍ରମ୍ପ ନେବେ ବୋଲି ସେ କହିଛନ୍ତି।

# ରଶ୍ମିକାଙ୍କ ହାତ ଧରିଲେ ବିଜୟ



ଉଦୟପୁର, ୨୬।୨(ଏଜେନ୍ସି): ଦକ୍ଷିଣ ଭାରତୀୟ ସିନେମାର ଦୁଇ ଲୋକପ୍ରିୟଯୋଡ଼ି ରଶ୍ମିକା ମନ୍ଧାନା ଓ ବିଜୟଦେବରକୋଣ୍ଡା ଗୁରୁବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଦୀର୍ଘଦିନର ପ୍ରେମ ସମ୍ପର୍କ ପରେ ରାଜସ୍ଥାନର ଉଦୟପୁରରେ ଦୁହେଁ ଏକ ପାରମ୍ପରିକ ଉତ୍ସବରେ ପରସ୍ପରକୁ ନିଜର ଜୀବନ ସାଥୀ ରୂପେ ଗ୍ରହଣ କରିଛନ୍ତି। ଏହି ତାରକା ଯୋଡ଼ି ଉଭୟ ତେଲୁଗୁ ଓ କୋଡ଼ଭା ପରମ୍ପରା ଅନୁଯାୟୀ ଦୁଇଟି ପୃଥକ ବିବାହ ସମ୍ପନ୍ନ କରିଛନ୍ତି। ନିଜ ପ୍ରଶଂସକଙ୍କ ଦ୍ୱାରା ଦିଆଯାଇଥିବା ନାମକୁ ସମ୍ମାନ ଜଣାଇ ସେମାନେ ନିଜର ଏହି ମିଳନକୁ ‘ଦି ୱେଡିଂ ଅଫ୍ ଭିରୋଶ’ ବୋଲି ନାମିତ କରିଛନ୍ତି।

# ଆମେରିକା ଆମ୍ବାସାଡ଼ରଙ୍କୁ ନିଷିଦ୍ଧ କଲା ଫ୍ରାନ୍ସ

ପ୍ୟାରିସ, ୨୬।୨ (ଏଜେନ୍ସି): ଆମେରିକା ଏବଂ ଫ୍ରାନ୍ସ ମଧ୍ୟରେ ଉତ୍ତେଜନା ଦିନକୁ ଦିନ ବଢ଼ିବାରେ ଲାଗିଛି। ଆମେରିକା ଆମ୍ବାସାଡ଼ର ଚାର୍ଲ୍ସ କୁଶନରଙ୍କୁ କାନାଡ଼ା ନିଷିଦ୍ଧ କରିଦେଇଛି। ଫ୍ରେଞ୍ଚ ଅଧିକାରୀଙ୍କ ସହ କୌଣସି କୂଟନୈତିକ ଆଲୋଚନା କରିବା ନେଇ ତାଙ୍କ ଉପରେ କଟକଣା ଲଗାଇ ଦିଆଯାଇଛି। ଚଳିତ ମାସ ପ୍ରାରମ୍ଭରେ ପ୍ରାଣ ହରାଇଥିବା ଲିୟନର ଦକ୍ଷିଣପନ୍ଥୀ ନେତା କୁଇନଟିନ ଡେରାନକିଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଅନୁପସ୍ଥିତ ରହିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହା ପୂର୍ବରୁ ଆମେରିକାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ କୁଇନଟଙ୍କ ମୃତ୍ୟୁକୁ ନେଇ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଥିଲା। ଫ୍ରାନ୍ସ ସରକାର ହିଂସାତ୍ମକ ମୌଳବାଦୀ ବାମପନ୍ଥୀରେ ସାମିଲ ଥିବା ଅଭିଯୋଗ କରାଯାଇଥିଲା। ଏହାକୁ ନେଇ ଆମେରିକା ଆମ୍ବାସାଡରଙ୍କୁ ସମନ ଜାରି କରି ଉପସ୍ଥିତ ହେବାକୁ କହିଥିଲା।

# ତେଲଙ୍ଗାନାରେ ସଫେଇ କର୍ମୀଙ୍କ ଦରମା ୨ ଲକ୍ଷ, ଇଞ୍ଜିନିୟରଙ୍କ ୭ ଲକ୍ଷ



ହାଇଦରାବାଦ, ୨୬।୨ (ଏଜେନ୍ସି): ସରକାରୀ ଚାକିରିକୁ ନେଇ ଯୁବ ପିଢ଼ିଙ୍କ ମଧ୍ୟରେ ଆଗ୍ରହ ବଢ଼ିବାରେ ଲାଗିଛି। ସବୁଠାରୁ କମ ଶିକ୍ଷା ଯୋଗ୍ୟତା ଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ବାହାରିଲେ ବି ପିଜି, ଡିଗ୍ରୀ, ଇଞ୍ଜିନିୟର, ବିଟେକ ପିଲା ବି ଆବେଦନ କରୁଛନ୍ତି। ଏପରି ସମୟରେ ତେଲଙ୍ଗାନାରୁ ଆଶ୍ଚର୍ଯ୍ୟଜନକ ତଥ୍ୟ ଆସିଛି। ରାଜ୍ୟର ବରିଷ୍ଠ ସରକାରୀ ସଫେଇ କର୍ମଚାରୀ ଆଇଏଏସ ଅଧିକାରୀଙ୍କଠାରୁ ଅଧିକ ଦରମା ପାଉଛନ୍ତି। ଖାଲି ସେତିକି ନୁହେଁ, ରାଜ୍ୟପାଳଙ୍କଠାରୁ ମୁଖ୍ୟ ଇଞ୍ଜିନିୟରଙ୍କ ଦରମା ଅଧିକ ରହିଛି। ସଫେଇ କର୍ମୀ ମାସକୁ ୨ ଲକ୍ଷ ଟଙ୍କା ଲେଖାଏଁ ପାଉଥିବାବେଳେ ଇଞ୍ଜିନିୟରମାନେ ୭ ଲକ୍ଷ ଟଙ୍କା ନେଉଛନ୍ତି। ତେଲଙ୍ଗାନା ମୁଖ୍ୟ ସଚିବ କେ ରାମକୃଷ୍ଣ ରାଓ ଏହି ସୂଚନା ଦେଇଛନ୍ତି। ସେଣ୍ଟର ଫୋର ଇକୋନୋମିକ ଆଣ୍ଡ ସୋସିଆଲ ଷ୍ଟଡିଜ୍ (ସେସ) ପକ୍ଷରୁ ୧୬ତମ ଅର୍ଥ କମିଶନଙ୍କ ସୁପାରିଶ ଉପରେ ବୁଧବାର ଆୟୋଜିତ ଏକ ସମ୍ମିଳନୀରେ ସେ ଏହି ତଥ୍ୟ ଉପସ୍ଥାପନ କରିଥିଲେ।

ରିପୋର୍ଟ ଅନୁଯାୟୀ, ରାଜ୍ୟ ସରକାରଙ୍କ ବଢୁଥିବା ବ୍ୟୟ, ବିଶେଷ କରି ଦରମା ଏବଂ ପ୍ରଶାସନିକ ଖର୍ଚ୍ଚ ଉପରେ ଆଲୋକପାତ କରିବାକୁ ଯାଇ ରାଓ ଏହି ଦରମା ସମ୍ବନ୍ଧୀୟ ବିବରଣୀ ପ୍ରଦାନ କରିଛନ୍ତି। ୨୦୧୪ ମସିହାରେ ତେଲଙ୍ଗାନା ଗଠନ ପରଠାରୁ ସରକାରୀ ବ୍ୟୟରେ ହୋଇଥିବା ଉଲ୍ଲେଖନୀୟ ବୃଦ୍ଧି ଏହାକୁ ଦର୍ଶାଉଛି। ରାଓ କହିଥିଲେ, ୨୦୧୪ ରେ ତେଲଙ୍ଗାନା ଗଠନ ହେବାବେଳେ ରାଜ୍ୟର ମାସିକ ଦରମା ଦେବା ପାଇଁ ୧,୫୦୦ କୋଟି ଟଙ୍କା ଖର୍ଚ୍ଚ ହେଉଥିଲା। ଦରମା ସଂଶୋଧନ,ସିନିଅରିଟି ବେନିଫିଟ୍ ଏବଂ ସରକାରୀ ବିଭାଗଗୁଡ଼ିକର ସମ୍ପ୍ରସାରଣ ଯୋଗୁଁ ବିଗତ ବର୍ଷଗୁଡ଼ିକରେ ଏହି ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇ ୬ ହଜାର କୋଟିରେ ପହଞ୍ଚି ଯାଇଛି। ଏହା ରାଜ୍ୟ ଉପରେ ବଢୁଥିବା ଆର୍ଥିକ ଚାପକୁ ଦର୍ଶାଉଛି। ପ୍ରଥମ ଦେଖାରେ ଏହି ପରିସଂଖ୍ୟାନ ଆଶ୍ଚର୍ଯ୍ୟଜନକ ମନେ ହେଉଥିଲେ ମଧ୍ୟ, ଏହା ମୁଖ୍ୟତଃ ଦୀର୍ଘ ବର୍ଷର ସେବା, ପଦୋନ୍ନତି ଏବଂ ସରକାରଙ୍କ ଦ୍ୱାରା ସମୟ ସମୟରେ କାର୍ଯ୍ୟକାରୀ କରାଯାଉଥିବା ବେତନ ସଂଶୋଧନର ପ୍ରଭାବକୁ ଦର୍ଶାଏ।

ରାଓ କହିଥିଲେ ଯେ ପୌରପାଳିକାରେ ନୂତନ ଭାବେ ଯୋଗ ଦେଇଥିବା କର୍ମଚାରୀମାନେ ମାସକୁ ପ୍ରାୟ ୨୮,୦୦୦ ଟଙ୍କା ଦରମା ପାଆନ୍ତି। ପ୍ରାୟ ୩୦ ବର୍ଷ ହେଲା ସେବା ଦେଉଥିବା ଡ୍ରାଇଭର କିମ୍ବା ସଫେଇ କର୍ମଚାରୀ ଆଦି ମାସକୁ ୧ ଲକ୍ଷ ଟଙ୍କାରୁ ଅଧିକ ଦରମା ପାଉଛନ୍ତି। ବରିଷ୍ଠ ପଦବୀରେ ଥିବା, ବିଶେଷ କରି ଦୀର୍ଘ ଦିନ ଧରି କାର୍ଯ୍ୟ କରୁଥିବା ଝାଡୁଦାର ପଦୋନ୍ନତି ଏବଂ ଅନ୍ୟ ଆନୁସଙ୍ଗିକ ଭତ୍ତା ସହ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପାଉଛନ୍ତି। ସେହିପରି ଶୀର୍ଷ ସ୍ତରର ବୈଷୟିକ ଅଧିକାରୀ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପାଇଥାନ୍ତି।

# ଥମୁନି ଏନ୍‌ସିଇଆରଟି ବିବାଦ

## ଅସନ୍ତୋଷ ପ୍ରକାଶ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୬।୨(ଏଜେନ୍ସି): ଅଷ୍ଟମ ଶ୍ରେଣୀ ଏନ୍‌ସିଇଆରଟି ପାଠ୍ୟପୁସ୍ତକରେ ‘ନ୍ୟାୟପାଳିକାରେ ଦୁର୍ନୀତି’ ଅଧ୍ୟାୟକୁ ନେଇ ଚାଲିଥିବା ବିବାଦ ଏବେ ଗମ୍ଭୀର ରୂପ ନେଇଛି। ବର୍ତ୍ତମାନ ଇସ୍ରାଏଲ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ଗଭୀର ଭାବେ ଚିନ୍ତା ପ୍ରକଟ କରିବା ସହ ଏଥିପାଇଁ ଦାୟୀ ଅଧିକାରୀଙ୍କୁ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ସୂତ୍ର ଅନୁଯାୟୀ, ପ୍ରଧାନମନ୍ତ୍ରୀ ପଚାରିଛନ୍ତି ‘ଏସବୁ କିଏ ଦେଖୁଛି?’ ଆମେ ଅଷ୍ଟମ ଶ୍ରେଣୀ ପିଲାମାନଙ୍କୁ ନ୍ୟାୟିକ ଦୁର୍ନୀତି ବିଷୟରେ କାହିଁକି ଶିକ୍ଷା ଦେଉଛୁ? ଏତେ କମ୍ ବୟସରେ ଛାତ୍ରଛାତ୍ରୀଙ୍କ ପାଇଁ ଏପରି ସମ୍ବେଦନଶୀଳ ବିଷୟ କେତେଦୂର ଠିକ୍, ସେ ଏ ନେଇ ପ୍ରଶ୍ନ ପଚାରିଛନ୍ତି। ଏହି ବିଷୟବସ୍ତୁକୁ କିଏ ଯାଞ୍ଚ କରିଥିଲା ଓ କେଉଁ ଆଧାରରେ ଏହାକୁ ଅନୁମୋଦନ କରାଗଲା, ସେ ନେଇ ସେ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି। ସ୍କୁଲ ପାଠ୍ୟକ୍ରମରେ ସାମ୍ବିଧାନିକ ସଂସ୍ଥାଗୁଡ଼ିକର ନକାରାତ୍ମକ ଚିତ୍ରଣ କରିବାକୁ ନେଇ ମୋଦୀ ଅସନ୍ତୋଷ ଜାହିର କରିଛନ୍ତି।



**ଆମେ ଅଷ୍ଟମ ଶ୍ରେଣୀ ପିଲାମାନଙ୍କୁ ନ୍ୟାୟିକ ଦୁର୍ନୀତି ବିଷୟରେ କାହିଁକି ଶିକ୍ଷା ଦେଉଛୁ?**

## ଦୁଃଖ ପ୍ରକାଶ କଲେ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ, ୨୬।୨(ଏଜେନ୍ସି): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏନ୍‌ସିଇଆରଟି ପାଠ୍ୟ ପୁସ୍ତକରେ ‘ନ୍ୟାୟିକ ଦୁର୍ନୀତି’ ଅଧ୍ୟାୟକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଓ ଏ ନେଇ ସୁପ୍ରିମକୋର୍ଟଙ୍କ କଡ଼ା ଆଭିମୁଖ୍ୟ ପରେ ପ୍ରତିକ୍ରିୟା ଦେବା ସହ ସ୍ପଷ୍ଟୀକରଣ ଦେଇଛନ୍ତି। ଜାମସେଦପୁରରେ ଗଣମାଧ୍ୟମ ସହ କଥା ହେବା ବେଳେ ସେ ଏହି ଘଟଣା ପାଇଁ ଦୁଃଖ ପ୍ରକାଶ କରିଛନ୍ତି। ଏଥିସହ କୋର୍ଟଙ୍କ ନିର୍ଦ୍ଦେଶକୁ ସମ୍ପୂର୍ଣ୍ଣ ଭାବେ ପାଳନ କରିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ଶିକ୍ଷାମନ୍ତ୍ରୀ କହିଛନ୍ତି ଯେ ଆମେ ନ୍ୟାୟପାଳିକାକୁ ସମ୍ମାନ କରୁ ଓ କୋର୍ଟ ଯାହା କହିଛନ୍ତି ତାହାକୁ ସମ୍ପୂର୍ଣ୍ଣ ରୂପେ ପାଳନ କରିବୁ। ଯାହା ଘଟିଗଲା ସେଥିପାଇଁ ମୁଁ ମର୍ମାହତ ଓ ଏହି ଘଟଣା ପାଇଁ ଦୁଃଖ ପ୍ରକାଶ କରୁଛି। ସେ ଏ ସଂକ୍ରାନ୍ତରେ ସଂଶୋଧନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ବିବାଦୀୟ ଅଧ୍ୟାୟ ପ୍ରସ୍ତୁତ କରିବାରେ ସମ୍ପୃକ୍ତ



**ନ୍ୟାୟପାଳିକା ପ୍ରତି ସମ୍ମାନ ରହିଛି**

ଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ ନ୍ୟାୟପାଳିକାକୁ ଅସମ୍ମାନ କରିବା ସରକାରଙ୍କର କୌଣସି ଉଦ୍ଦେଶ୍ୟ ନଥିଲା।

# ଦେଶର ୩୨ଟି ବିଶ୍ୱବିଦ୍ୟାଳୟକୁ ନକଲି ଘୋଷଣା କଲା ୟୁଜିସି

ନୂଆଦିଲ୍ଲୀ, ୨୬।୨(ଏଜେନ୍ସି): ୟୁନିଭର୍ସିଟି ଗ୍ରାଣ୍ଟ କମିଶନ (ୟୁଜିସି) ଦେଶର ୩୨ଟି ବିଶ୍ୱବିଦ୍ୟାଳୟକୁ ନକଲି ବୋଲି ଘୋଷଣା କରିଛି। ୨୦୨୬ ଶିକ୍ଷାବର୍ଷ ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ୟୁଜିସି ଅନଧିକୃତ ଶିକ୍ଷାନୁଷ୍ଠାନଗୁଡ଼ିକର ଏକ ସତର୍କମୂଳକ ତାଲିକା ଜାରି କରିଛି। ଏହି ତାଲିକାରେ ଦେଶର ମୋଟ୍ ୩୨ଟି ଶିକ୍ଷାନୁଷ୍ଠାନକୁ ନକଲି ଅର୍ଥାତ ଫେକ୍ ବୋଲି ଦର୍ଶାଯାଇଛି। ବେଙ୍ଗାଲୁରୁର ‘ଗ୍ଲୋବାଲ ପିସ୍ ୟୁନିଭର୍ସିଟି’କୁ ୟୁଜିସି ଏହି ତାଲିକାରେ ସାମିଲ କରିଛି। ୟୁଜିସି ସ୍ପଷ୍ଟ କରିଛି ଯେ, ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଉଥିବା କୌଣସି ଡିଗ୍ରୀ କିମ୍ବା ଡିପ୍ଲୋମା ସରକାରୀ ଚାକିରି ଓ ଉଚ୍ଚଶିକ୍ଷା ପାଇଁ ବୈଧ ନୁହେଁ। ଦିଲ୍ଲୀରେ ସର୍ବାଧିକ ୧୨ଟି ନକଲି ବିଶ୍ୱବିଦ୍ୟାଳୟ ଥିବା ଜଣାପଡ଼ିଛି। ଚଳିତବର୍ଷ ହରିୟାଣା, ରାଜସ୍ଥାନ, ଝାଡ଼ଖଣ୍ଡ ଓ ଅରୁଣାଚଳ ପ୍ରଦେଶ ଭଳି ରାଜ୍ୟର କିଛି ଶିକ୍ଷାନୁଷ୍ଠାନକୁ ମଧ୍ୟ ଏହି ତାଲିକାରେ ସାମିଲ କରାଯାଇଛି। ୟୁଜିସି କହିଛି ଯେ ୧୯୫୬ ଅଧିନିୟମ ଅନୁଯାୟୀ କେବଳ ସଂସଦ ଓ ବିଧାନସଭା ଦ୍ୱାରା ସ୍ଥାପିତ ବିଦ୍ୟାଳୟ ହିଁ ଡିଗ୍ରୀ ପ୍ରଦାନ କରିବାକୁ ଯୋଗ୍ୟ। ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ଏହିପରି ଶିକ୍ଷାନୁଷ୍ଠାନରେ ଆଡମିଶନ ନ କରିବାକୁ ପରାମର୍ଶ ଦିଆଯାଇଛି, ନଚେତ ସେମାନଙ୍କ କ୍ୟାରିୟର ବିପଦରେ ପଡ଼ିପାରେ ବୋଲି କୁହାଯାଇଛି।

# ଶିକ୍ଷା, ଏଆଇ, ସୁରକ୍ଷା ପାଇଁ ଭାରତ-ଇସ୍ରାଏଲ ଚୁକ୍ତି

ତେଲ ଆଭିଭ, ୨୬।୨ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ତାଙ୍କ ଇସ୍ରାଏଲ ପ୍ରତିପକ୍ଷ ବେଞ୍ଜାମିନ ନେତନ୍ୟାହୁଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଭୟ ନେତା ଅର୍ଥନୀତି, ସୁରକ୍ଷା ଏବଂ କୂଟନୀତିକୁ ନେଇ ଅନେକ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ପରେ ଉଭୟ ନେତା ମିଳିତ ସାମ୍ବାଦିକ ସମ୍ମିଳନୀ କରି ଥିଲେ। ବିଶ୍ୱରେ ଆତଙ୍କବାଦର କୌଣସି ସ୍ଥାନ ନାହିଁ ବୋଲି ଦୁଇ ଦେଶ ସ୍ପଷ୍ଟ ବାର୍ତ୍ତା ଦେଇଥିଲେ। ପଶ୍ଚିମ ଏସିଆରେ ଶାନ୍ତି ଭାରତ ପାଇଁ ମଧ୍ୟ ଅତ୍ୟନ୍ତ ଜରୁରୀ, ସେଥିପାଇଁ ଭାରତ ସର୍ବଦା ଆଲୋଚନା ଏବଂ ଶାନ୍ତିପୂର୍ଣ୍ଣ ସମାଧାନକୁ ସମର୍ଥନ କରେ ବୋଲି ମୋଦୀ କହିଛନ୍ତି। ଏବେ ଇସ୍ରାଏଲରେ ଭାରତର ୟୁପିଆଇ ପେମେଣ୍ଟ ସିଷ୍ଟମ୍ ଚାଲିବ। ଖୁବଶୀଘ୍ର ଇସ୍ରାଏଲ୍ ସହିତ ଏକ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର ହେବ। ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ‘ସ୍ୱତନ୍ତ୍ର ରଣନୈତିକ ସହଭାଗିତା’ (ଏସଏସପି) ସ୍ତରକୁ ବୃଦ୍ଧି କରାଯାଇଥିବା ମୋଦୀ ସୂଚନା ଦେଇଥିଲେ।



ମୋଦୀ କହିଥିଲେ ଯେ ଉଭୟ ଦେଶର ସମ୍ପର୍କ ଭରସା, ଗଣତନ୍ତ୍ର ଏବଂ ମାନବିକ ମୂଲ୍ୟବୋଧ ଉପରେ ପର୍ଯ୍ୟବସିତ। ଏବେ ଏହି ସମ୍ପର୍କକୁ ଏସଏସପି ମାନ୍ୟତା ଦେବାକୁ ନିଷ୍ପତ୍ତି ନିଆଯାଇଛି। ଏହା ଦୁଇ ଦେଶର ଜନସାଧାରଣଙ୍କ ଆଶା ଓ ଆକାଂକ୍ଷାକୁ ପ୍ରତିଫଳିତ କରୁଛି। ଉଭୟ ଦେଶ ବାଣିଜ୍ୟ ଏବଂ ପୁଞ୍ଜିନିବେଶ ବୃଦ୍ଧି ପାଇଁ କାର୍ଯ୍ୟ କରୁଛନ୍ତି। ଏଆଇ, କ୍ୱାଣ୍ଟମ ଟେକ୍ନୋଲୋଜି ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଭଳି କ୍ଷେତ୍ରରେ ମିଳିତ ଭାବେ କାର୍ଯ୍ୟ କରାଯିବ। ପ୍ରତିରକ୍ଷା କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଅଧିକ ବୃଦ୍ଧି କରାଯିବ। ମିଳିତ ବିକାଶ, ଉତ୍ପାଦନ ଏବଂ ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର ଉପରେ ଗୁରୁତ୍ୱ ଦିଆଯିବ। ବେସାମରିକ ଆଣବିକ ଶକ୍ତି ଏବଂ ମହାକାଶ କ୍ଷେତ୍ରରେ ମଧ୍ୟ ସହଭାଗିତା ବୃଦ୍ଧି ପାଇବ। ଭାରତରେ ଇସ୍ରାଏଲ୍ ସହାୟତାରେ ନିର୍ମିତ ‘ସେଣ୍ଟର୍ସ ଅଫ୍ ଏକ୍ସଲେନ୍ସ’ ସଂଖ୍ୟା ୧୦୦କୁ ବୃଦ୍ଧି କରାଯିବ। ଗାଁ ଗାଁରେ ଆଧୁନିକ ଚାଷ ପ୍ରଣାଳୀ ପହଞ୍ଚାଇବା ପାଇଁ ‘ଭିଲେଜ୍ ଅଫ୍ ଏକ୍ସଲେନ୍ସ’ ଗଠନ କରାଯିବ। ଏହାଦ୍ୱାରା ଚାଷୀଙ୍କ ଆୟ ଏବଂ ଉତ୍ପାଦନରେ ବୃଦ୍ଧି ଘଟିବ। ଉଭୟ ଦେଶ ଆଇଏମଇସି କରିଡର ଏବଂ ଆଇ୨ୟୁ୨ ଭଳି ଗୋଷ୍ଠୀକୁ ଆଗକୁ ବଢ଼ାଇବା ପାଇଁ ଆଲୋଚନା କରିଛନ୍ତି।

ଇସ୍ରାଏଲ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହି ଗସ୍ତ ସଫଳ ରହିଛି। ଏହା ହୃଦୟକୁ ଛୁଇଁ ଯାଇଛି। କାନିସିଟରେ ମୋଦୀ ଦେଇଥିବା ମନ୍ତବ୍ୟ ହୃଦୟକୁ ଛୁଇଁ ଯାଇଥିଲା। ପୂର୍ବରୁ ଯେଉଁ ସୀମା ଆମକୁ ଅଟକାଉଥିଲା ଏବେ ତାହା ଆଉ ସମସ୍ୟା ପାଲଟିବ ନାହିଁ। ନବୋନ୍ମେଷ କରୁଥିବା ଦେଶର ହିଁ ଭବିଷ୍ୟତ ଉତ୍ତମ ହେବ। ଏହା ସହିତ ଭାରତରେ ଜି୨ଜି ବୈଠକ ଆୟୋଜନ ପାଇଁ ଦୁଇ ନେତା ସହମତି ପ୍ରକାଶ କରିଛନ୍ତି। ସେହିପରି ଇସ୍ରାଏଲ ଆସିବା ମୋ ପାଇଁ ଗର୍ବର ବିଷୟ ବୋଲି ମୋଦୀ କହିଛନ୍ତି। ଏହା ପୂର୍ବରୁ ମୋଦୀ ଜେରୁଜେଲମର ହୋଲୋକଷ୍ଟ ମେମୋରିଆଲ ‘ୟାଦେ ୱାସେମ’ରେ ପହଞ୍ଚି ଥିଲେ। ସେଠାରେ ସେ ହିଟଲରଙ୍କ ନାଜି ଶାସନରେ ପ୍ରାଣ ହରାଇଥିବା ୬୦ ଲକ୍ଷ ଇହୁଦୀଙ୍କୁ ଶ୍ରଦ୍ଧାଞ୍ଜଳୀ ଦେଇଥିଲେ।

# ମାଲିକଙ୍କ ଘରେ ନକଲି ଇଡି ଚଢ଼ାଉ କରାଇଲା ଚାକରାଣୀ

ନୂଆଦିଲ୍ଲୀ, ୨୬।୨(ଏଜେନ୍ସି): ରାଜଧାନୀ ଦିଲ୍ଲୀର ନ୍ୟୁ ଫ୍ରେଣ୍ଡସ୍ କଲୋନୀରୁ ଚକିତ କଲା ଭଳି ଘଟଣା ସାମ୍ନାକୁ ଆସିଛି। ଜଣେ ଚାକରାଣୀ ନିଜ ମାଲିକଙ୍କ ଘରେ ନକଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡ଼ି) ଚଢ଼ାଉ କରାଇଛି। ଏହି ଘଟଣାଟି ଗତ ଫେବୃଆରୀ ୧୧ ତାରିଖରେ ଘଟିଥିଲା। ବୁଧବାର ପୁଲିସ ଏହି ଷଡ଼ଯନ୍ତ୍ର ରଚିଥିବା ଅଭିଯୋଗରେ ରେଖା ଦେବୀ ନାମକ ଚାକରାଣୀ ଓ ତାଙ୍କ ଭାଉଜ ପୂଜା ରାଜପୁତଙ୍କୁ ଗିରଫ କରିଛି। ଫବୃଆରୀ ୧୧ରେ ପୁଲିସ ୟୁନିଫର୍ମ ପିନ୍ଧିଥିବା ୩ ଜଣ ବ୍ୟକ୍ତି ଇଡ଼ି ଅଧିକାରୀଙ୍କ ପରିଚୟ ଦେଇ ୮୬ ବର୍ଷୀୟ ଅବସରପ୍ରାପ୍ତ ଆର୍କିଟେକ୍ଟ ଆରସି ସଭରୱାଲଙ୍କ ଘରେ ଜୋର୍‌ଜବରଦସ୍ତି ପଶିଥିଲେ। ସେମାନେ ପରିବାର ଲୋକଙ୍କୁ ଧମକାଇବା ସହ ସମସ୍ତଙ୍କ ମୋବାଇଲ ଫୋନ୍ ଛଡ଼ାଇ ନେଇଥିଲେ। ସଭରୱାଲଙ୍କ ନାତି ସନ୍ଦେହ କରି ପଚରାଉଚରା କରିବାରୁ ଅଭିଯୁକ୍ତମାନେ ୩-୪ ଲକ୍ଷ ଟଙ୍କା ନଗଦ ଓ ୭ଟି ଦାମୀ ଘଣ୍ଟା ଓ ସୁନା ଅଳଙ୍କାର ଧରି ଏକ ବାଲେନୋ କାର୍‌ରେ ଫେରାର ହୋଇଯାଇଥିଲେ। ପୁଲିସ ୩୫୦ଟିରୁ ଅଧିକ ସିସିଟିଭି କ୍ୟାମେରା ଯାଞ୍ଚ୍ କରିବା ପରେ ନୀଳ ରଙ୍ଗର ବାଲେନୋ କାର୍ ଉପରେ ସନ୍ଦେହ କରିଥିଲା। କାର୍‌ଟି ଦିଲ୍ଲୀରୁ ଉତ୍ତରପ୍ରଦେଶର ଗାଜିଆବାଦ୍ ଅଞ୍ଚଳରେ ଥିବା ଜଣାପଡ଼ିଥିଲା। ମୋବାଇଲ ଟ୍ରାକିଂ ଓ କାର ପାର୍କିଂକୁ ଲକ୍ଷ୍ୟ କରି ପୁଲିସ ଚାକରାଣୀ ରେଖାଙ୍କ ଭାଉଜ ପୂଜାଙ୍କ ଘରେ ପହଞ୍ଚିଥିଲା। ପୂଜାଙ୍କ ଘରେ ଚଢ଼ାଉ କରି ଲୁଟ୍ ହୋଇଥିବା ଦାମୀ ଘଣ୍ଟା, ଅଳଙ୍କାର ଓ ନକଲି ପୁଲିସ ୟୁନିଫର୍ମକୁ ଜବତ କରିଛି। ଏବେ ପୁଲିସ ନକଲି ଇଡ଼ି ଅଧିକାରୀ ସାଜି ଚଢ଼ାଉ କରିଥିବା ଅନ୍ୟ ୩ ଅଭିଯୁକ୍ତଙ୍କୁ ଖୋଜୁଛି। ଏବେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଓ ଆଲୋଚନା ଚାଲିଛି।

# ସୁନେତ୍ରା ପାୱାର ଏନ୍‌ସିପି ମୁଖ୍ୟ ନିର୍ବାଚିତ

ମୁମ୍ବଇ, ୨୬।୨ (ଏଜେନ୍ସି): ବିମାନ ଦୁର୍ଘଟଣାରେ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ମୃତ୍ୟୁ ହେବାର ପ୍ରାୟ ମାସେ ପରେ ତାଙ୍କ ପତ୍ନୀ ସୁନେତ୍ରା ପାୱାର ଏନ୍‌ସିପି ମୁଖ୍ୟ ନିର୍ବାଚିତ ହୋଇଛନ୍ତି। ଏନ୍‌ସିପି ନେତା ପ୍ରଫୁଲ ପଟେଲ ଏହି ଘୋଷଣା କରିଛନ୍ତି। ସେ ଦଳର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ମଧ ହୋଇଛନ୍ତି। ପୂର୍ବରୁ ସୁନେତ୍ରା ନିଜ ସ୍ୱାମୀଙ୍କ ସ୍ଥାନରେ ଉପମୁଖ୍ୟମନ୍ତ୍ରୀ ହୋଇଥିଲେ। ଗତ ସପ୍ତାହରେ ସୁନେତ୍ରାଙ୍କୁ ଦଳୀୟ ଅଧ୍ୟକ୍ଷ କରିବାକୁ ସମସ୍ତେ ସମର୍ଥନ ଦେଇଥିଲେ। ଆଜି ଅନୁଷ୍ଠିତ ଏନ୍‌ସିପିର କାର୍ଯ୍ୟନିର୍ବାହୀ କମିଟି ବୈଠକରେ ସୁନେତ୍ରାଙ୍କ ନାମ ପ୍ରସ୍ତାବ ଦିଆଯାଇଥିଲା। ସମସ୍ତେ ଏହାକୁ ସ୍ୱୀକାର କରିଥିଲେ।

# ଏପଷ୍ଟିନ ଫାଇଲ୍ସ: ବିକିନି ପିନ୍ଧା ମହିଳାଙ୍କ ସହ ଷ୍ଟିଫେନ ହକିଙ୍ଗ୍‌ଙ୍କ ଫଟୋ ଭାଇରାଲ

ୱାସିଂଟନ, ୨୬।୨(ଏଜେନ୍ସି): ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ସ୍ୱର୍ଗତ ଷ୍ଟିଫେନ ହକିଙ୍ଗ୍ ପୁଣିଥରେ ଚର୍ଚ୍ଚାକୁ ଆସିଛନ୍ତି। ନିକଟରେ ସାର୍ବଜନୀନ ହୋଇଥିବା ଜେଫ୍ରି ଏପଷ୍ଟିନ୍ ଫାଇଲରୁ କିଛି ଫଟୋ ସାମ୍ନାକୁ ଆସିଛି, ଯେଉଁଥିରେ ହକିଙ୍ଗ୍ ଦୁଇଜଣ ବିକିନ ପରିହିତ ମହିଳାଙ୍କ ସହ ବସିଥିବାର ଦେଖାଯାଇଛି। ତେବେ ଏହି ଘଟଣାକୁ ନେଇ ହକିଙ୍ଗଙ୍କ ପରିବାର ତରଫରୁ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଛି। ‘ଦି ଇଣ୍ଡିପେଣ୍ଡେଣ୍ଟ’ ଖବର କାଗଜ ଅନୁଯାୟୀ, ହାତରେ କକ୍‌ଲେଟ ଧରି ସନ୍ ଲାଉଞ୍ଜରେ ଶୋଇଥିବା ହକିଙ୍ଗଙ୍କୁ ଜଣେ ମହିଳା ସ୍ଥିର ଭାବେ ଧରିଥିଲେ ଓ ଆଉ ଜଣେ ମହିଳା ପାଖରେ ଅଛନ୍ତି। ଏହି ମହିଳାମାନେ ତାଙ୍କର ଦୀର୍ଘକାଳୀନ ସେବାକାରୀ ଥିଲେ, ଯେଉଁମାନେ ହକିଙ୍ଗଙ୍କୁ ଦିନରାତି ଚିକିତ୍ସା ସହାୟତା ଯୋଗାଇବା ପାଇଁ ରହିଥିଲେ। ଏହି ଫଟୋଟି ୨୦୦୬ ମସିହାର ବୋଲି ଅନୁମାନ କରାଯାଉଛି। ସେତେବେଳେ ହକିଙ୍ଗ ଏକ ବିଜ୍ଞାନ ସମ୍ମିଳନୀରେ ଯୋଗଦେବା ପାଇଁ ସେଣ୍ଟ ଥୋମାସ୍ ଗସ୍ତ କରିଥିଲେ।



ଏବେ ହକିଙ୍ଗଙ୍କ ପରିବାର ତରଫରୁ ଆନୁଷ୍ଠାନିକ ଭାବେ ସ୍ପଷ୍ଟୀକରଣ ଦିଆଯାଇଛି। ତାଙ୍କ ପରିବାରର ଜଣେ ପ୍ରତିନିଧି କହିଛନ୍ତି ଯେ ଫଟୋରେ ଥିବା ଦୁଇଜଣ ମହିଳା ହେଉଛନ୍ତି ହକିଙ୍ଗଙ୍କ ଦୀର୍ଘକାଳୀନ କେୟାର ଟେକର। ଶାରୀରିକ ଅକ୍ଷମତା ଯୋଗୁଁ ତାଙ୍କୁ ୨୪ ଘଣ୍ଟା ମେଡିକାଲ ସହାୟତା ଆବଶ୍ୟକ ହେଉଥିଲା, ତେଣୁ ସେମାନେ ସବୁବେଳେ ତାଙ୍କ ସହ ରହୁଥିଲେ। ତାଙ୍କ ପକ୍ଷରୁ ଖରାପ ଆଚରଣ କରାଯାଇଥିବା ନେଇ ଭୁଲ ଅଭିଯୋଗ ଲଗାଯାଇଛି। ଆମେରିକାର ନ୍ୟାୟ ବିଭାଗ ଦ୍ୱାରା ପ୍ରକାଶିତ ଏପଷ୍ଟିନ ଫାଇଲ ସଂଗ୍ରହରେ ହକିଙ୍ଗଙ୍କ ନାମ ଅତିକମ୍‌ରେ ୨୫୦ଥର ଉଲ୍ଲେଖ କରାଯାଇଛି।
ଏପଷ୍ଟିନ ଫାଇଲରେ ହକିଙ୍ଗ୍ ନାମ ସେତେବେଳେ ଆସିଥିଲା ଯେତେବେଳେ ପ୍ରମୁଖ ଅଭିଯୋଗକାରୀ ଭର୍ଜିନିଆ ଗିଉଫ୍ରେ ଦାବି କରିଥିଲେ ଯେ, ହକିଙ୍ଗ୍ ଦିନେ ଭିର୍ଜିନ ଦୀପପୁଞ୍ଜରେ ଏକ ଅପ୍ରାପ୍ତ ବୟସ୍କ ଯୌନ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ। ଏହାର ଜବାବରେ ଏପଷ୍ଟିନ ଘୋଷଣା କରିଥିଲେ ଯେ ଯିଏ ଏହି ଦାବିକୁ ମିଥ୍ୟା ବୋଲି ପ୍ରମାଣ କରିଦେବ ତାଙ୍କୁ ସେ ନଗଦ ପୁରସ୍କାର ଦେବେ। ସୂଚନାଯୋଗ୍ୟ ଯେ, ହକିଙ୍ଗ ୫୦ ବର୍ଷରୁ ଅଧିକ ସମୟ ଧରି ଏଏଲ୍‌ଏସ୍ ରୋଗରେ ପୀଡିତ ହେବା ପରେ ୨୦୧୮ରେ ୭୬ ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ। ସେ ୨୦୦୬ ମାର୍ଚ୍ଚରେ ଏପଷ୍ଟିନଙ୍କ ଦ୍ୱାରା ଆୟୋଜିତ ଏକ ସମ୍ମିଳନୀରେ ଯୋଗ ଦେଇଥିଲେ। ପୂର୍ବରୁ ପ୍ରକାଶିତ ଅନ୍ୟ ଫଟୋଗୁଡ଼ିକରେ ହକିଙ୍ଗଙ୍କୁ ଏକ ସ୍ୱତନ୍ତ୍ର ବୁଡ଼ାଜାହାଜରେ ଦ୍ୱୀପର ସମୁଦ୍ର ଶଯ୍ୟାରେ ବୁଲୁଥିବାର ଦେଖାଯାଇଛି। ଉଲ୍ଲେଖଥାଉ କି, ହକିଙ୍ଗ ବିଶ୍ୱର ଜଣେ ଜଣାଶୁଣା ପଦାର୍ଥ ବିଜ୍ଞାନୀ ଥିଲେ। କୃଷ୍ଣଗର୍ତ୍ତ ବା ବ୍ଲାକ ହୋଲ୍ ଏବଂ ସାଧାରଣ ଆପେକ୍ଷିକତା (ଜେନେରାଲ ରିଲେଟିଭିଟି) ଉପରେ ତାଙ୍କ ଭୂମିକା ଆଧୁନିକ ବ୍ରହ୍ମାଣ୍ଡକୁ ଏକ ନୂଆ ରୂପ ଦେଇଥିଲା। ସେ ମୋଟର ନ୍ୟୁରୋନ ରୋଗରୁ ସବୁଠାରୁ ଦୀର୍ଘ ସମୟ ଧରି ବଞ୍ଚିଥିବା ବ୍ୟକ୍ତି ଥିଲେ। ଏହି ରୋଗ ଯୋଗୁଁ ସେ ଭେଣ୍ଟିଲିଟର, ଭଏସ୍ ସିନ୍ଥେସାଇଜର, ହୁଇଲ ଚେୟାର ଏବଂ ଦିନରାତି ଚିକିତ୍ସା ସେବା ଉପରେ ନିର୍ଭରଶୀଳ ଥିଲେ।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜାନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ଚାକିରିରେ ନୂଆ ସୁଯୋଗ ଜୁଟିବ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ଚାକିରିରେ ସହକର୍ମୀଙ୍କ ସହଯୋଗ ମିଳିବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୮୫୪- ଝାନ୍‌ସୀ ଉପରେ ଇଷ୍ଟ ଇଣ୍ଡିଆ କମ୍ପାନିର କବ୍‌ଜା।
- ୧୯୩୧-ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ଆଜାଦଙ୍କ ନିଧନ।
- ୧୯୭୪- ଆମେରିକାର ସାପ୍ତାହିକ ପତ୍ରିକା 'ପିପୁଲ୍' ବିକ୍ରି ଆରମ୍ଭ ହେଲା।
- ୧୯୮୮- ପ୍ରଥମ ଥର ହେଲିକପ୍ଟର ଡାକ ସେବା ଆରମ୍ଭ କରାଗଲା।
- ୨୦୦୨- ସାବରମତୀ ଏକ୍ସପ୍ରେସ୍‌ରେ ନିଆଁ ଲାଗିବାରୁ ୫୯ ଜୀବନ୍ତ ଦଗ୍ଧ।

## ନିଆରା ପରମ୍ପରା
# ଭିଲିଆନ୍ ହିଟିଂ

ହଂକଂରେ ଏକ ନିଆରା ପରମ୍ପରା ପ୍ରଚଳିତ। ଏହାକୁ 'ଦା ସିଓ ୟାନ୍' ବା ଭିଲିଆନ ହିଟିଂ କୁହାଯାଏ। ମାର୍ଚ୍ଚ ମାସ ପ୍ରାରମ୍ଭରେ ଏହା ପାଳନ କରାଯାଏ। ଏଥିରେ ବହୁ ସଂଖ୍ୟାରେ ଲୋକ ସାମିଲ ହୋଇଥାନ୍ତି। ଏଥିରେ ଅଂଶଗ୍ରହଣ କରୁଥିବା ଲୋକେ କାଗଜରେ ଏକ ପୁତୁଳା ତିଆରି କରନ୍ତି। ଏହା ଖଳନାୟକ ତଥା ଦୁର୍ଭାଗ୍ୟ ଆଣୁଥିବା ବ୍ୟକ୍ତିର ପ୍ରତୀକ ହୋଇଥାଏ। ତେବେ ଏ କାଗଜ ପୁତୁଳା ହଇରାଣ କରୁଥିବା କୌଣସି ସହକର୍ମୀ, ପୁରୁଣା ବନ୍ଧୁ ଯେ କେହି ବି ହୋଇପାରନ୍ତି। ଏହାପରେ ଏହାର ଆୟୋଜନ କରୁଥିବା ମହିଳାମାନେ ସେହି ଅନିଷ୍ଟକାରୀ ଆତ୍ମାକୁ ଭଗାଇବା ପାଇଁ ପ୍ରାର୍ଥନା କରି କାଗଜ ପୁତୁଳାକୁ ଜୋତାରେ ପିଟନ୍ତି। ଏହାଦ୍ୱାରା ନକାରାତ୍ମକତା ଓ ଦୁର୍ଭାଗ୍ୟ ଦୂରେଇଯାଏ ବୋଲି ବିଶ୍ୱାସ ରହିଛି। ଶେଷରେ ସେହି କାଗଜ ପୁତୁଳାକୁ ପୋଡ଼ି ଦିଆଯାଏ। ଏହିପରି ଭାବେ ଖରାପର ଅନ୍ତ ଘଟୁଥିବା ବୋଲି ବିଶ୍ୱାସ ଅଛି। ତେବେ ଏହି ପରମ୍ପରା ପାରମ୍ପରିକ ଚୀନ୍ କ୍ୟାଲେଣ୍ଡରର ଜିଙ୍ଗଜେ ସମୟରୁ ଲୋକପ୍ରିୟ। ଏହିଦିନ କିଛି ଲୋକ ଧଳା ବାଘକୁ ପ୍ରସାଦ ଲାଗି କରନ୍ତି। ଯାହାକୁ ଦୁର୍ଭାଗ୍ୟରୁ ରକ୍ଷା କରିବାର ପ୍ରତୀକ ବୋଲି ବିବେଚନା କରାଯାଏ। ସେହିପରି ଏହି ପରମ୍ପରା କେବଳ କ୍ରୋଧ ପ୍ରକଟ ପାଇଁ ନୁହେଁ, ବରଂ ସାଂସ୍କୃତିକ ଐତିହ୍ୟ ଏବଂ ମାନସିକ ଶାନ୍ତିର ମାଧ୍ୟମ। ଏପରିକି ଆଧୁନିକ ଚାକଚକ୍ୟତା ଭିତରେ ବି ଲୋକମାନେ ନିଜ ମୂଳ ପରମ୍ପରା ସହିତ ଜଡ଼ିତ ଥିବା ଏହା ପ୍ରତିଫଳିତ କରେ। ସେହିପରି ଏହି ରହସ୍ୟମୟୀ ପରମ୍ପରା ଏକଥା ଦର୍ଶାଏ ଯେ, ମଣିଷ ସବୁବେଳେ ଦୁର୍ଭାଗ୍ୟ ଏବଂ ମନ୍ଦ ତଥା ନକାରାତ୍ମକତାକୁ ଦୂର କରିବା ଲାଗି ଉପାୟ ଖୋଜି ଥାଏ।






## ବଦଳିବ 'ଲାହୋର ୧୯୪୭'ର ଟାଇଟଲ୍



ବଲିଉଡ୍ ଅଭିନେତା ସନ୍ନି ଦେଓଲ 'ଲାହୋର୍ ୧୯୪୭' ମାଧ୍ୟମରେ ପୁଣି ଥରେ ବଡ଼ ପରଦାରେ ଧମାଲ୍ କରିବାକୁ ଯାଉଛନ୍ତି। ଏହି ଫିଲ୍ମକୁ ନେଇ ଏବେ ଏକ ଖବର ଆସିଛି। ଫିଲ୍ମର ଟାଇଟଲ୍ ବଦଳିପାରେ ବୋଲି ଏବେ ଚର୍ଚ୍ଚା ହେଉଛି। ପ୍ରଥମେ ଫିଲ୍ମର ପ୍ରଯୋଜକଙ୍କୁ 'ଲାହୋର୍ ୧୯୪୭' ନାମ ଠିକ୍ ଲାଗିଥିଲା। ବିଭାଜନ ସମୟର ପାକିସ୍ତାନର ଲାହୋର ସହର ଉପରେ ଏହାର କାହାଣୀ ହୋଇଥିବାରୁ ପ୍ରଥମେ ଏହି ଟାଇଟଲ୍ ଠିକ୍ ଲାଗୁଥିଲା। ଫିଲ୍ମର କାହାଣୀ ଆଗକୁ ବଢ଼ିବା ପରେ ପ୍ରଯୋଜକ ଏହାର ଟାଇଟଲ୍ ଆହୁରି ଦମ୍‌ଦାର ହୋଇପାରିବ ବୋଲି ଏବେ ଅନୁଭବ କରୁଛନ୍ତି। ଟିମ୍ ପାଖରେ ଏନେଇ ବହୁତଗୁଡ଼ିଏ ବିକଳ୍ପ ମଧ୍ୟ ରହିଛି। ଖୁବ୍‌ଶୀଘ୍ର ଏହାର ନୂଆ ନାମ ଘୋଷଣା ହୋଇପାରେ ବୋଲି କୁହାଯାଉଛି। ଏହା ଆସନ୍ତା ଅଗଷ୍ଟ ୧୩ରେ ମୁକ୍ତିଲାଭ କରିବ। ଏଥିରେ ସନ୍ନିଙ୍କ ବିପକ୍ଷରେ ପ୍ରୀତି ଜିନ୍‌ଟା ନଜର ଆସିବେ। ମିଷ୍ଟର ପରଫେକ୍ଟନିଷ୍ଟ ଅମିର୍ ଖାନ୍‌ଙ୍କ ପ୍ରଡକ୍ସନ୍ ହାଉସ୍ ଏହାର ପ୍ରଯୋଜନା ଦାୟିତ୍ୱରେ ରହିଛି। ଅମିର୍ ଏହାର ପ୍ରଯୋଜକ ହେବା ସହ ଏଥିରେ ଅତିଥି କଳାକାର ଭାବେ ନଜର ଆସିବେ।

## ଆଜି ଆସିଥିଲେ
# କଥାଶିଳ୍ପୀ ମନୋଜ



ଭାରତୀୟ ସାହିତ୍ୟର ଅନନ୍ୟ କଥାଶିଳ୍ପୀ ଯଶସ୍ୱୀ ସାରସ୍ୱତ ସାଧକ ପଦ୍ମଭୂଷଣ ମନୋଜ ଦାସଙ୍କର ଆଜି ଜନ୍ମ ଜୟନ୍ତୀ। ଶବ୍ଦ, ଭାଷା ଓ ଭାବରେ ତାଙ୍କର ଅତୁଳନୀୟ ବିଜ୍ଞତା ରହିଥିଲା। ସେ ଥିଲେ ଉଭୟ ଇଂରାଜୀ ଏବଂ ଓଡ଼ିଆ ସାହିତ୍ୟର ଶ୍ରେଷ୍ଠ କଥାକାର। ଦୀର୍ଘ ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ନିରବଚ୍ଛିନ୍ନ ଭାବରେ ଲେଖନୀ ଚାଳନା ପୂର୍ବକ ଅଜସ୍ର ଗଳ୍ପ, କବିତା, ରମ୍ୟ ରଚନା, ପ୍ରବନ୍ଧ, ଭ୍ରମଣ କାହାଣୀ ତଥା କିଶୋର-ସାହିତ୍ୟ ସୃଷ୍ଟିକରି ସାହିତ୍ୟର ଜଗତକୁ ସମୃଦ୍ଧ କରିବା ସଙ୍ଗେ ସଙ୍ଗେ ଏକ ଦ୍ୱିଭାଷିକ ଲେଖକ ଭାବେ ଓଡ଼ିଆ ସାହିତ୍ୟକୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପରିଚିତ ଏବଂ ପ୍ରଶଂସିତ କରାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମନୋଜ ଦାସ ବାଲେଶ୍ୱର ଜିଲ୍ଲାର ଶଙ୍ଖାରି ଗ୍ରାମଠାରେ ୧୯୩୪ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ମଧୁସୂଦନ ଦାସ ଓ ମାତାଙ୍କ ନାମ କାଦମ୍ବିନୀ ଦେବୀ। ମାତା କାଦମ୍ବିନୀ ଦେବୀଙ୍କ ପ୍ରଭାବରେ ବାଲ୍ୟକାଳରୁ ମନୋଜ ଦାସ ରାମାୟଣ ଓ ମହାଭାରତ ପ୍ରତି ଶ୍ରଦ୍ଧା ଜାତ ହୋଇଥିଲା। ସ୍କୁଲ୍‌ରେ ପଢୁଥିବା ସମୟରେ ୧୫ ବର୍ଷ ବୟସରେ ତାଙ୍କର ପ୍ରଥମ କବିତା ପୁସ୍ତକ 'ଶତାବ୍ଦୀର ଆର୍ତ୍ତନାଦ' ପ୍ରକାଶ ପାଇଥିଲା। କଲେଜରେ ଅଧ୍ୟୟନ କାଳରେ ସେ ମାର୍କ୍ସବାଦ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜନୀତିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସେ ପୁରୀର ସାମନ୍ତ ଚନ୍ଦ୍ରଶେଖର କଲେଜରୁ ସ୍ନାତକ ଏବଂ ରେଭେନ୍‌ସା କଲେଜରୁ ଇଂରାଜୀ ସାହିତ୍ୟରେ ସ୍ନାତକୋତ୍ତର ଡିଗ୍ରି ହାସଲ କରିଥିଲେ। ମଧୁସୂଦନ ଆଇନ ମହାବିଦ୍ୟାଳୟରେ ସେ ଆଇନ ପାଠ ପଢ଼ିଥିଲେ। ମନୋଜ କିଛି କାଳ କଟକର ଖ୍ରୀଷ୍ଟ କଲେଜରେ ଅଧ୍ୟାପନା କରିଥିଲେ। ୧୯୬୩ରେ ସେ ପଣ୍ଡିଚେରୀ ଯାଇ ଶ୍ରୀଅରବିନ୍ଦ ଅନ୍ତର୍ଜାତୀୟ ଶିକ୍ଷା କେନ୍ଦ୍ରରେ ଇଂରାଜୀ ସାହିତ୍ୟର ପ୍ରାଧ୍ୟାପକ ଭାବେ ଯୋଗ ଦେଇଥିଲେ। ଶ୍ରୀଅରବିନ୍ଦଙ୍କ ଚେତନା ତାଙ୍କ ଜୀବନର ମୋଡ଼ ବଦଳାଇ ଦେଇଥିଲା। ସେ ନିଛକ ଓଡ଼ିଆ ଚଳଣି ଏବଂ ଜୀବନଧାରାକୁ ନେଇ ଅନେକ ପ୍ରସିଦ୍ଧ ଗଳ୍ପ ଲେଖିଛନ୍ତି। ତାଙ୍କର ରଚିତ 'ସମୁଦ୍ରର କ୍ଷୁଧା', 'ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ', 'ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ', ଧୂମ୍ରାଭ ଦିଗନ୍ତ ଓ ଅନ୍ୟ କାହାଣୀ', 'ଲକ୍ଷ୍ମୀର ଅଭିସାର', 'ମନୋଜ ଦାସଙ୍କ କଥା ଓ କାହାଣୀ', 'ଶେଷ ବସନ୍ତର ଚିଠି' ଆଦି ଗଳ୍ପ ପୁସ୍ତକ ବହୁ ପାଠକୀୟ ଆଦୃତି ଲାଭ କରିଛି। ତାଙ୍କର କବିତା ସଙ୍କଳନଗୁଡ଼ିକ ହେଲା 'ଶତାବ୍ଦୀର ଆର୍ତ୍ତନାଦ', 'କବିତା ଉତ୍କଳ', 'ତୁମ ଗାଁ ଓ ଅନ୍ୟାନ୍ୟ କବିତା'। ଏହାବ୍ୟତୀତ ତାଙ୍କ ଦ୍ୱାରା ଲିଖିତ ଉପନ୍ୟାସଗୁଡ଼ିକ ମଧ୍ୟରେ 'ତନ୍ଦ୍ରାଲୋକର ପ୍ରହରୀ', 'ଆକାଶର ଇସାରା', 'ଅମୃତ ଫଳ', 'ଗୋଧୂଳିର ବାଘ', 'ପ୍ରଭଞ୍ଜନ', 'ବୁଲଡୋର୍ଜସ' ଆଦି ଅନ୍ୟତମ। ତାଙ୍କ ରଚିତ 'ଦି ଏସ୍‌କେପିଷ୍ଟ', 'ଏ ଟାଇଗର ଏଟ୍ ଟୁଇଲାଇଟ୍', 'ସାଇକ୍ଲୋନ୍', 'ବୁଲଡୋଜର୍ସ', 'ଦି କ୍ରୋକୋଡାଇଲ୍ସ ଲେଡି' ଆଦି ଇଂରାଜୀ ଉପନ୍ୟାସ ଓ ଗଳ୍ପ ସଂକଳନ ମଧ୍ୟ ବିଶ୍ୱ ସାହିତ୍ୟରେ ଖୁବ୍ ଆଦୃତି ଲାଭ କରିଛି। ସାରସ୍ୱତ ସାଧନା ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମି, କେନ୍ଦ୍ର ସାହିତ୍ୟ ଏକାଡେମି ପୁରସ୍କାର ସମେତ ସରସ୍ୱତୀ ସମ୍ମାନ, ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ, ପଦ୍ମଶ୍ରୀ, ପଦ୍ମଭୂଷଣ ପ୍ରମୁଖ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ମନୋଜ ଦାସଙ୍କୁ ତାଙ୍କର ନିଆରା ଲେଖା ଶୈଳୀ ପାଇଁ ଓଡ଼ିଆ ସାହିତ୍ୟର ବିଷ୍ଣୁ ଶର୍ମା ବୋଲି କୁହାଯାଏ। ୨୦୨୧ ମସିହା ଏପ୍ରିଲ୍ ୨୭ ତାରିଖରେ ପୁଡୁଚେରୀରେ ତାଙ୍କର ଦେହାନ୍ତ ହୋଇଥିଲା।

## ସଞ୍ଜୀବନୀ

# କାଶରୁ ଜଣାପଡ଼ିବ ରୋଗ



ଅଧୁନା ସ୍ୱାସ୍ଥ୍ୟକ୍ଷେତ୍ରରେ ଏଆଇର ବ୍ୟବହାର ଦ୍ରୁତ ଗତିରେ ବଢ଼ୁଛି। ଏଆଇ ରୋଗ ନିର୍ଣ୍ଣୟ, ଗବେଷଣା ଏବଂ ଚିକିତ୍ସାକୁ ଅଧିକ ସଠିକ ଏବଂ ସହଜ କରିଛି। ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀ ଏମ୍ସର ଡାକ୍ତରମାନେ କର୍ଣ୍ଣାଟକରେ ବିକଶିତ କରାଯାଇଥିବା 'ଶ୍ୱାସା' ନାମକ ଏଆଇ (ମୋବାଇଲ ଆପ୍) ଉପରେ ଅଧ୍ୟୟନ କରିଛନ୍ତି। ଏଆଇ ଆପ୍ ସ୍ମାର୍ଟଫୋନ୍ ମାଧ୍ୟମରେ ରୋଗୀଙ୍କ କାଶ ଶବ୍ଦ ଶୁଣି ଏହାକୁ ବିଶ୍ଳେଷଣ କରିଥାଏ। ପୀଡ଼ିତଙ୍କ ଫୁସ୍‌ଫୁସ୍ ଓ ଶ୍ୱାସତନ୍ତ୍ରରେ କେଉଁ ରୋଗ ହୋଇଛି ତାହାକୁ ଜାଣିପାରେ। ଏହି କୌଶଳରେ ସିଓପିଡି ପରି ଗମ୍ଭୀର ରୋଗ ଚିହ୍ନଟ କରାଯାଇପାରିବ। ଏଥିପାଇଁ ଡାକ୍ତରମାନେ ଅଧ୍ୟୟନ ପାଇଁ ୪୬୦ ଲୋକଙ୍କ କାଶ ନମୁନା ନେଇଥିଲେ। ଏଆଇ ବିଶ୍ଳେଷଣ କରି ସଠିକ ଯାଞ୍ଚ କରିଥିଲା। ଏନେଇ ଦିଲ୍ଲୀ ଏମ୍ସର ପ୍ରମୁଖ ଡାକ୍ତର ହର୍ଷଲ ରମେଶ ସାଲବେ କୁହନ୍ତି, ମୋବାଇଲ ସାମ୍ନାରେ କାଶିଲେ ଏହି ଏଆଇ ଆପ୍ କାଶକୁ ରେକର୍ଡ କରିଥାଏ। ଏହି କୌଶଳ କାଶ ଶବ୍ଦର ସୂକ୍ଷ୍ମତାକୁ ବୁଝେ। ଏହା ରୋଗୀର ଲକ୍ଷଣକୁ କାଶ ସହିତ ମିଶାଇ ଏକ ସ୍ୱାସ୍ଥ୍ୟ ସ୍କୋର ପ୍ରଦାନ କରେ। ଏଆଇ ଆପ୍ ଶ୍ୱାସକ୍ରିୟାରେ ସମସ୍ୟା ଏବଂ ଫୁସ୍‌ଫୁସର ଅସାମାନ୍ୟତାର ସଙ୍କେତକୁ ଚିହ୍ନଟ କରିବା ପାଇଁ ସୂକ୍ଷ୍ମ ସ୍ୱର ନମୁନାକୁ ବିଶ୍ଳେଷଣ କରି ମାତ୍ର ପାଞ୍ଚ ମିନିଟ୍‌ରେ ଫଳାଫଳ ଦେଇଥାଏ। ସାଧାରଣତଃ ଫୁସ୍‌ଫୁସ୍ ରୋଗ ଚିହ୍ନଟ ପାଇଁ ସ୍ପାଇରୋମିଟର ଆବଶ୍ୟକ ପଡ଼େ। ଏହି ମେସିନ୍‌ର ଦାମ୍ ଅଧିକ। ଏହାପାଇଁ ଅଭିଜ୍ଞ ଡାକ୍ତରଙ୍କ ଆବଶ୍ୟକ ହୁଅନ୍ତି। ହେଲେ ଏଆଇ ଆଧାରିତ ଏହି ପ୍ଲାଟଫର୍ମରେ ହସ୍‌ପିଟାଲରେ ଥିବା କର୍ମଚାରୀ ଯାଞ୍ଚ କରିପାରିବେ। ଏଥିରେ ଡାକ୍ତର ରୋଗ ଚିହ୍ନଟ କରିବା ସହ ଏହାର ଚିକିତ୍ସା ପଦ୍ଧତି କ'ଣ ରହିଛି ତାହା ସୁନିଶ୍ଚିତ ହୋଇଥାନ୍ତି।

## ସକାଳ'ର ସ୍ୱାସ୍ଥ୍ୟ
# ଆଇବିଡି

**ଆଇବିଡ଼ି ବା ଇନ୍‌ଫ୍ଲାମେଟୋରୀ ବାଓ୍ୱେଲ ଡିଜିଜ୍ ଏକ ପ୍ରଦାହଜନକ ରୋଗ। ଭାରତରେ ଅଧିକାଂଶ ଲୋକ ଏହି ରୋଗରେ ପୀଡ଼ିତ। ଏହି ରୋଗର କାରଣ, ଲକ୍ଷଣ ଓ ଚିକିତ୍ସାକୁ ବୁଝି ଯତ୍ନ ନେବା ଏକାନ୍ତ ଆବଶ୍ୟକ।**



ଆଇବିଡି ପାଚନ ଏବଂ ଅନ୍ତନଳୀ ସମ୍ବନ୍ଧିତ ଗମ୍ଭୀର ରୋଗ। ଏହି ରୋଗ ସୃଷ୍ଟି ହେବାରେ ଅତ୍ୟାଧୁନିକ ଜୀବନଶୈଳୀ, ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ ସେବନ, ବଂଶାନୁଗତ ରୋଗ, ବାହ୍ୟବାତାବରଣ ଏବଂ ଅନ୍ତଜୀବାଣୁର ଭୂମିକା ଥାଏ। ଏହା ଯେକୌଣସି ବୟସର ଲୋକଙ୍କୁ ପ୍ରଭାବିତ କରିପାରେ। ଏହି ରୋଗ ହେଲେ ପୀଡ଼ିତଙ୍କଠାରେ ତରଳଝାଡ଼ା, ମଳରେ ରକ୍ତ ଆସିବା, କୋଷ୍ଠକାଠିନ୍ୟ ସମସ୍ୟା, ଓଜନ କମ୍ ହେବା, ଗଣ୍ଠି ଯନ୍ତ୍ରଣା, ଥକ୍କାପଣ, ଜ୍ୱର ଆଦି ଲକ୍ଷଣ ଦେଖାଯାଏ। ମୁଖ୍ୟତଃ ଏହା ରୋଗର ପ୍ରାରମ୍ଭିକ ଲକ୍ଷଣ ହୋଇଥିଲେ ମଧ୍ୟ ଅନେକ ଏହାକୁ ସାଧାରଣ ଭାବି ଅଣଦେଖା କରନ୍ତି। ରୋଗର ତୀବ୍ରତା ଅଧିକ ହେଲେ ଏହା ପାଚନତନ୍ତ୍ରର ଯେକୌଣସି ଅଙ୍ଗକୁ ପ୍ରଭାବିତ କରିପାରେ। ପେଟ ଫୁଲିବା ସହ କୋଷ୍ଠକାଠିନ୍ୟ ଏବଂ ପେଟରେ ଘା' ମଧ୍ୟ ହୋଇପାରେ। କିଛି ମହିଳାଙ୍କ କ୍ଷେତ୍ରରେ ଗର୍ଭାବସ୍ଥା ସମୟରେ ଏହି ସମସ୍ୟା ହୋଇଥାଏ। ତେଣୁ ମହିଳାମାନଙ୍କଠାରେ ପାଚନ ଜନିତ ସମସ୍ୟା ଦେଖାଦେଲେ ଗର୍ଭଧାରଣ ପୂର୍ବରୁ ଏନେଇ ଯାଞ୍ଚ କରିବା ଜରୁରି। ରୋଗ ନିୟନ୍ତ୍ରଣ ପାଇଁ ଡାକ୍ତରଙ୍କ ପରାର୍ଶରେ ଔଷଧ ସେବନ କରିବା ସହ ସନ୍ତୁଳିତ ଖାଦ୍ୟପେୟ ଗ୍ରହଣ କରିବା ଆବଶ୍ୟକ। ପ୍ରାଣାୟମ କରିପାରିବେ। ଜୀବନଶୈଳୀରେ ପରିବର୍ତ୍ତନ ଆଣି ଏହି ରୋଗ ସମସ୍ୟାକୁ ଦୂର କରିହେବ।

# ଉପକାରୀ ପିଜୁଳି ମଞ୍ଜି

ଭାରତରେ ଆୟୁର୍ବେଦର ପରମ୍ପରା ଅତ୍ୟନ୍ତ ପ୍ରାଚୀନ। ଆୟୁର୍ବେଦରେ ବିଭିନ୍ନ ମଞ୍ଜିକୁ ଔଷଧ, ଖାଦ୍ୟ-ପାନୀୟ ଭାବରେ ବ୍ୟବହାର କରିବା ପାଇଁ ଉଲ୍ଲେଖ କରାଯାଇଛି। ଏହି କ୍ରମରେ ଆୟୁର୍ବେଦରେ ପିଜୁଳି ମଞ୍ଜିର ଅନେକ ଔଷଧୀୟ ଗୁଣ ରହିଛି।


- ପିଜୁଳି ମଞ୍ଜିରେ ଥିବା ପ୍ରୋଟିନ୍, ପୋଷକତତ୍ତ୍ୱ, ଆଣ୍ଟି ଅକ୍ସିଡାଣ୍ଟ ପାଚନକ୍ରିୟାକୁ ସକ୍ରିୟ କରେ। କୋଷ୍ଠକାଠିନ୍ୟ ସମସ୍ୟା ଦୂର କରିପାରେ।
- ପିଜୁଳି ମଞ୍ଜିରେ ଥିବା ପ୍ରାକୃତିକ ତେଲ ଏବଂ ଆଣ୍ଟିଅକ୍ସିଡାଣ୍ଟ କୋଲେଷ୍ଟ୍ରଲକୁ ସନ୍ତୁଳିତ ରଖେ। ହୃଦ୍‌ରୋଗ ଆଶଙ୍କାକୁ କମ୍ କରେ। ଏହା ରକ୍ତ ଶର୍କରାକୁ ନିୟନ୍ତ୍ରିତ ରଖି ରୋଗପ୍ରତିରୋଧକ ଶକ୍ତି ବଢ଼ାଏ। ପିଜୁଳି ମଞ୍ଜି ଓଜନ ନିୟନ୍ତ୍ରଣ, ଦୃଷ୍ଟିଶକ୍ତି ବୃଦ୍ଧି, ତ୍ୱଚାକୁ ସଫା ରଖିବାରେ ସାହାଯ୍ୟ କରେ। ମାତ୍ରାଧିକ ପିଜୁଳି ମଞ୍ଜି ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ। ଏଥିପାଇଁ ଡାକ୍ତରଙ୍କ ପରାମର୍ଶ ନେବା ଏକାନ୍ତ ଆବଶ୍ୟକ।



# ଆଧୁନିକ ଚିକିତ୍ସାରେ ପେଟ୍ ସ୍କାନ୍



ପେଟ୍ ସ୍କାନ୍ ଏକ ଉନ୍ନତ ଇମେଜିଂ ପରୀକ୍ଷଣ। ପେଟ୍ ସ୍କାନ୍‌କୁ ପୋଜିଟ୍ରନ୍ ଏମିଶନ ଟୋମୋଗ୍ରାଫି ସ୍କାନ୍ କୁହାଯାଏ। ଏହା ମୁଖ୍ୟତଃ କର୍କଟ, ହୃଦ୍‌ରୋଗ ଏବଂ ମସ୍ତିଷ୍କ ବିକାରକୁ ଚିହ୍ନଟ କରିବାକୁ କରାଯାଏ। ଏହି ରୋଗର ଚିକିତ୍ସା ଉପରେ ନଜର ରଖିବାକୁ ବ୍ୟବହୃତ ହୁଏ। ଏଥିରେ ଏକ ସୁରକ୍ଷିତ ରେଡିଓଆକ୍ଟିଭ ଟ୍ରେସର ଉପଯୋଗ କରି ଶରୀରର କୋଷୀୟ କାର୍ଯ୍ୟପ୍ରଣାଳୀର ଫଟୋ ନିଆଯାଏ। ଏହା ଯନ୍ତ୍ରଣାଦାୟକ ନୁହେଁ। ଏଥିପାଇଁ ୩୦ରୁ ୬୦ ମିନିଟ୍ ସମୟ ଲାଗିଥାଏ। ଫଟୋ ଦେଖି ଡାକ୍ତର ରୋଗର ସ୍ଥିତି ଏବଂ ଗତିକୁ ଆକଳନ କରିପାରନ୍ତି। ପେଟ୍ ସ୍କାନ୍ କର୍କଟର ପ୍ରାରମ୍ଭିକ ଚିହ୍ନଟ, ଉପଚାରର ପ୍ରଭାବକୁ ମାପିବା, ମସ୍ତିଷ୍କ ଏବଂ ହୃଦୟ ସମସ୍ୟାର ଯାଞ୍ଚ କରେ। ଏହା ବହୁତ ସୁରକ୍ଷିତ। ହେଲେ ଏହି ପ୍ରକ୍ରିୟା ପାଇଁ ୨ରୁ ୩ଘଣ୍ଟା ସମୟ ଲାଗିଥାଏ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପେଟ୍ ସ୍କାନ୍‌ରେ କିଛି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇଥାଏ। ତନ୍ମଧ୍ୟରୁ ଆଲର୍ଜିକ ପ୍ରତିକ୍ରିୟା, ଶାରୀରିକ ସମସ୍ୟା, ରେଡିଏସନ୍ ଏକ୍ସପୋଜର ଆଦି ଦେଖାଯାଏ। ତେଣୁ ଶରୀରରେ କୌଣସି ପ୍ରକାର ଆଲର୍ଜି ଥିଲେ, ସ୍ତନପାନ କରାଉଥିଲେ ପେଟ୍ ସ୍କାନ୍ କରିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ କରିବା ନିତାନ୍ତ ଆବଶ୍ୟକ।



# ଅତ୍ୟଧିକ ଚିନ୍ତା କ୍ଷତିକାରକ

**ଆଜିକାଲି ଅଧିକାଂଶ ଲୋକ ବ୍ୟସ୍ତ ଜୀବନଶୈଳୀରେ ଚିନ୍ତାଗ୍ରସ୍ତ ହୋଇ ରହିଥାନ୍ତି। ଚିନ୍ତାରେ ମୁଣ୍ଡକୁ ନାନା ଭାବନା ଆସିଥାଏ। ଛୋଟ ଛୋଟ କଥାକୁ ଜଣେ ବାରମ୍ବାର ଭାବନ୍ତି। ନକାରାତ୍ମକ ଚିନ୍ତାଧାରା ଯୋଗୁଁ ମନ ଅଶାନ୍ତି ରୁହେ। ଏହାର ପ୍ରଭାବ ନିଦ ଉପରେ ପଡ଼ିଥାଏ। ଆବଶ୍ୟକତାଠାରୁ ଅଧିକ ଚିନ୍ତା କରିବା କ୍ଷତିକାରକ। ଏହାଦ୍ୱାରା ଜଣେ ମାନସିକ ରୋଗର ଶିକାର ହୋଇପାରନ୍ତି। ଏଥିରୁ ମୁକ୍ତି ପାଇବା ପାଇଁ କିଛି ସହଜ ଉପାୟ ଆପଣାଇପାରିବେ।**

ମନକୁ ଶାନ୍ତ ଏବଂ ସକାରାତ୍ମକ ରଖି ଚିନ୍ତାରୁ ମୁକ୍ତି ପାଇ ପାରିବେ। ନିଜକୁ ବ୍ୟସ୍ତ ରଖନ୍ତୁ। ପଢ଼ାପଢ଼ି କିମ୍ବା ଯେଉଁଥିରେ ରୁଚି ରହିଛି ସେହି କାମ କରି ପାରିବେ। ଚିନ୍ତାରୁ ମୁକ୍ତି ପାଇବା ପାଇଁ ଏକାକୀ ରହିବା ପରିବର୍ତ୍ତେ ପରିବାର ବା ବନ୍ଧୁଙ୍କ ସହ ସମୟ ବିତାନ୍ତୁ। ପ୍ରତିଦିନ ୫ରୁ ୧୦ ମିନିଟ୍ ଧୀରେ ଧୀରେ କରି ଗଭୀର ନିଃଶ୍ୱାସ ନେଇ ପାରିବେ। ଏହାଦ୍ୱାରା ମନକୁ ଶାନ୍ତି ମିଳିଥାଏ। ଚିନ୍ତା କମ୍ ହୁଏ। ଚିନ୍ତା କମାଇବାକୁ ପ୍ରକୃତି ସହିତ ସମୟ ବିତାଇବା ଭଲ। ଯୋଗ ପ୍ରଶିକ୍ଷକଙ୍କ ପରାମର୍ଶ ନେଇ ଚିନ୍ତା ହ୍ରାସ ପାଇଁ ଯୋଗ ବା ପ୍ରାଣାୟାମ କରିପାରିବେ। ଏସବୁ ସତ୍ତ୍ୱେ ଚିନ୍ତା କରୁଥିଲେ ଡାକ୍ତରଙ୍କ ପରାମର୍ଶ ନେବା ନିତାନ୍ତ ଆବଶ୍ୟକ।

### ଟି-୨୦ ବିଶ୍ୱକପ୍: ଅଭିଷେକ-ପାଣ୍ଡ୍ୟା-ତିଳକଙ୍କ ବିସ୍ଫୋରଣ; ଜିମ୍ବାୱେ ବିଦା

# ଭାରତର ସେମିଫାଇନାଲ୍ ଆଶା ଉଜ୍ଜୀବିତ

ଚେନ୍ନଇ, ୨୬।୨ (ଏଜେନ୍ସି): ଚଳିତ ଆଇସିସି ଟି-୨୦ ବିଶ୍ୱକପ୍ ସୁପର୍-୮ ପର୍ଯ୍ୟାୟର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଗୁରୁବାର ଡିଫେଣ୍ଡିଂ ଚାମ୍ପିଅନ ଭାରତ ୭୨ ରନର ବଡ଼ ବ୍ୟବଧାନରେ ଜିମ୍ବାୱେକୁ ପରାସ୍ତ କରିଛି। ଫଳରେ ପ୍ରଥମ ମ୍ୟାଚରେ ଦକ୍ଷିଣ ଆଫ୍ରିକା ନିକଟରୁ ପରାସ୍ତ ହୋଇଥିବାରୁ ଭାରତ ଏବେ ସେମିଫାଇନାଲ ଦୌଡ଼ରେ ତିଷ୍ଠି ରହିଛି। ଗ୍ରୁପ୍-୧ରୁ ପ୍ରଥମ ଦଳ ଭାବେ ଦକ୍ଷିଣ ଆଫ୍ରିକା ସେମିଫାଇନାଲ ଟିକଟ୍ ହାସଲ କରିସାରିଛି। ଏବେ ଦୁଇଟି ମ୍ୟାଚରୁ ୨ ପଏଣ୍ଟ ଲେଖାଏ ପାଇଥିବା ଭାରତ ଓ ୱେଷ୍ଟଇଣ୍ଡିଜ ମୁକାବିଲା ଉପରେ ସମସ୍ତଙ୍କ ନଜର ରହିଛି। ମାର୍ଚ୍ଚ ୧ରେ ଖେଳାଯିବାକୁ ଥିବା ଏହି ମ୍ୟାଚରେ ଯେଉଁ ଦଳ ବିଜୟୀ ହେବ ଗ୍ରୁପ୍-୧'ରୁ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲ ଖେଳିବ।



ଏମ୍. ଚିଦାମ୍ବରମ ଷ୍ଟାଡିୟମରେ ଅନୁଷ୍ଠିତ ଏହି ହାଇସ୍କୋରିଂ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ୍ ହରାଇ ୨୫୬ ରନର ବିଶାଳ ସ୍କୋର କରିଥିଲା। ଓପନର ଅଭିଷେକ ଶର୍ମା (୫୫ ରନ, ୩୦ ବଲ୍) ଓ ହାର୍ଦ୍ଦିକ ପାଣ୍ଡ୍ୟା (୨୩ ବଲରେ ଅପରାଜିତ ୫୫ ରନ) ଦମ୍‌ଦାର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ତିଳକ ବର୍ମା ୪ ଛକା ଓ ୩ ଚୌକା ସହ ୧୬ ବଲରୁ ୪୪ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳକୁ ଫେରିଥିବା ସଞ୍ଜୁ ସାମସନ ୨୪, ଇଶାନ କିଶାନ ୩୮, ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୩୩ ରନ କରିଥିଲେ। ଅସମାପ୍ତ ୫ମ ୱିକେଟ ଯୋଡ଼ିରେ ପାଣ୍ଡ୍ୟା ଓ ତିଳକ ୩୧ ବଲରୁ ୮୪ ରନ ଉଠାଇଥିଲେ। ଯେଉଁଥି ପାଇଁ ଦଳୀୟ ସ୍କୋର ଅଢ଼େଇ ଶହ ରନ ଅତିକ୍ରମ କରିବାରେ ସଫଳ ହୋଇଥିଲା।

ଜବାବରେ ଜିମ୍ବାୱେ ଓପନର୍ ବ୍ରାଏନ ବେନେଟଙ୍କ ଲଢୁଆ ଅର୍ଦ୍ଧଶତକ ସତ୍ତ୍ୱେ ୬ ୱିକେଟରେ ୧୮୪ ରନ କରିପାରିଥିଲା। ବେନେଟ ୬ ଛକା ଓ ୮ ଚୌକା ସହ ୫୯ ବଲରୁ ୯୭ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅଧିନାୟକ ସିକନ୍ଦର ୩୧, ଟି. ମାରୁମାନି ୨୦ ରନ କରିଥିଲେ। ଅର୍ଶଦୀପ୍ ସିଂହଙ୍କୁ ୩ଟି ଏବଂ ଅକ୍ଷର ପଟେଲ, ବରୁଣ ଚକ୍ରବର୍ତ୍ତୀ ଓ ଶିଭମ ଦୁବେଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା। ପାଣ୍ଡ୍ୟା ଶ୍ରେଷ୍ଠ ଖେଳାଳି ହୋଇଥିଲେ।

## ଭାରତର ରେକର୍ଡ ସ୍କୋର

ଭାରତ କରିଥିବା ସ୍କୋର (୨୫୬/୪) ଟି-୨୦ ବିଶ୍ୱକପ୍ ଇତିହାସରେ ଦ୍ୱିତୀୟ ସର୍ବାଧିକ ଦଳଗତ ସ୍କୋର ହୋଇଛି। ପୂର୍ବରୁ ୨୦୦୭ ବିଶ୍ୱକପ୍‌ରେ କେନିଆ ବିପକ୍ଷରେ ଶ୍ରୀଲଙ୍କା ୬ ୱିକେଟରେ ୨୬୦ ରନ ସଂଗ୍ରହ କରିଥିଲା। ସେହିଭଳି ଦୁଇ ଦିନ ତଳେ ଜିମ୍ବାୱେ ବିପକ୍ଷରେ ୱେଷ୍ଟଇଣ୍ଡିଜ ୬ ୱିକେଟରେ ୨୫୪ ରନ କରି ତାଲିକାର ୩ୟ ସ୍ଥାନରେ ରହିଛି। ଅପରପକ୍ଷରେ ଟି-୨୦ ବିଶ୍ୱକପ୍‌ରେ ମଧ୍ୟ ଭାରତର ଏହା ସର୍ବୋଚ୍ଚ ଦଳଗତ ସ୍କୋର ହୋଇଛି। ପୂର୍ବରୁ ୨୦୦୭ ବିଶ୍ୱକପରେ ଇଂଲଣ୍ଡ ବିପକ୍ଷରେ ଭାରତ ୪ ୱିକେଟରେ ୨୧୮ ରନ କରିଥିଲା।

## ସଂକ୍ଷିପ୍ତ ସ୍କୋର

ଭାରତ: ୨୫୬/୪, ୨୦ ଓଭର (ଅଭିଷେକ- ୫୫, ପାଣ୍ଡ୍ୟା- ଅପରାଜିତ ୫୦, ତିଳକ- ଅପରାଜିତ ୪୪, ସୂର୍ଯ୍ୟକୁମାର- ୩୩, ସାମସନ- ୨୪, ଇଶାନ- ୩୮, ସିକନ୍ଦର- ୧/୨୯)।

ଜିମ୍ବାୱେ: ୧୮୪/୬, ୨୦ ଓଭର (ବେନେଟ- ଅପରାଜିତ ୯୭, ରାଜା- ୩୧, ଟୋନୀ- ୧୧, ଅର୍ଶଦୀପ୍- ୩/୧୧)।

## ୱେଷ୍ଟଇଣ୍ଡିଜକୁ ହରାଇଲେ ସେମି ଟିକଟ୍

ବିଶ୍ୱକପ୍ ସୁପର୍-୮ ପର୍ଯ୍ୟାୟର ଗ୍ରୁପ୍-୧ ଏବେ ରୋମାଞ୍ଚକ ସ୍ଥିତିରେ ରହିଛି। ଦୁଇଟି ମ୍ୟାଚ୍ ଜିତି ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ସ୍ଥାନ ପକ୍କା କରିସାରିଛି। ଏବେ ମାର୍ଚ୍ଚ ୧ରେ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ଉପରେ ସମସ୍ତଙ୍କ ନଜର ରହିଛି। ଉଭୟ ଭାରତ ଓ ୱେଷ୍ଟଇଣ୍ଡିଜ ୨ଟି ମ୍ୟାଚରୁ ୨ ପଏଣ୍ଟ ପାଇଛନ୍ତି। ତେଣୁ ଶେଷ ମାର୍ଚ୍ଚରେ ଯେଉଁ ଦଳ ବିଜୟୀ ହେବ ସେମିଫାଇନାଲ ଟିକଟ୍ ହାସଲ କରିବ। ତେଣୁ ଉଭୟ ଦଳ ଲାଗି ଏହା କ୍ୱାର୍ଟର ସଦୃଶ ହୋଇଛି। ଯଦି ବର୍ଷା ଲାଗି ମ୍ୟାଚ୍ ବାତିଲ ହୁଏ ତେବେ ୱେଷ୍ଟଇଣ୍ଡିଜ (+୧.୭୯୧) ଉନ୍ନତ ରନରେଟ୍ ଆଧାରରେ ଭାରତ (-୦.୧୦୦)କୁ ପଛରେ ପକାଇ ସେମିଫାଇନାଲରେ ପହଞ୍ଚିବ।

# ଅପରାଜେୟ ସହ ସେମିରେ ଦକ୍ଷିଣ ଆଫ୍ରିକା

ଅହମ୍ମଦାବାଦ, ୨୬।୨ (ଏଜେନ୍ସି): ଚଳିତ ଆଇସିସି ଟି-୨୦ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା ଦଳ ଏହାର ଅପରାଜେୟ ଧାରା ବଜାୟ ରଖି ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଗୁରୁବାର ମୋଟେରା ଷ୍ଟାଡିୟମରେ ଅନୁଷ୍ଠିତ ସୁପର୍-୮ ପର୍ଯ୍ୟାୟର ଏକ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୯ ୱିକେଟ୍‌ରେ ସହଜରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିଲା। ପୂର୍ବରୁ ଭାରତକୁ ୭୬ ରନରେ ହରାଇଥିବା ଦକ୍ଷିଣ ଆଫ୍ରିକା ସୁପର-୮ରେ ଏହି ଦ୍ୱିତୀୟ ବିଜୟ ସହ ୪ ପଏଣ୍ଟ ପାଇ ଶୀର୍ଷରେ ରହିଛି।



ଏହି ମ୍ୟାଚରେ ୧୭୭ ରନର ଟାର୍ଗେଟକୁ ପିଛା କରିଥିବା ଦକ୍ଷିଣ ଆଫ୍ରିକା ଦମ୍‌ଦାର ଆରମ୍ଭ କରିଥିଲା। ଦୁଇ ଓପନର୍ ଅଧିନାୟକ ଆଇଡେନ ମାର୍କରମ ଓ କ୍ୱିଣ୍ଟନ ଡି କକ୍ ପ୍ରଥମ ୱିକେଟରେ ୪୮ ବଲରୁ ୯୫ ରନ ସଂଗ୍ରହ କରି ବିଜୟ ପଥ ପରିଷ୍କାର କରିଥିଲେ। ୪ଟି ଲେଖାଏ ଚୌକା ଓ ଛକା ସହ ୨୪ ବଲରୁ ୪୭ ରନ କରିଥିବାବେଳେ ଡି କକ୍‌ଙ୍କୁ ଆଉଟ୍ କରି ରୋଷ୍ଟନ ଚେଜ୍ ଏହି ଯୋଡ଼ି ଭାଙ୍ଗିଥିଲେ। ଏହାପରେ ମାର୍କରମଙ୍କ ସହ ରିକ୍ଲେନଟ ଯୋଗ ଦେଇ ଦଳକୁ ଆଉ କୌଣସି କ୍ଷତି ହେବାକୁ ନ ଦେଇ ବିଜୟୀ କରାଇଥିଲେ। ୧୬.୧ ଓଭରରେ ଦକ୍ଷିଣ ଆଫ୍ରିକା ସହଜରେ ଲକ୍ଷ୍ୟ ହାସଲ କରିନେଇଥିଲା। ୨୭ ବଲରେ ଅର୍ଦ୍ଧଶତକ ପୂରଣ କରିଥିବା ମାର୍କରମ ୮୨ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ୪୬ ବଲର ଏହି ଅର୍ଦ୍ଧଶତକୀୟ ପାଳିରେ ସେ ୭ଟି ଚୌକା ଓ ୪ଟି ଛକା ମାରିଥିଲେ। ସେହିଭଳି ରିକ୍ଲେଟନ ୪ଟି ଚୌକା ଓ ୨ଟି ଛକା ସହ ୨୮ ବଲରୁ ୪୫ ରନ କରି ଅପରାଜିତ ରହିଥିଲେ। ଅସମାପ୍ତ ଦ୍ୱିତୀୟ ୱିକେଟ୍ ଭାଗୀଦାରିରେ ଏହି ଦୁଇ ବ୍ୟାଟର୍ ୪୯ ବଲରୁ ୮୨ ରନ ସଂଗ୍ରହ କରିଥିଲେ। ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ୧୧ ଓଭର ଚାଲିଥିବାବେଳେ ୮୩ ରନରେ ୭ଜଣ ବ୍ୟାଟରଙ୍କୁ ହରାଇ ସଙ୍କଟରେ ପଡ଼ିଥିଲା। ତେବେ ୮ମ ୱିକେଟ ଯୋଡ଼ିରେ ଜାସନ ହୋଲ୍ଡର (୩୧ ବଲରେ ୪୯ ରନ) ଓ ରୋମାରିଓ ସେଫର୍ଡ (୩୭ ବଲରେ ଅପରାଜିତ ୫୨ ରନ) ୫୭ ବଲରୁ ୮୯ ରନ ଭାଗୀଦାରି ଗଢ଼ିଥିଲେ। ଫଳରେ ୱେଷ୍ଟଇଣ୍ଡିଜ ୮ ୱିକେଟରେ ୧୭୬ ରନର ସମ୍ମାନଜନକ ସ୍କୋର ଠିଆ କରିପାରିଥିଲା। ଦକ୍ଷିଣ ଆଫ୍ରିକା ପାଇଁ ଲୁନଗି ଏନଗିଡି ୩ ଏବଂ କାଗିସୋ ରାବାଡା ଓ କୋର୍ବିନ ବୋଷ୍ଟ ୨ଟି ଲେଖାଏ ୱିକେଟ୍ ନେଇଥିଲେ।

### ଆଜିର ସୁପର ଏଇଟ୍‌ସ ମ୍ୟାଚ୍

| ପ୍ରତିଦ୍ୱନ୍ଦୀ | ସମୟ | ସ୍ଥାନ |
|---|---|---|
| ନ୍ୟୁଜିଲାଣ୍ଡ-ଇଂଲଣ୍ଡ | ରାତି ୭ଟା | କଲମ୍ବୋ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ସଂକ୍ଷିପ୍ତ ସ୍କୋର

ୱେଷ୍ଟଇଣ୍ଡିଜ: ୧୭୬/୮, ୨୦ ଓଭର (ଶେଫର୍ଡ- ୫୨, ହୋଲ୍ଡର- ୪୯, କିଙ୍ଗ- ୨୧, ହୋପ- ୧୬, ଲୁନଗି- ୩/୩୦)।

ଦକ୍ଷିଣ ଆଫ୍ରିକା: ୧୭୭/୧, ୧୬.୧ ଓଭର (ମାର୍କରମ- ଅପରାଜିତ ୮୨, ରିକ୍ଲେନଟନ- ଅପରାଜିତ- ୪୫, ଡିକକ୍- ୪୭, ଚେଜ- ୧/୪୬)।

# ଶ୍ରୀଲଙ୍କା କ୍ରିକେଟ୍ ଉପରୁ ଭରସା ତୁଟାଅନି: ଶନକା

କଲମ୍ବୋ, ୨୬।୨ (ଏଜେନ୍ସି): ସହ-ଆୟୋଜକ ଶ୍ରୀଲଙ୍କା ଚଳିତ ବିଶ୍ୱକପ୍‌ର ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଯାଇଛି। ବୁଧବାର ଏଠାରେ ଅନୁଷ୍ଠିତ ସୁପର୍-୮'ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ନ୍ୟୁଜିଲାଣ୍ଡ ୬୧ ରନରେ ଶ୍ରୀଲଙ୍କାକୁ ହରାଇ ସେମିଫାଇନାଲରେ ସ୍ଥାନ ପକ୍କା କରିଥିଲା। ପୂର୍ବରୁ ସୁପର୍-୮ ପର୍ଯ୍ୟାୟର ପ୍ରଥମ ମ୍ୟାଚରେ ଇଂଲଣ୍ଡ (୫୧ ରନରେ) ନିକଟରୁ ହାରିଥିବା ଘରୋଇ ଶ୍ରୀଲଙ୍କାର ସେମିଫାଇନାଲ ଖେଳିବା ଆଶା ଧୂଳିସାତ୍ ହୋଇଛି। ଶ୍ରୀଲଙ୍କା କ୍ରମାଗତ ୫ମଥର ଲାଗି ଟି-୨୦ ବିଶ୍ୱକପ୍ ସେମିଫାଇନାଲ ଦୌଡ଼ରୁ ବାହାର ହୋଇଛି। ଏହି ପରାଜୟକୁ କିନ୍ତୁ ଶ୍ରୀଲଙ୍କା ଦଳର ପୂର୍ବତନ କ୍ରିକେଟର୍ ଓ ପ୍ରଶଂସକ ସହଜରେ ଗ୍ରହଣ କରିପାରି ନାହାନ୍ତି। ପରାଜୟକୁ ନେଇ ପ୍ରଶଂସକମାନେ ଦଶୁନ ଶନକାଙ୍କ ନେତୃତ୍ୱାଧୀନ ଶ୍ରୀଲଙ୍କା ଦଳକୁ ତୀବ୍ର ଭର୍ତ୍ସନା କରିଛନ୍ତି। ତେବେ ଅଧିନାୟକ ଶନକା ଦଳର ପ୍ରଦର୍ଶନକୁ ନେଇ ଦେଶବାସୀଙ୍କ ସାମ୍ନାରେ ମତ ରଖିଛନ୍ତି। ଫେସବୁକ୍‌ରେ ଏକ ବିବୃତି ଜାରି କରି ଶନକା କହିଛନ୍ତି, 'ଆଶାନୁଯାୟୀ ପ୍ରଦର୍ଶନ କରିପାରି ନ ଥିବାରୁ ମୁଁ ବହୁତ ଦୁଃଖିତ। ସହ-ଆୟୋଜକ ଦେଶ ଭାବେ ଆମେ ସ୍ପଷ୍ଟ ଯୋଜନା ଓ ଦୃଢ଼ ମନୋବଳ ନେଇ ବିଶ୍ୱକପ ଖେଳିବାକୁ ପଡ଼ିଆକୁ ଓହ୍ଲାଇଥିଲୁ। କିନ୍ତୁ ବହୁ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲୁ ଏବଂ ଯୋଜନାକୁ କାର୍ଯ୍ୟକାରୀ କରିପାରି ନ ଥିଲୁ। ମୁଁ ଭଲ ଭାବେ ଜାଣିଛି ଯେ ଏହି ପ୍ରଦର୍ଶନ ଦେଶର ପ୍ରଶଂସକଙ୍କ ମନୋବଳ ଭାଙ୍ଗିଦେଇଛି। ସେମାନେ ଆଘାତ ଓ କ୍ରୋଧିତ ହୋଇଛନ୍ତି। କିନ୍ତୁ ମୁଁ ବିନମ୍ରତାର ସହ ଦେଶର ପ୍ରଶଂସକଙ୍କୁ କହୁଛି ଯେ ସେମାନେ ଶ୍ରୀଲଙ୍କା କ୍ରିକେଟ୍ ଉପରୁ ଭରସା ତୁଟାନ୍ତୁ ନାହିଁ। ଦେଶର କ୍ରିକେଟ୍ ଲିଗାସିକୁ ଆଗକୁ ନେବା ପାଇଁ ଖେଳାଳିମାନେ ପ୍ରତିବଦ୍ଧ' ବୋଲି ଶନକା କହିଛନ୍ତି।



# ଫୁଟ୍‌ବଲ୍ କ୍ଲବ୍ କିଣିଲେ ରୋନାଲ୍ଡୋ

ମାଦ୍ରିଦ, ୨୬।୨ (ଏଜେନ୍ସି): ପର୍ତ୍ତୁଗାଲର ମହାନ ଫୁଟ୍‌ବଲର୍ କ୍ରିଷ୍ଟିଆନୋ ରୋନାଲ୍ଡୋ ଏବେ ଖେଳାଳିରୁ ମାଲିକ ବନିଛନ୍ତି। ୪୧ ବର୍ଷୀୟ ରୋନାଲ୍ଡୋ ସ୍ପେନର ଦ୍ୱିତୀୟ ଡିଭିଜନ କ୍ଲବ 'ୟୁଡି ଆଲମେରିଆ'ର ସହ-ମାଲିକ ହୋଇଛନ୍ତି। ସାଉଦି ଆରବର ଇନଭେଷ୍ଟର ମହମ୍ମଦ ଅଲ୍-ଖେରେଇଜିଙ୍କ ଏସଏମସି ଗ୍ରୁପ୍ ମାଲିକାନାରେ ଥିବା ଏହି କ୍ଲବର ୨୫ ପ୍ରତିଶତ ଅଂଶଧନ ରୋନାଲ୍ଡୋ କ୍ରୟ କରିଛନ୍ତି। ରୋନାଲ୍ଡୋଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା 'ସିଆର୍୭ ସ୍ପୋର୍ଟ୍ସ ଇନଭେଷ୍ଟମେଣ୍ଟ କମ୍ପାନୀ' ଏହି ନିବେଶ କରିଥିବା ଜଣାପଡ଼ିଛି। ତେବେ ଏହି ନିବେଶର ଆର୍ଥିକ ବିବରଣୀ ପ୍ରକାଶ କରାଯାଇନାହିଁ। 'ପଡ଼ିଆ ବାହାରେ ଫୁଟ୍‌ବଲରେ ଅବଦାନ ଦେବା ମୋର ଦୀର୍ଘ ଦିନର ଇଚ୍ଛା ଥିଲା' ବୋଲି ରୋନାଲ୍ଡୋ ତାଙ୍କ ବିବୃତ୍ତିରେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ରୋନାଲ୍ଡୋ ତାଙ୍କ କ୍ୟାରିୟରରେ ଦୀର୍ଘ ୯ ବର୍ଷ ସ୍ପାନିଶ କ୍ଲବ ରିୟଲ ମାଦ୍ରିଦ ପାଇଁ ଖେଳି ୨ଥର ଲା ଲିଗା ଟ୍ରଫି ଜିତିଥିଲେ। ବର୍ତ୍ତମାନ ସେ ସାଉଦୀ ପ୍ରୋ ଲିଗ୍‌ରେ ଅଲ୍-ନାସାର କ୍ଲବ ପାଇଁ ୨୦୨୨ରୁ ପ୍ରତିନିଧିତ୍ୱ କରିଆସୁଛନ୍ତି।



# ଜର୍ମାନୀ ଓପନ: ଦ୍ୱିତୀୟ ରାଉଣ୍ଡରେ ଶ୍ରୀକାନ୍ତ

ନୂଆଦିଲ୍ଲୀ, ୨୬।୨ (ଏଜେନ୍ସି): ଜର୍ମାନୀ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭେଟେରାନ ଭାରତୀୟ ଖେଳାଳି କିଦାମ୍ବୀ ଶ୍ରୀକାନ୍ତ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ମ୍ୟାଚରେ ଶ୍ରୀକାନ୍ତ ୨୧-୧୨, ୨୧-୧୧ ସିଧାସଳଖ ଗେମ୍‌ରେ ପୋଲାଣ୍ଡର ମିକୋଲାଲ ଜିମାନୋୱସ୍କିଙ୍କୁ ପରାସ୍ତ କରିଥିଲେ। ସେହିଭଳି ଅନ୍ୟତମ ଭାରତୀୟ କିରନ ଜର୍ଜ ଓ ତରୁନ ମାନେପାଲ୍ଲି ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି। ଅପରପକ୍ଷରେ ମହିଳା ସିଙ୍ଗଲ୍ସରେ ତସନିମ ମିର୍, ଇଶାରାଣୀ ବରୁଆ, ଆକର୍ଷୀ କାଶ୍ୟପ, ରକ୍ଷିତା ଶ୍ରୀ, ମାଳବିକା ବଂଶୋଦ ଓ ତନଭି ଶର୍ମା ମଧ୍ୟ ପ୍ରଥମ ରାଉଣ୍ଡରେ ପରାଜୟର ସାମ୍ନା କରିଥିଲେ।

# ସିରିଜ୍‌କୁ ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ଭାରତ

ହୋବାର୍ଟ, ୨୬।୨ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବା ବିଶ୍ୱ ଚାମ୍ପିଅନ ଭାରତୀୟ ମହିଳା କ୍ରିକେଟ୍ ଦଳ ଏବେ ଦିନିକିଆ ସିରିଜ ପରାଜୟକୁ ଏଡ଼ାଇବା ଲକ୍ଷ୍ୟରେ ରହିଛି। ସିରିଜର ପ୍ରଥମ ଦିନିକିଆକୁ ଘରୋଇ ଅଷ୍ଟ୍ରେଲିଆ ମହିଳା ଦଳ ୬ ୱିକେଟରେ ସହଜରେ ଜିତିନେଇଥିଲା। ତିନି ମ୍ୟାଚ୍‌ବିଶିଷ୍ଟ ସିରିଜର ଦ୍ୱିତୀୟ ମୁକାବିଲା ଶୁକ୍ରବାର ଏଠାରେ ଖେଳାଯିବ। ତେଣୁ ୧-୦ରେ ପଛୁଆ ରହିଥିବା ହରମନପ୍ରୀତ୍ କୌରଙ୍କ ଦଳ ଏହି ମ୍ୟାଚ୍ ଜିତି ସିରିଜକୁ ବରାବର୍‌ସ୍ଥିତିକୁ ଆଣିବାକୁ ଲକ୍ଷ୍ୟ ରଖିଛି। ଆଲିସା ହେଲୀଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ଏହି ମ୍ୟାଚ୍ ଜିତି ଟି-୨୦ ସିରିଜ ପରାଜୟର ପ୍ରତିଶୋଧ ନେବା ଲକ୍ଷ୍ୟରେ ରହିଛି।

# ଦୁବାଇ ଓପନ୍ ସେମିରେ ମେଡଭେଡେଭ

ଦୁବାଇ, ୨୬।୨ (ଏଜେନ୍ସି): ରୁଷିଆ ତାରକା ଡାନିଲ ମେଡଭେଡେଭ ଏଠାରେ ଚାଲିଥିବା ଦୁବାଇ ଓପନ୍‌ର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଲଢ଼େଇରେ ୩ ସିଡ୍ ମେଡଭେଡେଭ ୬-୨, ୬-୧ ସିଧାସଳଖ ସେଟରେ ଆମେରିକାର ଜେନସନ ବ୍ରୁକ୍ସବେଙ୍କୁ ହରାଇଥିଲେ। ଏଠାରେ ବିଜୟୀ ହେଲେ ଡାନିଲଙ୍କ କ୍ୟାରିୟରର ଏହା ୨୨ତମ ଟାଇଟଲ୍ ହେବ। ତେବେ ମେଡଭେଡେଭ ଆଜି ପର୍ଯ୍ୟନ୍ତ କ୍ୟାରିୟରରେ କୌଣସି ଟୁର୍ଣ୍ଣାମେଣ୍ଟକୁ ୨ୟଥର ଜିତିପାରିନାହାନ୍ତି। ତେଣୁ ୨୦୨୩ରେ ଏଠାରେ ଟାଇଟଲ୍ ଜିତିଥିବା ମେଡଭେଡେଭଙ୍କ ନିକଟରେ ଏବେ ଦ୍ୱିତୀୟଥର ଲାଗି ଦୁବାଇ ଓପନ୍ ଜିତିବାର ସୁଯୋଗ ସୃଷ୍ଟି ହୋଇଛି।

# ଗୋଟିଏ ଓଭରରେ ୩୬ ରନ୍ ବ୍ୟୟ କଲେ ଉମ୍ରାନ୍

ମୁମ୍ବଇ, ୨୬।୨ (ଏଜେନ୍ସି): ଭାରତର ସବୁଠୁ ଦ୍ରୁତତମ ବୋଲରର ମାନ୍ୟତା ପାଇଥିବା ଜମ୍ମୁ-କଶ୍ମୀରର ଉମ୍ରାନ ମଲିକ ଖରାପ ଫର୍ମ ଓ ଫିଟନେସ ଲାଗି ବର୍ତ୍ତମାନ ଜାତୀୟ ଦଳରୁ ଦୂରେଇ ରହିଛନ୍ତି। ତେବେ ମୁମ୍ବଇରେ ଚାଲିଥିବା ଡିୱାଇ ପାଟିଲ ଟି-୨୦ କପ୍‌ରେ ବ୍ୟୟବହୁଳ ବୋଲିଂ କରି ଉମ୍ରାନ ପୁଣିଥରେ ଖବରରେ ରହିଛନ୍ତି। ଟାଟା ସ୍ପୋର୍ଟ୍ସ କ୍ଲବ ପାଇଁ ଖେଳୁଥିବା ଉମ୍ରାନ ମୁମ୍ବାଇ କଷ୍ଟମ୍ସ ବିପକ୍ଷ ମ୍ୟାଚରେ ୨ ଓଭର ବୋଲିଂ କରି ୫୯ ରନ ବ୍ୟୟ କରିଥିଲେ। ଯେଉଁଥିରେ ଉମ୍ରାନ ପ୍ରଥମ ଓଭଭରରେ ୨୩ ଓ ଦ୍ୱିତୀୟ ଓଭରରେ ୩୬ ରନ ଦେଇ ନୈରାଶ୍ୟଜନକ ପ୍ରଦର୍ଶନ କରିଛନ୍ତି। ଦ୍ୱିତୀୟ ଓଭରରେ ସେ ୩ଟି ଲେଖାଏ ଚୌକା ଓ ଛକା ଏବଂ ନୋ ବଲ୍ ଓ ୱାଇଡ୍ ପକାଇ ଏହି ୩୬ ରନ ବ୍ୟୟ କରିଥିଲେ। ଉମ୍ରାନଙ୍କ ଏହି ପ୍ରଦର୍ଶନ ତାଙ୍କ ଆଇପିଏଲ୍ ଦଳ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ପାଇଁ ଚିନ୍ତାର କାରଣ ପାଲଟିଛି। ଗତ ସିଜନରେ କେକେଆର ଫ୍ରାଞ୍ଚାଇଜ ତାଙ୍କୁ ୭୫ ଲକ୍ଷ ଟଙ୍କାରେ କ୍ରୟ କରିଥିଲା। ୨୪ ବର୍ଷୀୟ ଉମ୍ରାନ ଭାରତ ପାଇଁ ୧୦ଟି ଦିନିକିଆ ଓ ୮ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି। ଶେଷଥର ଲାଗି ସେ ୨୦୨୩ରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ।



### ■ କଳାହାଣ୍ଡି କପ୍

# ଗଜପତି, ଗଞ୍ଜାମ, ଅନୁଗୋଳ ବିଜୟୀ

ଭୁବନେଶ୍ୱର, ୨୬।୨ (ସମିସ): ଓସିଏ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲ୍ଲା ବରିଷ୍ଠ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ରେ ଗୁରୁବାର ୯ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଅନୁଗୋଳ, କଟକ-ଏ, ଗଞ୍ଜାମ, ଗଜପତି ବଡ଼ ବିଜୟ ହାସଲ କରିଛି। ଅଡ଼ଶପୁର ଗ୍ରାଉଣ୍ଡରେ ଗଜପତି ୯ ୱିକେଟରେ ରାୟଗଡ଼ାକୁ, ରେଭେନସା ଗ୍ରାଉଣ୍ଡ-୨ରେ ଗଞ୍ଜାମ ୯୪ ରନରେ କିଟ୍‌କୁ, କଟକ-ଏ ୧୫୨ ରନରେ ଝାରସୁଗୁଡ଼ାକୁ, ଅନୁଗୋଳ ୯ ୱିକେଟରେ ଭଦ୍ରକକୁ ପରାସ୍ତ କରିଛି। ସେହିଭଳି ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ପୁରୀ ୭ ୱିକେଟରେ ଭୁବନେଶ୍ୱର-ବି'କୁ, ବରଗଡ଼ ୬ ୱିକେଟରେ ମୟୂରଭଞ୍ଜକୁ, କେନ୍ଦୁଝର ୬ ୱିକେଟରେ ବାଲେଶ୍ୱରକୁ, କଳାହାଣ୍ଡି ୬୨ ରନରେ ଜଗତସିଂପୁରକୁ, କନ୍ଧମାଳ ୪ ୱିକେଟରେ ନୂଆପଡ଼ାକୁ ହରାଇ ପଏଣ୍ଟ ହାସଲ କରିଛି। ଆଜିର ମ୍ୟାଚଗୁଡ଼ିକରେ ଅନୁଗୋଳର ଆକାଶ ପ୍ରଧାନ (୩/୨୨), ପୁରୀର ବିନୟ ପାଇକରାୟ (୭୩ ରନ), ବରଗଡ଼ର ଅଜିତ ଯାଦବ (୩/୨୩), କେନ୍ଦୁଝରର ଋତୁରାଜ ମହାନ୍ତି (୯୧ ରନ), କଳାହାଣ୍ଡିର ଆଶୁତୋଷ କୁମାର (୪/୪୭), କନ୍ଧମାଳର ରଶ୍ମି ସାହୁ (୫୨ ରନ), କଟକ-ଏ'ର ରାଜେଶ ଧୂପର (୬୩ ରନ), ଗଞ୍ଜାମର ରୋହିତ ସାଗର (୫/୧୧), ଗଜପତିର ଶୁଭମ ରାଉତ(୫/୧୯) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।




### ରଣଜୀ ଟ୍ରଫି ଫାଇନାଲ

# ଫଲୋଅନ ଦ୍ୱାରରେ କର୍ଣ୍ଣାଟକ; ମୟଙ୍କଙ୍କ ଲଢ଼େଇ ଜାରି

ବେଙ୍ଗାଲୁରୁ, ୨୬।୨ (ଏଜେନ୍ସି): ଆଠଥରର ଚାମ୍ପିଅନ କର୍ଣ୍ଣାଟକ ବିପକ୍ଷରେ ଚାଲିଥିବା ରଣଜୀ ଟ୍ରଫି ଫାଇନାଲରେ ଜମ୍ମୁ-କଶ୍ମୀର ଦୃଢ଼ସ୍ଥିତିରେ ରହିଛି। ଜମ୍ମୁ-କଶ୍ମୀରର ୫୮୪ ରନ ଜବାବରେ କର୍ଣ୍ଣାଟକ ପ୍ରଥମ ପାଳିରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଗୁରୁବାର ୩ୟ ଦିବସ ଖେଳ ଶେଷ ସୁଦ୍ଧା କର୍ଣ୍ଣାଟକ ୬୯ ଓଭରରେ ୫ ୱିକେଟ ହରାଇ ୨୨୦ ରନ ସଂଗ୍ରହ କରି ଫଲୋଅନ ଏଡ଼ାଇବାକୁ ସଂଘର୍ଷ କରୁଛି। ଅଭିଜ୍ଞ ବ୍ୟାଟର୍ ମୟଙ୍କ ଅଗରୱାଲ ଅପରାଜିତ ଶତକୀୟ ପାଳି ଖେଳି ଦଳକୁ ଫଲୋଅନରୁ ରକ୍ଷା କରିବା ଲାଗି ଲଢ଼େଇ ଜାରି ରଖିଛନ୍ତି। ଷ୍ଟମ୍ପବେଳକୁ ମୟଙ୍କ ୧୩୦ ଓ କୃତିର୍ଥ କ୍ରିଷ୍ଣା ୨୭ ରନ କରି ଅପରାଜିତ ରହିଛନ୍ତି। ଓପନିଂ ଆସିଥିବା ମୟଙ୍କ ତାଙ୍କ ୨୦୭ ବଲ୍ ପାଳିରେ ୧୭ଟି ଚୌକା ମାରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓପନର୍ ଲୋକେଶ ରାହୁଲ (୧୩), ଅଧିନାୟକ ଦେବଦତ୍ତ ପଡ଼ିକଲ (୧୧) ଓ ଶ୍ରେୟସ ଗୋପାଳ (୨୭ ରନ) ନିରାଶ କରିଥିଲେ। ସେହିଭଳି କରୁଣ ନାୟାର ଓ ସ୍ମରଣ ରବିଚନ୍ଦ୍ରନ ଖାତା ଖୋଲିବା ପୂର୍ବରୁ ଜମ୍ମୁର ତାରକା ବୋଲର ଆକ୍ୱିବ ନବି ଦାରଙ୍କ ଶିକାର ବନିଥିଲେ। ନବି ସର୍ବାଧିକ ୩ଟି ଏବଂ ସୁନିଲ କୁମାର ଓ ଯୁଦ୍ଧବୀର ସିଂହଙ୍କୁ ଗୋଟିଏ ଲେଖାଏ ୱିକେଟ୍ ମିଳିଛି। ଏଥିସହ ଚଳିତ ରଣଜୀ ସିଜନରେ ନବିଙ୍କ ମୋଟ୍ ୱିକେଟ୍ ସଂଖ୍ୟା ୫୬ରେ ପହଞ୍ଚିଛି। ପ୍ରଥମ ପାଳିର ଆଉ ୫ ୱିକେଟ୍ ବଳକା ଥାଇ କର୍ଣ୍ଣାଟକ ଫଲୋଅନ ଏଡ଼ାଇବାକୁ ଆହୁରି ୧୬୪ ରନ ଆବଶ୍ୟକ କରୁଛି।




ପୂର୍ବ ଦିନର ଅସମାପ୍ତ ସ୍କୋର ୫୨୭/୬ରୁ ଗୁରୁବାର ବ୍ୟାଟିଂ ଆରମ୍ଭ କରିଥିବା ଜମ୍ମୁ ଆଉ ୫୭ ରନ ଯୋଡ଼ି ଅଲ୍‌ଆଉଟ୍ ହୋଇଯାଇଥିଲା। ଜମ୍ମୁ ପାଳିରେ ଶୁଭମ ପୁନ୍ଦିର (୧୨୧) ଶତକୀୟ ପାଳି ଖେଳିଥିଲେ। ସେହିଭଳି ୫ଜଣ ବ୍ୟାଟର୍ ୟାୱିର ହାସାନ (୮୮), ଅଧିନାୟକ ପାରସ ଡୋଗ୍ରା (୭୦), ଅବଦୁଲ ସମାଦ (୬୧), କହ୍ନେୟା ୱାଧନ (୭୦) ଓ ସାହିଲ ଲୋତ୍ରା (୭୨) ଅର୍ଦ୍ଧଶତକ ହାସଲ କରିଥିଲେ। ସଫଳ ବୋଲର ଭାବେ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ୫ଟି ୱିକେଟ୍ ମିଳିଥିଲା।

## ସଂକ୍ଷିପ୍ତ ସ୍କୋର

ଜମ୍ମୁ-କଶ୍ମୀର ପ୍ରଥମ ପାଳି: ୫୮୪/୧୦, ୧୭୩.୧ ଓଭର (ପୁନ୍ଦିର- ୧୨୧, ସମାଦ- ୬୧, ଡୋଗ୍ରା- ୭୦, କହ୍ନେୟା- ୭୦, ହାସାନ- ୮୮, ଲୋତ୍ରା- ୭୨, ପ୍ରସିଦ୍ଧ କ୍ରିଷ୍ଣା- ୫/୯୮)।

କର୍ଣ୍ଣାଟକ: ୨୨୦/୫, ୬୯ ଓଭର (ମୟଙ୍କ ଅପରାଜିତ- ୧୩୦, ରାହୁଲ- ୧୩, ପଡ଼ିକଲ- ୧୧, କରୁଣ-୦, ଗୋପାଳ- ୨୭, ଆକ୍ୱିବ- ୩/୩୨)।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS